# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ସେପ୍ଟେମ୍ବର ୨୨/୨୦୨୦ (୧୨ପୃଷ୍ଠା) | Berhampur, Tuesday, September 22/2020 | ★★★

୧୬ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



Presenting

# SONET

## WILD BY DESIGN

| 1.5l CRDi Diesel Engine with 6 Speed Advance AT | Smart Pure Air Purifier with Virus Protection | 26.03 CM (10.25") Advanced HD Touchscreen Navigation | BOSE Premium 7-Speaker Sound System |
|---|---|---|---|
| First-in-segment | First-in-world | First-in-segment | First-in-segment |




## Price Starting at ₹6.71 Lakh#

Visit: www.kia.com/in | Book Kia Sonet | Call 1800 108 5000 | Contact your nearest Kia Dealership now

The aggressive stance and muscular build of the Sonet are complemented by an array of segment-first features, state-of-the-art connectivity, classy interiors and much more. So, ruling the urban streets comes to it naturally. It's thrilling and it's here.

First-in-segment




**1.5l CRDi Diesel Engine with 6 Speed Advance AT** that offers the power of diesel in advanced automatic

First-in-world



**Smart Pure Air Purifier with Virus Protection** ensures you breathe the cleanest of air inside

First-in-segment



**26.03 cm (10.25") Advanced HD Touchscreen Navigation** for amazing connectivity & entertainment

First-in-segment



**BOSE Premium 7-Speaker Sound System with LED Sound Mood Light** for an immersive experience

First-in-segment



**Ventilated Front Seats** cool you down in hot & humid conditions

Best-in-segment




**UVO** with 57 smart, connected features, like OTA map updates & AI Voice Command

**Host of other new features:** New-age Transmission - iMT (Intelligent Manual Transmission) | Largest 392l Boot Space** | Front and Rear Parking Sensors | Six Airbags with ESC, HAC, ESS, ACN & VSM | Kia Signature Tiger Nose Grille | Crown Jewel LED Headlamps with Heartbeat LED DRLs | Heartbeat LED Tail Lamps | Electric Sunroof | Sportier Dual Muffler Design | 10.7 cm (4.2") Advanced Color Instrument Cluster | Multi-drive Modes & Traction Control | Wireless Smartphone Charger with Cooling Function | R16-40.64 cm (16") Premium Crystal Cut Alloys | Highline Tyre Pressure Monitor | MT Remote Engine Start | Driving Rear View Monitor | Electric Folding Outside Mirrors | Smart Key with Push Button Start | Red Front Brake Calipers

### Close to you, no matter where you are.

Kia has a nationwide network of dealerships and service centres to ensure ready spare parts and service availability for complete peace of mind.

| 160 | 265 | 206 | 192 |
|---|---|---|---|
| City Coverage | Consumer Touchpoints | Sales Points | Service Points |

KIA | Service Promise to Care
Connected • Adaptive • Responsive • Engage

• Nationwide Kia Care network with easy availability of Genuine Spare Parts • 3 Years Warranty for Unlimited Kms & up to 5th Year optional Extended Warranty • 3 Years 24/7 Roadside Assistance • Kia Link service support app & IoT based workshops with Live Vehicle Tracking for digital experience • Scratch Care program for one-time free repair* • My Convenience, the most unique customised maintenance program*

**For more information contact: 1800 108 5000 | kiacare@kiamotorsindia.in**

@KiaMotorsIN | @KiaMotorsIN | Kia Motors India | @KiaMotorsIN

Scan to discover more

#Ex-showroom all India (except Kerala). *T&C Apply. The product shown is for representation purpose only, actual features, colors and specifications as shown may not be part of standard fitment and may vary. Visit your nearest Kia dealership for more details. **VDA method. Visit your nearest Kia dealership for more details. UVO functionality is dependent on mobile network strength. Smartwatch and mobile phone are not provided with the vehicle. Kia Motors India Pvt. Ltd. reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.

INNOCEAN-111/20

KIA

The Power to Surprise

FOR INFORMATION CONTACT: **BHUBANESHWAR:** CONSORTIUM MOTORS PRIVATE LIMITED, PH: 7064111999 **SAMBALPUR:** CONSORTIUM MOTORS PRIVATE LIMITED, PH: 7064111999 **ANGUL:** CONSORTIUM MOTORS PRIVATE LIMITED, PH: 7064111999

# ରାଫାଲ୍ ଉଡ଼ାଇବେ ମହିଳା ପାଇଲଟ

ନୂଆଦିଲ୍ଲୀ,୨୧ା୯(ପି.ଟି.)



ନିକଟରେ ଭାରତୀୟ ବାୟୁସେନାର ୧୭ତମ ସ୍କ୍ୱାର୍ଡନରେ ସାମିଲ ହୋଇଥିବା ଲଢୁଆ ରାଫାଲ୍ ଯୁଦ୍ଧ ବିମାନକୁ ମହିଳା ପାଇଲଟ ଉଡ଼ାଇବେ। ଏହି ସ୍କ୍ୱାଡ୍ରନରେ ବାୟୁସେନାର ୧୦ଜଣ ମହିଳା ପାଇଲଟଙ୍କୁ ସାମିଲ କରାଯିବ। ଏଥିପାଇଁ ସେମାନଙ୍କୁ ତାଲିମ୍ ଦିଆଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କ ନାମ ଘୋଷଣା କରାଯିବ ବୋଲି ବାୟୁସେନା ପକ୍ଷରୁ କୁହାଯାଇଛି। ରାଫାଲ୍ ଉଡ଼ାଇବା ପାଇଁ ତାଲିମ୍ ନେଉଥିବା ମହିଳା ପାଇଲଟମାନେ ବର୍ତ୍ତମାନ ମିଗ୍-୨୧ରେ ନିୟୋଜିତ ଅଛନ୍ତି। ମିଗ୍-୨୧ ଏବଂ ରାଫାଲ୍ ଉଡ଼ାଇବା ମଧ୍ୟରେ ବିଶେଷ ପାର୍ଥକ୍ୟ ରହିଥିବାରୁ ସେମାନଙ୍କୁ ଅଧିକ ତାଲିମ୍ ଦିଆଯାଉଛି। ପ୍ରକାଶ ଯେ, ବାୟୁସେନାରେ ମୋଟ୍ ୪୨୩୧ଜଣ ପାଇଲଟଙ୍କ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ବାୟୁସେନାରେ ପ୍ରାୟ ୩୦୦ ଯୁଦ୍ଧ ବିମାନ ପାଇଲଟଙ୍କ ଅଭାବ ରହିଛି। ବିଶେଷକରି ମହିଳା ପାଇଲଟଙ୍କ ସଂଖ୍ୟା କମ୍ ରହିଛି। ୨୦୧୬ରୁ ସରକାର ମହିଳା ପାଇଲଟଙ୍କୁ ଯୁଦ୍ଧ ବିମାନ ଉଡ଼ାଇବାକୁ ଅନୁମତି ପ୍ରଦାନ କରିଛନ୍ତି। ଫ୍ରାନ୍ସ ନିର୍ମିତ ଅତ୍ୟାଧୁନିକ ଫାଇଟର ଜେଟ ରାଫାଲ ବାୟୁସେନାରେ ସାମିଲ ହେବା ପରେ ଭାରତୀୟ ବାୟୁସେନାର ଶକ୍ତି ବହୁଗୁଣିତ ହୋଇଛି। ଚଳିତ ମାସ ପ୍ରାରମ୍ଭରେ ଅମ୍ବାଲା ବେସ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଯୁଦ୍ଧ ବିମାନ ସେନାରେ ସାମିଲ ହୋଇଛି।

## ମହାରାଷ୍ଟ୍ରରେ ଭୁଶୁଡ଼ିଲା କୋଠା, ୧୦ ମୃତ

ଭିୱଣ୍ଡି,୨୧ା୯

ମହାରାଷ୍ଟ୍ର ଥାଣେର ଭିୱଣ୍ଡିରେ ସୋମବାର ସକାଳେ ଏକ ତିନି ମହଲା କୋଠା ଭୁଶୁଡ଼ି ପଡ଼ିବା ଫଳରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପଟେଲ କମ୍ପାଉଣ୍ଡରେ ଥିବା ଏହି କୋଠାଟି ସୋମବାର ପ୍ରାୟ ଭୋର ୩ଟା ୪୦ରେ ଭାଙ୍ଗି ପଡ଼ିଥିଲା। ଖବରପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ଦ୍ୱାରା ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୫ଜଣ ଆହତଙ୍କୁ ତୁରନ୍ତ ହସ୍ପିଟାଲ ପଠାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ଆଗକୁ ମୃତାହତଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି।

## ନୌସେନାରେ ନିଯୁକ୍ତି ପାଇଲେ ୨ମହିଳା ଅଧିକାରୀ

ନୂଆଦିଲ୍ଲୀ,୨୧ା୯(ପି.ଟି.)



ରୀତି ସିଂ     କୁମୁଦିନୀ ତ୍ୟାଗୀ

ଭାରତୀୟ ନୌସେନାରେ ପ୍ରଥମଥର ପାଇଁ ୨ଜଣ ମହିଳା ଅଧିକାରୀ ଯୋଗଦେଇଛନ୍ତି। ଏହି ୨ ଅଧିକାରୀଙ୍କୁ ନୌସେନାରେ ହେଲିକପ୍ଟର ବିଭାଗରେ ଅବ୍‌ଜରଭର ଭାବେ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ସବ୍‌ଲ୍ୟୁଟନାଣ୍ଟ କୁମୁଦିନୀ ତ୍ୟାଗୀ ଏବଂ ସବ୍‌ଲ୍ୟୁଟନାଣ୍ଟ ରୀତି ସିଂ। ଏହି ୨ମହିଳା ଅଧିକାରୀଙ୍କୁ ଭାରତୀୟ ନୌସେନାର ଯୁଦ୍ଧ ପୋତରେ ଅବ୍‌ଜରଭର ଭାବେ ନିଯୁକ୍ତି ଦିଆଯାଇଛି। ନୌସେନା ପ୍ରବକ୍ତା ବିବେକ ମଧବାଲ୍‌ଙ୍କ କହିଛନ୍ତି ଯେ, ଏହି ୨ ଅଧିକାରୀ ଇତିହାସରେ ପ୍ରଥମ ଥର ପାଇଁ ଯୁଦ୍ଧ ପରିସ୍ଥିତିରେ ମହିଳା ଅଫିସର ଭାବେ ସାମିଲ ହେବେ। ୱାରସିପ୍‌ର ଅବ୍‌ଜରଭାବେ ୧୭ଜଣଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସେମାନଙ୍କ ମଧ୍ୟରେ କୁମୁଦିନୀ ଏବଂ ରୀତି ଅନ୍ୟତମ।

## କଟକଣା ମଧ୍ୟରେ ଖୋଲିଲା ସ୍କୁଲ

ନୂଆଦିଲ୍ଲୀ,୨୧ା୯(ପି.ଟି.)

**ଓଡ଼ିଶା, ଦିଲ୍ଲୀ, ଗୁଜରାଟ, ୟୁପିରେ ଖୋଲିଲାନି**

କରୋନା ମହାମାରୀ ଯୋଗୁ ଦୀର୍ଘ ୬ମାସ ଧରି ବନ୍ଦ ରହିଥିବା ସ୍କୁଲ କଲେଜ ସୋମବାର କଟକଣା ମଧ୍ୟରେ ଖୋଲିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଅନ୍‌ଲକ୍-୪ ଗାଇଡଲାଇନ୍ ଅନୁସାରେ ଦେଶର କେତେକ ରାଜ୍ୟରେ ସ୍ୱେଚ୍ଛାକୃତ ଭାବେ ବିଦ୍ୟାଳୟଗୁଡ଼ିକୁ ଆଂଶିକ ଭାବେ ଖୋଲାଯାଇଛି। ନବମରୁ +୨ ଶ୍ରେଣୀରେ ପଢୁଥିବା ପିଲାଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ସ୍କୁଲ୍‌ଗୁଡ଼ିକ ଆଂଶିକ ଖୋଲା ରଖିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତ ୮ତାରିଖରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜୁଅର(ଏସ୍‌ଓପି) ଜାରି କରିଥିଲେ। ଏହାକୁ ବାଧ୍ୟତାମୂଳକ କରା ନ ଯାଇ ଶିକ୍ଷକଙ୍କ ଠାରୁ ପିଲାମାନେ ଆସି ପାଠ ବୁଝିପାରିବେ ବୋଲି କୁହାଯାଇଥିଲା। ଏହି ଏସ୍‌ଓପି ଅନ୍‌ଲକ୍-୪ର ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଥିଲା। ନବମରୁ +୨ ମଧ୍ୟରେ ପଢୁଥିବା ପିଲାମାନେ କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରେ ଥିବା ସେମାନଙ୍କ ସ୍କୁଲକୁ ଯାଇପାରିବେ। ସେଠାରେ ତାଙ୍କର ପଢ଼ାରେ ଯଦି କୌଣସି ସନ୍ଦେହ ରହିଥିବ ତାହା ବୁଝି ପାରିବେ। ଆଉ ଏଥିପାଇଁ ସମ୍ପୃକ୍ତ ପିଲାଙ୍କ ଅଭିଭାବକଙ୍କ ଲିଖିତ ସ୍ୱୀକୃତି ରହିବା ଆବଶ୍ୟକ ବୋଲି କୁହାଯାଇଥିଲା। କେନ୍ଦ୍ର ସରକାରଙ୍କ ଏସ୍‌ଓପିକୁ ପାଳନ କରି ଆନ୍ଧ୍ରପ୍ରଦେଶ, ଜମ୍ମୁ କଶ୍ମୀର, ତାମିଲନାଡୁ, ପଞ୍ଜାବ, ନାଗାଲାଣ୍ଡ, ହିମାଚଳପ୍ରଦେଶ, ଆସାମ ଏବଂ ହରିୟାଣା ଆଦି ରାଜ୍ୟରେ ଆଂଶିକଭାବେ କେତେକ ବିଦ୍ୟାଳୟ ଖୋଲାଯାଇଛି। ଅପରପକ୍ଷରେ ବର୍ତ୍ତମାନର କରୋନା ସ୍ଥିତିକୁ ଦେଖି ଅନେକ ରାଜ୍ୟରେ ସ୍କୁଲଗୁଡ଼ିକ ଖୋଲାଯାଇ ନାହିଁ। ସେଗୁଡ଼ିକ ମଧ୍ୟରେ ଓଡ଼ିଶା, କର୍ନାଟକ, ଗୋଆ, ଉତ୍ତରପ୍ରଦେଶ, ଦିଲ୍ଲୀ, ଗୁଜରାଟ ଏବଂ ଉତ୍ତରାଖଣ୍ଡ ଆଦି ରହିଛି।

## ୬ ମାସ ପରେ ତାଜମହଲରେ ପର୍ଯ୍ୟଟକ

ଆଗ୍ରା,୨୧ା୯

**ପ୍ରଥମେ ଆସିଲେ ଚାଇନା ଅତିଥି**



କରୋନା ଭାଇରସ ସଂକ୍ରମଣ ଯୋଗୁ ପାଖାପାଖି ୬ ମାସ ହେବ ବନ୍ଦ ହୋଇ ରହିଥିଲା ବିଶ୍ୱପ୍ରସିଦ୍ଧ ତାଜମହଲ। ଏବେ ତାଜମହଲ ଖୋଲିଥିବା ବେଳେ କରୋନା କଟକଣା ମାନି ପର୍ଯ୍ୟଟକଙ୍କୁ ଭିତରକୁ ଯିବାକୁ ଅନୁମତି ପ୍ରଦାନ କରାଯାଉଛି। ସୋମବାର ତାଜମହଲ ଖୋଲିବା ପରେ ଜଣେ ଚାଇନା ପର୍ଯ୍ୟଟକ ପ୍ରଥମେ ତାଜମହଲ ପରିଦର୍ଶନ କରିବାକୁ ଯାଇଥିବା କୁହାଯାଉଛି। ଏଠାକାର ଟିକେଟ କାଉଣ୍ଟର ବନ୍ଦ ଥିବା ବେଳେ ଅନ୍‌ଲାଇନରେ ଟିକେଟ କରିବାକୁ ପଡୁଛି। ତାଜମହଲର କବର କକ୍ଷରେ ଏକାଥରେ କେବଳ ୫ ଜଣ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କରାଯାଉଛି। ଡିଜିଟାଲ ମାଧ୍ୟମରେ ଏଠାରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେଉଛି। ତାଜମହଲ ତିଆରି ହେବା ଦିନରୁ ଇତିହାସରେ ପ୍ରଥମଥର ଲାଗି ୧୭ ମାର୍ଚ୍ଚ ୨୦୨୦ରୁ ୨୦ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ତାଜମହଲ ପରିସରରେ ସୋସିଆଲ ଡିଷ୍ଟାନସିଂ ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏଥିରୁ ଅନୁମାନ କରାଯାଉଛି କି ଭାରତୀୟ ଏବେ କରୋନା ଭାଇରସ ସହ ମିଶି ଚଳିବା ଶିଖିଗଲେଣି। ଏବେ ସେଠାରେ ଏକାଠି ହୋଇ ଫଟୋ ଉଠାଇବାକୁ ମଧ୍ୟ ଅନୁମତି ମିଳି ନାହିଁ। ଏହାସହ ସେଠାକାର, ରେଲିଂ, ପ୍ରାଚୀରକୁ ମଧ୍ୟ ଛୁଇଁବାକୁ ବାରଣ କରାଯାଇଛି। ମଝିରେ ମଝିରେ ତାଜମହଲ ପରିସରକୁ ସାନିଟାଇଜ କରାଯାଉଛି। ଏବେ ଗୋଟିଏ ଦିନରେ ପାଖାପାଖି ୫ ହଜାର ପର୍ଯ୍ୟଟକ ତାଜମହଲ ପରିଦର୍ଶନ କରିବାର ଯୋଜନା ରହିଛି।

## ୯ ରାଜପଥ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ନୂଆଦିଲ୍ଲୀ,୨୧ା୯(ପି.ଟି.)



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିହାରରେ ୧୪ହଜାର ୨୫୮କୋଟି ଟଙ୍କା ବ୍ୟୟରେ ୯ଟି ରାଜପଥ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅପ୍ଟିକାଲ ଫାଇବର ଇଣ୍ଟରନେଟ୍ ସେବାର ଉଦ୍‌ଘାଟନ କରିଛନ୍ତି। ଏହି ଅପ୍ଟିକାଲ୍ ଫାଇବର ଇଣ୍ଟରନେଟ ସେବା ଦ୍ୱାରା ବିହାରର ୪୫,୯୫୪ଟି ଗ୍ରାମରେ ଇଣ୍ଟରନେଟ ସେବାର ସୁବିଧା ମିଳିପାରିବ। ରାଜପଥ ପ୍ରକଳ୍ପଗୁଡ଼ିକ ଅଧୀନରେ ୩୫୦ କିଲୋମିଟର ଦୀର୍ଘ ସଡ଼କ ନିର୍ମାଣ ହେବ। ଏହା ବ୍ୟତୀତ ୩୯ କିଲୋମିଟର ଦୈର୍ଘ୍ୟ ପାଟନା ରିଙ୍ଗରୋଡକୁ ୬ ଲାଇନ ବିଶିଷ୍ଟ ସଡ଼କରେ ପରିଣତ କରାଯିବ। ତା'ଛଡ଼ା ୩୦ ନମ୍ବର ଜାତୀୟ ରାଜପଥର ଆରା-ମୋହନିଆ ରାସ୍ତାକୁ ୪ଲାଇନ୍ ବିଶିଷ୍ଟ ସଡ଼କରେ ପରିଣତ କରାଯିବ। ସେହିପରି ୩୧ନମ୍ବର ଜାତୀୟ ରାଜପଥର ବଖତିଆରପୁର-ରାଜୌଲି ସେକ୍ସନ ଏବଂ ୧୩୧-ଏ ଜାତୀୟ ରାଜପଥର ନରେନପୁର- ପୂର୍ଣ୍ଣିଆ ସେକ୍ସନକୁ ମଧ୍ୟ ୪ଲାଇନ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଏହି ରାଜପଥ ପ୍ରକଳ୍ପ ନିର୍ମାଣ ହେଲେ ଉତ୍ତମ ସଡ଼କ ସଂଯୋଗ ବ୍ୟବସ୍ଥା ସ୍ଥାପନ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ବିଶେଷକରି ପଡ଼ୋଶୀ ରାଜ୍ୟ ଉତ୍ତରପ୍ରଦେଶ ଏବଂ ଝାଡ଼ଖଣ୍ଡକୁ ମାଲ୍ ପରିବହନ ଓ ଗମନାଗମନ ବ୍ୟବସ୍ଥାରେ ଏହା ବେଶ୍ ଉନ୍ନତି ଆଣିପାରିବ। ଏଥିସହିତ ପ୍ରଧାନମନ୍ତ୍ରୀ ୩ଟି ବୃହତ୍ ପୋଲକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ପୋଲ ଉଦ୍‌ଘାଟନ ପରେ ଗଙ୍ଗାନଦୀରେ ପୋଲ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ଆଗକୁ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଶିଳାନ୍ୟାସ କରୁଥିବା କୁହାଯାଉଛି।

# ଫୁରସତ୍

## ଦିଲ୍ କିଣୁଛନ୍ତି ଦେଶୀ ଗର୍ଲ



ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** ବଲିଉଡ୍‌ର ଦେଶୀ ଗର୍ଲ ଭାବେ ଆଖ୍ୟାୟିତ ପ୍ରିୟଙ୍କା ଚୋପ୍ରା। ବଲିଉଡ୍‌ରେ ହିଟ୍ ଅଭିନେତ୍ରୀଙ୍କ ମଧ୍ୟରୁ ସେ ଅନ୍ୟତମ। ତେବେ ବଲିଉଡ୍ ସହିତ ହଲିଉଡ୍‌ରେ ମଧ୍ୟ ସେ ବେଶ୍ ନାଁ କମେଇଛନ୍ତି। ପ୍ରିୟଙ୍କା ହଲିଉଡ୍‌ର ସିଙ୍ଗର ନିକ୍ ଜୋନ୍‌ସଙ୍କୁ ବିବାହ କରିବା ପରେ ଭାରତ ଛାଡ଼ି ଲସ୍‌ଆଞ୍ଜେଲସ୍‌ରେ ରହୁଛନ୍ତି। ବିଦେଶରେ ରହିଲେ ବି ତାଙ୍କର ଦେଶ ପ୍ରତି ଭଲ ପାଇବା କମିନାହିଁ। ପ୍ରିୟଙ୍କା ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। କୋଭିଡ ପାଇଁ ଘରେ ସମୟ ଅତିବାହିତ କରୁଥିବାବେଳେ ନିଜର ଫଟୋ ଏବଂ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ପ୍ରଶଂସକଙ୍କ ଏଣ୍ଟରଟେନ୍‌ମେଣ୍ଟ କରୁଛନ୍ତି। ନିକଟରେ ପ୍ରିୟଙ୍କା ତାଙ୍କର ଏକ ଜବରଦସ୍ତ ଫଟୋ ପଠାଇ ଫ୍ୟାନ୍‌ମାନଙ୍କ ଦିଲ୍ କିଣିନେଇଛନ୍ତି। ସେ ହ୍ୱାଇଟ୍ ଗାଉନ୍‌ରେ ବ୍ଲାକ୍ ଚଷମା ଲଗାଇ ଫଟୋ ଶେୟାର କରିଛନ୍ତି। ଏହାର କ୍ୟାପସନ୍‌ରେ ଲେଖିଛନ୍ତି 'ଚଷମେ ବଦ୍ଦୁର...ବୁରି ନଜର ବାଲେ ଦୂର ରହେ'। ଏହି ଫଟୋଟି ଏପର୍ଯ୍ୟନ୍ତ ୧୧ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ଅନ୍ୟପକ୍ଷରେ ବଲିଉଡ ଅଭିନେତ୍ରୀ କରୀନା କପୁରଙ୍କୁ ସେ ଭିନ୍ନ ଅନ୍ଦାଜ୍‌ରେ ବାର୍ଥଡେ ୱିଶ୍ କରିଛନ୍ତି। ସେ ଭାରତରେ ନ ଥିଲେ ମଧ୍ୟ ବନ୍ଧୁମାନଙ୍କ ପ୍ରତି ତାଙ୍କର ଭଲପାଇବା ଅଛି। ସେଥିପାଇଁ ପ୍ରିୟଙ୍କା କରୀନାଙ୍କ ସହିତ ଏକ ବିଶେଷ ମୁହୂର୍ତ୍ତର ଫଟୋ ଏବଂ ଭିଡିଓ ଶେୟାର କରିଛନ୍ତି। ଏଥିରେ ଦୁହେଁ ଖୁବ୍ ମସ୍ତି କରୁଥିବା ଦେଖିବାକୁ ମିଳିଛି। ଭିଡିଓଟି ପୁରୁଣା ହେଲେ କ'ଣ ହେବ ଏହା ଏବେ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି।

## ପାହାଡ଼ ଉପରେ ଫୁଟିଲା ବିରଳ ଫୁଲ



ଦୀର୍ଘ ୧୨୪ ବର୍ଷ ପରେ ପାହାଡ଼ ଉପରେ ଏକ ବିରଳ ତଥା ଦୁର୍ଲଭ ଫୁଲ ଫୁଟିଛି। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏପରି ଫୁଲ ଫୁଟିଛି ହିମାଳୟ ଅଞ୍ଚଳରେ। ବୈଜ୍ଞାନିକମାନେ ଏହି ଫୁଲକୁ ଦେଖି ଏହା ଲିପାରିସ ପିଗ୍‌ମା ବୋଲି କହୁଛନ୍ତି। ସିକିମ୍ ଏବଂ ପଶ୍ଚିମବଙ୍ଗରେ ଏହି ଫୁଲ ୧୦୦ ବର୍ଷ ପୂର୍ବରୁ ଦେଖାଦେଇଥିଲା। ଏବେ ପଶ୍ଚିମ ହିମାଳୟ କ୍ଷେତ୍ର ଉତ୍ତରାଖଣ୍ଡର ଚମୋଲି ଜିଲାରେ ଦେଖିବାକୁ ମିଳିଛି। ଦୁଇମାସ ପୂର୍ବରୁ ଦୁଇ ବନ ଅଧିକାରୀ ଏପରି ଫୁଲ ବି ଦେଖିଥିଲେ। ଭାରତୀୟ ବଟାନିକାଲ ସର୍ବେକ୍ଷଣ ସଂସ୍ଥାନର ବିଶେଷଜ୍ଞ ଏହି ଫୁଲ ଉପରେ ଏକ ଅଧ୍ୟୟନ କରିଥିଲେ। ଏହାର ରିପୋର୍ଟ ଜୁଲାଇ ୩୦ରେ ଫ୍ରେଞ୍ଚ ସାଇଣ୍ଟିଫିକ୍ ଜେନେରାଲ 'ରିଚଡାଇନା'ରେ ପ୍ରକାଶ ପାଇଥିଲା। ଏହି ଅନୁସାରେ, ବିଶ୍ୱରେ ପ୍ରାୟ ୩୨୦ ପ୍ରଜାତିର ଲିପାରିସ ପିଗ୍‌ମା ଅଛି; ଯେଉଁଥିରେ ଭାରତରେ ପ୍ରାୟ ୪୮ ପ୍ରକାରର ରହିଛି। ଏଥିମଧ୍ୟରୁ ପଶ୍ଚିମ ହିମାଳୟରେ ୧୦ ପ୍ରଜାତିର ଅଛି। ଚମୋଲିଠାରୁ ପ୍ରାୟ ୩୮୦୦ ମିଟର ଉଚ୍ଚରେ ଥିବା ସପ୍ତକୁଣ୍ଡ ଟ୍ରାକ୍‌ରେ ଏହା ଦେଖିବାକୁ ମିଳିଛି। ପୂର୍ବରୁ ଏହି ଫୁଲ ଉକ୍ତ ଅଞ୍ଚଳରେ ଦେଖିବାକୁ ମିଳି ନ ଥିଲା। ବନ ଅଧିକାରୀ ହରିଶ ନେଗୀ କୁହନ୍ତି, ଉତ୍ତରାଖଣ୍ଡ ବନ ବିଭାଗର ଦୁଇଜଣ ଅଧିକାରୀ ଜୁନ୍‌ରେ ଏହି ବିରଳ ପ୍ରଜାତିର ଫୁଲକୁ ଚିହ୍ନିଥିଲେ। ଜୁନିଅର ରିସର୍ଚ୍ଚ ଫେଲୋ ମନୋଜ ସିଂହଙ୍କ କହିବା ଅନୁସାରେ, ଦୁଇ ମାସ ତଳେ ଫୁଲ ଆବିଷ୍କାର ହେବା ପରଠାରୁ ଏହାକୁ ପୁଣେସ୍ଥିତ ବଟାନିକାଲ ସର୍ଭେ ଅଫ୍ ଇଣ୍ଡିଆକୁ ପଠାଯାଇଥିଲା। ପରେ ଏହାକୁ ଚିହ୍ନଟ କରାଯାଇଥିଲା। ଡକ୍ଟର ଜଲାଲଙ୍କ ଅନୁସାରେ, ପୂର୍ବରୁ ଏହି ଫୁଲ ୧୮୭୭ ଏବଂ ୧୮୮୨ରେ ସିକିମ୍‌ରେ ଦେଖିବାକୁ ମିଳିଥିଲା। ପରେ ୧୮୯୬ରେ ଏହା ପଶ୍ଚିମବଙ୍ଗରେ ମଧ୍ୟ ମିଳିଥିଲା। ଦୀର୍ଘ ୧୨୪ ବର୍ଷ ପରେ ଏହି ଫୁଲ ପୁଣି ଫୁଟିଛି।

## ଦଶହରାରେ ଏଥର ରାବଣପୂଜା



**ଲକ୍ଷ୍ନୌ:** ପ୍ରତିବର୍ଷ ଦଶହରା ଦିନ ଦେଶର ବିଭିନ୍ନ ଅଞ୍ଚଳରେ ରାବଣ ପୋଡ଼ି ହୋଇଥାଏ। କିନ୍ତୁ ଏବର୍ଷ ରାବଣ ପୋଡ଼ି ବଦଳରେ ପୂଜାର୍ଚ୍ଚନା କରାଯିବ। ଉତ୍ତରପ୍ରଦେଶ ଗ୍ରେଟର ନଏଡାର ବିଶରଖ୍ ଗାଁର ମନ୍ଦିରରେ ଦଶହରା ଦିନ ରାବଣ ମୂର୍ତ୍ତି ସ୍ଥାପନ କରାଯିବ।

କୁହାଯାଏ ବିଶରଖ୍ ଗାଁ ହେଉଛି ରାବଣର ପିତା ବିଶ୍ରବା ଋଷିଙ୍କ ଜନ୍ମସ୍ଥାନ। ତେଣୁ ଲଙ୍କାପତି ରାବଣର ଜନ୍ମ ଏହି ଗାଁରେ ହୋଇଥିବା ବିଶ୍ୱାସ ରହିଛି। ଗାଁ ଲୋକଙ୍କ କହିବା ଅନୁସାରେ ବିଶ୍ରବା ଋଷି ସ୍ଥାପନ କରିଥିବା ଏକ ଅଷ୍ଟଭୁଜା ଶିବ ଲିଙ୍ଗ ଆଜି ମଧ୍ୟ ଗାଁରେ ରହିଛି, ଯେଉଁଠି ରାବଣ ମହାଦେବଙ୍କର ପୂଜାର୍ଚ୍ଚନା କରୁଥିଲା। ମାନ୍ୟତା ରହିଛି କି ଏହି ଶିବ ମନ୍ଦିରରେ ଭକ୍ତିଭାବରେ ଯାହା ବି ମାନସିକ କରାଯାଏ ତାହା ପୂରଣ ହୋଇଥାଏ। ଏହି କାରଣରୁ ଗାଁରେ କେବେ ବି ରାମଲୀଳା ଆୟୋଜନ କରାଯାଇ ନ ଥାଏ କି ରାବଣ ଦହନ ବି କରାଯାଏନି। ଗାଁ ଲୋକଙ୍କର ରାବଣ ପ୍ରତି ସ୍ୱତନ୍ତ୍ର ଶ୍ରଦ୍ଧା ରହିଛି। ସେଥିପାଇଁ ଗାଁ ଲୋକେ ପୂର୍ବରୁ ମଧ୍ୟ ରାବଣ ପାଇଁ ମନ୍ଦିର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗାଁର କିଛି ଗୋଷ୍ଠୀ ଏହି ମନ୍ଦିର କରିବାକୁ ଜୋରଦାର ବିରୋଧ କରିଥିଲେ। ଏମିତି କି ମନ୍ଦିରରେ ସ୍ଥାପନ ହେବାକୁ ଥିବା ରାବଣର ମୂର୍ତ୍ତିକୁ ମଧ୍ୟ ଭାଙ୍ଗି ଦେଇଥିଲେ। କିନ୍ତୁ ଏଥର ଗାଁଲୋକେ ରାବଣ ମୂର୍ତ୍ତି ସ୍ଥାପନ ନିମନ୍ତେ ପ୍ରଶାସନର ସହଯୋଗ ନେଇଛନ୍ତି। ଗୁଜରାଟର ବିଶିଷ୍ଟ କାରିଗରମାନେ ରାବଣର ପ୍ରତିମା ତିଆରି କରିଛନ୍ତି। ଦଶହରା ଦିନ ହିଁ ରାବଣ ମୂର୍ତ୍ତିକୁ ମନ୍ଦିରରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯିବ।

## ପୋଲିସର କାନ ଧରିଲା ମାଙ୍କଡ଼

ସାଧାରଣତଃ ପୋଲିସ ନାଁ ଶୁଣିଲେ ଲୋକେ ଭୟଭୀତ ହୋଇଯାନ୍ତି। କିନ୍ତୁ ମଧ୍ୟପ୍ରଦେଶର ବୈତୁଲର ଏକ ଥାନାରେ ମାଙ୍କଡ଼ ପୋଲିସକୁ ଭୟଭୀତ କରିଦେଇଛି। ଗତ ୧୦ ଦିନ ହେବ ଏକ ମାଙ୍କଡ଼ ପୋଲିସକୁ ଅସୁବିଧାରେ ପକାଇଛି। ବାରମ୍ବାର ଥାନା ଭିତରେ ପଶିଯାଇ ଟେବୁଲ ଉପରେ ବସି ପୋଲିସ ବାବୁଙ୍କ କାନ ଧରୁଥିବା ଦେଖାଯାଇଛି। ବେଳେବେଳେ ମାଙ୍କଡ଼ଟି ପୋଲିସଙ୍କ ବାଇକ୍ ପଛପଟେ ମଧ୍ୟ ବସିଯାଉଛି। ଏହି କାରଣରୁ ପୋଲିସ କର୍ମଚାରୀମାନେ କବାଟ ବନ୍ଦ କରି ରଖୁଛନ୍ତି। କେବଳ ପୋଲିସଙ୍କୁ ନୁହେଁ ଏହି ମାଙ୍କଡ଼ଟି ସ୍ଥାନୀୟ ଲୋକଙ୍କୁ ମଧ୍ୟ ହଇରାଣ କରୁଛି। ମାଙ୍କଡ଼ଠାରୁ ବର୍ତ୍ତିବା ପାଇଁ ପୋଲିସ ବନ ବିଭାଗର ସହାୟତା ନେଇଥିଲା। ବନ ବିଭାଗ ଏକ ଜାଲ ବିଛାଇ ମାଙ୍କଡ଼କୁ ଧରି ଜଙ୍ଗଲରେ ଛାଡିଥିଲା। ଗତ ୧୫ ଦିନ ହେବ ମାଙ୍କଡ଼ଟି ଚାରିଆଡ଼େ କୋକୁଆ ଭୟ ସୃଷ୍ଟି କରିଥିଲା। ମାଙ୍କଡଟି କାହାର କ୍ଷତି କରି ନ ଥିଲା ସତ, ମାତ୍ର କାମରେ ବାଧା ସୃଷ୍ଟି କରୁଥିଲା ବୋଲି ପୋଲିସ କହିଛି।



# ଧରିତ୍ରୀ
DHARITRI

ମଙ୍ଗଳବାର, ସେପ୍ଟେମ୍ବର ୨୨/୨୦୨୦ | Tuesday, September 22/2020 | ପୃଷ୍ଠା-୧




## ଇଟାଲିଆନ ଓପନ ଜିତିଲେ ହାଲେପ୍

ରୋମାନିଆର ସିମୋନା ହାଲେପ୍ ପ୍ରଥମ ଥର ଇଟାଲିଆନ୍ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।


୧୦



୦୭


## ବ୍ୟାଡ୍ ବ୍ୟାଙ୍କ ସପକ୍ଷରେ ରାଜନ

ଏନ୍‌ପିଏ ସମସ୍ୟାକୁ ଧ୍ୟାନରେ ରଖି ବ୍ୟାଡ୍ ବ୍ୟାଙ୍କ ଗଠନ ସପକ୍ଷରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ମତ ରଖିଛନ୍ତି।






# ରାଜ୍ୟରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**

ଉତ୍ତରପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଉତ୍ତର ଉପକୂଳ ଓଡ଼ିଶା ଉପରେ କେନ୍ଦ୍ରୀଭୂତ ହୋଇଛି। ସୋମବାର ଏହା ଅବପାତ (ଡିପ୍ରେସନ)ରେ ପରିଣତ ହୋଇଛି। ଏହାର ପ୍ରଭାବରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅଧିକ ସକ୍ରିୟ ହୋଇଛି। ଲଘୁଚାପ ଯୋଗୁ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିଛି। ସୋମବାର ସକାଳୁ ହାଲକା ବର୍ଷା ହେଉଥିବା ବେଳେ ଅପରାହ୍ନରୁ ବର୍ଷା ପରିମାଣ ବୃଦ୍ଧି ହୋଇଛି। ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, କୋରାପୁଟ, ମାଲକାନଗିରି, ବରଗଡ, ଝାରସୁଗୁଡା ଆଦି ଜିଲାରେ ରାତି ତମାମ ପ୍ରବଳ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ଜମି ରହିବା ସହ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଛି। ଲଘୁଚାପ ଯୋଗୁ ଛତିଶଗଡରେ ପ୍ରବଳ ବର୍ଷା ହେଉଛି। ହୀରାକୁଦ ଜଳ ଭଣ୍ଡାର ଭିତରକୁ ବହୁ ପରିମାଣର ଜଳ ପ୍ରବେଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଦୁଇଟି ଗେଟ ଯୋଗେ ପାଣି ନିଷ୍କାସନ କରାଯାଉଛି। ହୀରାକୁଦରେ ଜଳଧାରଣ କ୍ଷମତା ୬୩୦ ଫୁଟ ଥିବା ବେଳେ ଜଳଭଣ୍ଡାରରେ ୬୨୮.୭୫ ଫୁଟ ପାଣି ରହିଛି। ପ୍ରବଳ ବର୍ଷାକୁ ଦେଖି ଦୁଇଟି ଗେଟ ଦେଇ ୪୭ ହଜାର ୩୯୮ କ୍ୟୁସେକ ଜଳ ମହାନଦୀକୁ ଛଡା ଯାଉଛି।




ସୋମବାର ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥରେ ବର୍ଷା ପାଣିରେ ବୁଡ଼ିଥିବା ବସ୍।

ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ସୋନପୁରରେ ୧୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ନବରଙ୍ଗପୁର ୧୧, ଚନ୍ଦାହାଣ୍ଡି ୧୧, ରାୟଗଡା ୧୧, ଭଦ୍ରକ ୧୦, ମୟୂରଭଞ୍ଜ ୧୦, କେନ୍ଦୁଝର ୯, କଳାହାଣ୍ଡି ୯, ବୌଦ୍ଧ ୭, ମାଲକାନଗିରି ୭, ଭଞ୍ଜନଗର ୬, ବଲାଙ୍ଗୀର ୬, ଗଞ୍ଜାମ ୬ ଏବଂ ଟିଟିଲାଗଡରେ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, ନୂଆପଡା, ବରଗଡ, ଝାରସୁଗୁଡା ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ରେଡଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟରେ କଳାହାଣ୍ଡି, ମାଲକାନଗିରି, କୋରାପୁଟ, ସୋନପୁର, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୨୩ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ। ଏହା ପରେ ଲଘୁଚାପ ଝାଡଖଣ୍ଡ ଦେଇ ଉତ୍ତର ଦିଗକୁ ଚାଲିଯିବା ସମ୍ଭାବନା ରହିଛି। ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ରେଡ ଏବଂ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲାଗୁଡିକର ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଲଘୁଚାପ ଘନୀଭୂତ

- ଜନଜୀବନ ଅସ୍ତବ୍ୟସ୍ତ
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଉପର ମୁଣ୍ଡରେ ପ୍ରବଳ ବର୍ଷିବ
- ହୀରାକୁଦର ୨ ଗେଟ ଖୋଲିଲା

# ଏନ୍‌ଜିଓ ପାଇଁ ଆଧାର ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୨୧।୯(ପି.ଟି.)**

### ଲୋକ ସଭାରେ ବିଲ୍ ଗୃହୀତ

ବିଦେଶୀ ଅନୁଦାନ ସଂଗ୍ରହ କରୁଥିବା ବେସରକାରୀ ସଂସ୍ଥା(ଏନ୍‌ଜିଓ)ଗୁଡ଼ିକର ପଞ୍ଜୀକରଣ ପାଇଁ ଏବେ ଆଧାର କାର୍ଡ ବାଧ୍ୟତାମୂଳକ ହେବ। ଫଳରେ ତଦନ୍ତ କରି କୌଣସି ଅନୁଷ୍ଠାନକୁ ବିଦେଶୀ ପାଣ୍ଠି ବିନିଯୋଗ କରିବାରୁ ସରକାର ରୋକିପାରିବେ। ଏଥିଯୋଗୁ ବିଦେଶୀ ଅନୁଦାନ କ୍ଷେତ୍ରରେ ସ୍ୱଚ୍ଛତା ଆସିପାରିବ। ଏନେଇ ସୋମବାର ଲୋକ ସଭାରେ ଏକ ବିଲ୍ ପାସ୍ ହୋଇଛି। ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ(ଏଫ୍‌ସିଆର୍‌ଏ)-୨୦୧୦ରେ ସଂଶୋଧନ ଆଣିବା ପାଇଁ ବିଦେଶୀ ଅନୁଦାନ(ନିୟନ୍ତ୍ରଣ) ସଂଶୋଧନ ବିଲ୍-୨୦୨୦ ଲୋକ ସଭାରେ ଗୃହୀତ କରାଯାଇଛି। ଏହି ସଂଶୋଧନ ବିଲ୍‌ରେ କୌଣସି ସଂଗଠନ ବିଦେଶୀ ପାଣ୍ଠି ଦ୍ୱାରା କରୁଥିବା ପ୍ରଶାସନିକ ଖର୍ଚ୍ଚକୁ ୫୦%ରୁ ୨୦% କରିବାକୁ ପ୍ରସ୍ତାବ ରହିଛି। ଏଥିସହିତ ଏହି ପାଣ୍ଠି ସଂଗ୍ରହରେ ସରକାରୀ ବାବୁଙ୍କ ହସ୍ତକ୍ଷେପକୁ ମଧ୍ୟ ବାରଣ କରାଯାଇଛି। ଉକ୍ତ ବିଲ୍‌କୁ ଲୋକ ☞ପୃଷ୍ଠା-୨

## ୧୬ ପଇସା କମିଲା ଡିଜେଲ



**ଭୁବନେଶ୍ୱର,୨୧।୯:** ଲଗାତର ୫ ଦିନ ଲାଗି ଡିଜେଲ ଦର ହ୍ରାସ ପାଇଛି। ଫଳରେ ସୋମବାର ଭୁବନେଶ୍ୱରରେ ଡିଜେଲ ୧୬ ପଇସା କମି ୭୭.୭୨ ଟଙ୍କା ରହିଛି। ଏଠାରେ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ଆସିନାହିଁ। ପେଟ୍ରୋଲ ଲିଟର ପିଛା ୮୧.୬୯ ଟଙ୍କା ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରବିବାର ଡିଜେଲ ଦର ୨୫ ପଇସା ହ୍ରାସ ହୋଇଥିଲା। ବର୍ତ୍ତମାନ ଭୁବନେଶ୍ୱରରେ ଇନ୍ଧନ ଦର ନୂଆଦିଲ୍ଲୀଠାରୁ ଉଚ୍ଚରେ ରହିଛି। ସେହିଭଳି ସୋମବାର ମେଟ୍ରୋ ସହରଗୁଡ଼ିକରେ ଡିଜେଲ ୧୪ରୁ ୧୫ ପଇସା ହ୍ରାସ ହୋଇଛି। ନୂଆଦିଲ୍ଲୀରେ ଡିଜେଲ ୧୫ ପଇସା କମି ୭୧.୪୩ ଟଙ୍କା ଥିବା ବେଳେ ଚେନ୍ନାଇରେ ୧୪ ପଇସା ନିମ୍ନରେ ରହି ୭୬.୮୫ ଟଙ୍କା ରହିଛି। ସେହିଭଳି କୋଲକାତା ଏବଂ ମୁମ୍ବାଇରେ ଡିଜେଲ ୧୫ ପଇସା ହ୍ରାସ ପାଇ ଦର ଯଥାକ୍ରମେ ୭୪.୯୪ ଟଙ୍କା ଏବଂ ୭୭.୮୭ ଟଙ୍କାକୁ ଖସିଛି। ଏହି ସହରଗୁଡ଼ିକରେ ପେଟ୍ରୋଲ ଅପରିବର୍ତ୍ତିତ ୮୧.୧୪ ଟଙ୍କା, ୮୪.୨୧ ଟଙ୍କା, ୮୨.୬୭ ଟଙ୍କା ଏବଂ ୮୭.୮୨ ଟଙ୍କା ରହିଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି।

# ବିଶୃଙ୍ଖଳ ଆଚରଣ: ୮ଏମ୍‌ପି ନିଲମ୍ବିତ

**ନୂଆଦିଲ୍ଲୀ,୨୧।୯(ପି.ଟି.)**

### ରାଜ୍ୟ ସଭାରେ କୃଷି ବିଲ୍ ଆଲୋଚନା ବେଳେ ହଟ୍ଟଗୋଳ

### ମଙ୍ଗଳବାର ପର୍ଯ୍ୟନ୍ତ ଗୃହ ମୁଲତବୀ

ରାଜ୍ୟ ସଭାରେ ରବିବାର କୃଷି ବିଲ୍ ଗୃହୀତ ସମୟରେ ବିଶୃଙ୍ଖଳିତ ଆଚରଣ କରିଥିବା ୮ଜଣ ଏମ୍‌ପିଙ୍କୁ ସୋମବାର ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଏମ୍‌ପିମାନେ ହେଲେ ଟିଏମ୍‌ସିର ଡେରିକ୍ ଓ ବ୍ରାଏନଙ୍କ ସମେତ ସଞ୍ଜୟ ସିଂ, ରାଜୀବ ସତାଭ, କେ.କେ. ରାଗେଶ, ରିପୁନ୍ ବୋରା, ଡୋଲା ସେନ୍, ସୟଦ୍ ନାସିର ହୁସେନ ଏବଂ ଏଲାମରମ କରିମ୍। ଏହି ୮ ଏମ୍‌ପିଙ୍କୁ ଏକ ସପ୍ତାହ ପର୍ଯ୍ୟନ୍ତ ଗୃହ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ରବିବାର ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିବାଦୀୟ କୃଷି ବିଲ୍ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ବିଲ୍‌କୁ ବିରୋଧ କରି ବିରୋଧୀ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲି ଆସି ହଟ୍ଟଗୋଳ କରିବା ସହ ଉପାଧ୍ୟକ୍ଷଙ୍କ ମାଇକ୍ ଭାଙ୍ଗିଥିଲେ। ଏପରି କି ନିୟମ ପୁସ୍ତିକାକୁ ମଧ୍ୟ ଚିରି ଦେଇଥିଲେ। ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ ବୋଲି ସୋମବାର ଅଧ୍ୟକ୍ଷ ନାଇଡୁ କହିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ☞ପୃଷ୍ଠା-୨

# ନଦୀକୁ ଖସିଲା ବସ୍, ବର୍ତ୍ତିଲେ ୩୦ ଯବାନ

**ମାଲକାନଗିରି,୨୧।୯(ସ୍ୱ.ପ୍ର./ଡି.ଏନ୍.ଏ.)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ଯବାନଙ୍କୁ ନେଇ ଆସୁଥିବା ଏକ ବସ୍ ସୋମବାର ନଦୀକୁ ଖସି ପଡ଼ିଛି। ଏଥିରେ ଥିବା ୩୦ ଯବାନ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଡିଆର୍‌ଜି ଯବାନ କୋମ୍ବିଂ ଅପରେଶନରୁ ଫେରିବାବେଳେ ପ୍ରବଳ ବର୍ଷା ଯୋଗୁ ପୋଲ ଉପରେ ପ୍ରାୟ ୪ ଫୁଟର ପାଣି ଚାଲୁଥିବା ଦେଖିଥିଲେ। ଗାଡ଼ିରେ ଥିବା କେତେଜଣ ଯବାନ ଓହ୍ଲାଇ ଚାଲି ଚାଲି ପୋଲ ପାର ହେଉଥିବାବେଳେ ଆଉ କେତେଜଣ ବସ୍‌ରେ ଥିଲେ। ଡ୍ରାଇଭର ବସ୍‌ଟିକୁ ଧୀରେ ଧୀରେ ପୋଲ ପାର କରାଉଥିଲେ। ଏହା ମଧ୍ୟରେ ବସ୍‌ଟି ଭାସି ଯାଇ ପୋଲ ତଳକୁ ଖସିପଡ଼ିଥିଲା। ପାଣିରେ ଭାସି ଏକ ପଥରରେ ବସ୍‌ଟି ଅଟକି ଯାଇଥିଲା। ଅନ୍ୟ ଯବାନ ଓ ସ୍ଥାନୀୟ ଲୋକେ ବସ୍‌ରେ ଥିବା ଯବାନ ଓ ଡ୍ରାଇଭରଙ୍କୁ ଉଦ୍ଧାର କରିଛନ୍ତି ବୋଲି ବିଜାପୁର ଏସ୍‌ପି କମଲଲୋଚନ କାଶ୍ୟପ କହିଛନ୍ତି।



ଖସି ପଡ଼ିଥିବା ବସ୍‌ରୁ ଯବାନଙ୍କୁ ଉଦ୍ଧାର କରାଯାଉଛି।


### ଆଜିର ସମ୍ପାଦକୀୟ
ନୂତନ କୃଷି ବ୍ୟବସ୍ଥା


# କୋଭିଡ୍ ହସ୍ପିଟାଲରେ ଅଗ୍ନିକାଣ୍ଡ

**କଟକ ଅଫିସ,୨୧।୯**



### ଓଡ଼ିଶାରେ ପ୍ରଥମ ଘଟଣା

- ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ
- ହସ୍ପିଟାଲର ନ ଥିଲା ଫାୟାର ସେଫ୍‌ଟି ସାର୍ଟିଫିକେଟ

ଜଗତପୁରସ୍ଥିତ ସଦ୍‌ଗୁରୁ କୋଭିଡ୍ ହସ୍ପିଟାଲରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ତେବେ ସୌଭାଗ୍ୟବଶତଃ ଏଠାରେ ଥିବା ସମସ୍ତ ୧୨୭ ଜଣ ରୋଗୀ ବର୍ତ୍ତି ଯାଇଛନ୍ତି। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଶର୍ଟ୍ ସର୍କିଟ ଯୋଗୁ ନିଆଁ ଲାଗିଥିବା କୁହାଯାଉଥିବାବେଳେ ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଉକ୍ତ ହସ୍ପିଟାଲରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ ଓ ବିଦ୍ୟୁତ ବିଭାଗ ମିଳିତ ଭାବେ ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କ୍ୟାବିନେଟ ଆଉ ଏକ ଐତିହାସିକ ନିଷ୍ପତ୍ତି ନେଇଛି। ଫସଲର ଏମ୍ଏସ୍ପି ବୃଦ୍ଧି ପାଇଁ ନିଆଯାଇଥିବା ଏହି ପଦକ୍ଷେପ ଯୋଗୁ କୋଟି କୋଟି ସଂଖ୍ୟାରେ ଚାଷୀ ଉପକୃତ ହେବେ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆଞ୍ଜେଲିନା
ପରିବାରବର୍ଗ



ସୂର୍ଯ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କରୋନା ଆକ୍ରାନ୍ତ ଶିଶୁଙ୍କୁ ଭଲ କରିବ ମା' କ୍ଷୀର

ଭୁବନେଶ୍ୱର,୨୧।୯(ବ୍ୟୁରୋ)

■ ଟିକା ନେଇ ନ ଥିବା ଶିଶୁଙ୍କୁ ସଂକ୍ରମଣ ଆଶଙ୍କା ଅଧିକ

■ ୫ରୁ ୧୫ ମିନିଟ ସଂସ୍ପର୍ଶରେ ରହିଲେ ଶିଶୁ ସଂକ୍ରମିତ ହୋଇଯିବେ

କରୋନା ଆକ୍ରାନ୍ତ ଶିଶୁ ମା' କ୍ଷୀର ଖାଇପାରିବେ। ମା' କ୍ଷୀର ହିଁ ଶିଶୁଙ୍କୁ ଶୀଘ୍ର ଭଲ କରିଦେବ ବୋଲି ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଅରବିନ୍ଦ ମହାନ୍ତି କହିଛନ୍ତି। ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ମହାନ୍ତି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ବର୍ଷକରୁ କମ୍ ବୟସର ଶିଶୁର ମୁଖ୍ୟ ଖାଦ୍ୟ ହେଉଛି ମା' କ୍ଷୀର। ଏହା ପିଲାର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କରୋନା ସହ ଲଢ଼ିବାକୁ ଶକ୍ତି ଯୋଗାଇଥାଏ। ତେଣୁ ଯେଉଁ ମା'ମାନେ କରୋନାରେ ଆକ୍ରାନ୍ତ ହୋଇ ନ ଥିବେ, ସେମାନେ ମାସ୍କ ପିନ୍ଧି ସତର୍କତାର ସହ ନିଜ କରୋନା ଆକ୍ରାନ୍ତ ଶିଶୁଙ୍କୁ ସ୍ତନ୍ୟପାନ କରାଇଲେ ଖୁବ୍ଶୀଘ୍ର ସୁସ୍ଥ ହୋଇପାରିବେ। ଆହୁରି ମଧ୍ୟ ସେ କହିଛନ୍ତି, ଟିକା ଶିଶୁ ଦେହରେ ଆଣ୍ଟିବଡି ସୃଷ୍ଟି କରିଥାଏ ଓ ଏଥିସହ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଟିକାନେଇ ନ ଥିବା ଶିଶୁର ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ସେପରି ଶିଶୁଙ୍କୁ କରୋନା ସଂକ୍ରମଣ ହେବାର ଅଧିକ ଆଶଙ୍କା ରହିଛି। ତେଣୁ ପିଲାଙ୍କୁ ଟିକା ନିହାତି ଦରକାର। ସବୁ ଛୁଆଙ୍କୁ ରୋଗମୁକ୍ତ କରିବା ପାଇଁ ରାଜ୍ୟ ସରକାର ଟିକାକରଣକୁ ଗୁରୁତ୍ୱ ଦେଇଛନ୍ତି। କେତେଜଣ ଅଭିଭାବକଙ୍କ ଚିନ୍ତାଧାରା ଯେ, ସମସ୍ତ ସରକାରୀ ହସ୍ପିଟାଲରେ କରୋନା ସଂକ୍ରମଣ ହୋଇଛି। କିନ୍ତୁ ଏହା ଭାବିବା ଭୁଲ୍। ଠିକ୍ ସମୟରେ ପିଲାଙ୍କୁ ଟିକା ଦେଇ ନୀରୋଗ ରଖନ୍ତୁ ବୋଲି ଡା. ମହାନ୍ତି ପରାମର୍ଶ ଦେଇଛନ୍ତି। ତୃତୀୟରେ ଶିଶୁମାନେ ସଂକ୍ରମିତ ବ୍ୟକ୍ତିଙ୍କ ପାଖରେ ୫ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ରହିଲେ ସଂକ୍ରମିତ ହେବା ଆଶଙ୍କା ରହିଛି। ପିଲାଙ୍କର ଯେଉଁମାନେ ଯତ୍ନ ନେଉଛନ୍ତି, ସେମାନେ ସତର୍କ ରହିବା ଉଚିତ। ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଉଚିତ। ସଂକ୍ରମିତ ପିଲାଙ୍କ ସହ ଖେଳିଥିବା ପିଲାଙ୍କୁ ମଧ୍ୟ ୧୪ଦିନ ସଙ୍ଗରୋଧ ରଖିବା ଦରକାର। ସେହିପରି ଶିଶୁମାନେ ଖୁସିରେ ରହିଲେ ରୋଗ ପ୍ରତିରୋଧକ କ୍ଷମତା ବଢ଼ିବ। ତେଣୁ ପିଲାଙ୍କୁ ଘର ଭିତରେ ଖେଳିବା ଶିଖାଇବା ଦରକାର। କିନ୍ତୁ ଧଇଁସଇଁ ହେଲାଭଳି ଖେଳ ନ ଖେଳାଇବାକୁ ଡା. ମହାନ୍ତି ପରାମର୍ଶ ଦେଇଛନ୍ତି।

# ରବି ଫସଲ ପାଇଁ ବଢ଼ିଲା ଏମ୍ଏସ୍ପି

ଭୁବନେଶ୍ୱର ୨୧।୯(ବ୍ୟୁରୋ)

କୃଷି ବିଲ୍କୁ ବିରୋଧୀ ଦଳଗୁଡିକ ପ୍ରବଳ ବିରୋଧ କରୁଥିବା ବେଳେ କେନ୍ଦ୍ର ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ବୃଦ୍ଧି କରିଛନ୍ତି। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କୁଇଣ୍ଟାଲ ୫୦ରୁ ୩୦୦ ଟଙ୍କା ଯାଏ ଏମ୍ଏସ୍ପି ବୃଦ୍ଧି କରାଯାଇଛି। ଗହମ ପାଇଁ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୫୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଚଣା ପାଇଁ ୨୨୫, ମସୁର ପାଇଁ ୩୦୦, ସୋରିଷ ପାଇଁ ୨୨୫ ଏବଂ ସୂର୍ଯ୍ୟମୁଖୀ ପାଇଁ ୧୧୨ ଟଙ୍କା ବୃଦ୍ଧି କରାଯାଇଛି। ଏମ୍ଏସ୍ପି ବୃଦ୍ଧି ହେବା ପରେ ଗହମ କୁଇଣ୍ଟାଲ ପିଛା ୧୯୭୫, ହରଡ ୬ ହଜାର, ବୁଟ ୫୧୦୦, ମସୁର ୫୧୦୦, କୋଳଥ ୬ ହଜାର, ମୁଗ ୭୧୯୬, ସୋରିଷ ୪୬୫୦, ସୂର୍ଯ୍ୟମୁଖୀ ୫୩୨୭ ଏବଂ ବାଲିର ଏମ୍ଏସ୍ପି କୁଇଣ୍ଟାଲ ପିଛା ୧୬୦୦ ଟଙ୍କା ହେବ।

# କରୋନା ମୁକାବିଲା: ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର ୨୧।୯(ବ୍ୟୁରୋ)

କରୋନା ସାରା ବିଶ୍ୱରେ ଏକ ବଡ ବିପଦ ସୃଷ୍ଟି କରିଥିବା ବେଳେ ଏହି ପ୍ରସଙ୍ଗକୁ ନେଇ ବିଜେଡି-ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ପାର୍ଲାମେଣ୍ଟରେ ଓଡିଶାର କୋଭିଡ ପରିଚାଳନା ନେଇ ଭାଜପା ସଦସ୍ୟ ଅଭିଯୋଗ ଆଣୁଥିବା ବେଳେ ଏ ସମୟରେ ଭାଜପା ରାଜନୀତି ନ କରିବାକୁ ବିଜେଡି ପରାମର୍ଶ ଦେଇଛି। ରାଜ୍ୟ ସରକାର ଟେଷ୍ଟିଂ, ଟ୍ରେସିଂ, ଟ୍ରିଟମେଣ୍ଟରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଲୋକ ସଭାରେ ସୁରେଶ ପୂଜାରୀ ଅଭିଯୋଗ କରିଛନ୍ତି। ଏଥିସହିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓଡିଶାର ସ୍ଥିତି ସମ୍ଭାଳୁ ବୋଲି କହିଥିଲେ। ଦିଲ୍ଲୀରେ କରୋନା ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ କେନ୍ଦ୍ର ସରକାର ଯେପରି ଷ୍ଟ୍ରାଟେଜି ଆପଣାଇଥିଲେ ଓଡିଶାରେ ମଧ୍ୟ ସେପରି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପୂଜାରୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପୂଜାରୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ସାରା ଦେଶ ଏବଂ ବିଶ୍ୱ ତୁଳନାରେ ଓଡ଼ିଶାରେ ମୃତ୍ୟୁ ହାର କମ୍ ଥିବାବେଳେ ସୁସ୍ଥ ହାର ବହୁତ ଅଧିକ ରହିଛି। କୋଭିଡ କେୟାର ସେଣ୍ଟର ଯୋଗୁ କୋଭିଡ ମ୍ୟାନେଜମେଣ୍ଟରେ ଓଡ଼ିଶାକୁ ରୋଲ ମଡେଲଭାବେ ଦେଖାଯାଉଛି।

**classifieds Everyday** 0674-2580101, 2549302





**SALE**

ଢେଙ୍କାନାଳ ଗଁଡିଆଠାରୁ ଏକ କି.ମି ଦୂରରେ ଏ ୨.୧୪ ଡେସିମିଲ ଏବଂ ଏ. ୧.୧୯ ଡେସିମିଲ ପାଚେରି ସହିତ ଦୁଇଟି ଜାଗା ବିକ୍ରିହେବ। ଯୋଗାଯୋଗ। ୭୯୭୮୭୦୭୭୬୪, ୭୭୮୯୯୨୨୩୬୩. ଧ-୬୬୮୮୦

ଫୁଲନଖରା- ନିଆଳି bypass roadରେ ଥିବା Synergy Engg. Collegeର ସମ୍ମୁଖରୁ walkable distanceରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 6371200121. D-69170

Bhubaneswar Simplex, Duplex at Nakhara & Raghunathpur. Ready to move Flat 2/3 BHK at Patia, 9438166120. D-69164

Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321. D-69166

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477. D-69167

କଟକ- ଭୁବନେଶ୍ୱର Twincity ର middle pointରେ walkable distanceରେ ବାସୋପଯୋଗୀ ଘରବାରି plot ସୁଲଭମୂଲ୍ୟରେ କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438362273. D-69169

**GENERAL**

**SALE**

1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat.
2. Verna Vehicle (vehicle No. OD02AX7761) Registered on 31.08.2018.
3. Bolero Pickup (vehicle No. OR02BZ9485) registered on 28.08.2012.
4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801. D-18256





1200sqft. semi furnished Office space for rent at Goutam Nagar, Bhubaneswar. Contact: 9776117523, 9337117523. D-67565





Newly open SPA centre smart therapist full body massage: 8114970372. D-59964

Get refreshment body massage by expert therapist contact for. 9556978408. D-69755

Swarna SPA newly open positively health benefits with expert therapist. 7873794731. D-69756

Newly open SPA centre smart therapist full body massage: 7205187702. D-59963

Newly open full body massage SPA in Bhubaneswar. Contact: 7205058838. D-69749

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Get good massage for your health the best therapy SPA station. 7655024727, 8118079281. D-69542

Newly open SPA centre smart therapist full body massage: 7846814019. D-59962

Refresh your mind and soul with best therapy at Orchid Salon/ Spa, 9937287222. D-69546

Thailand Massage Refreshments Bhubaneswar, Cuttack, Puri. 9853999966, 9853999966, 9853999966, Homeservices 9853999966@gmail.com. D-18258

Rejuvenate and Ayurvedic full body massage by smart therapist. 9348123330. D-69750

Herbal full body massage by smart / expert therapist. Contact: 8338067247. D-69752

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ବିଶୃଙ୍ଖଳ ଆଚରଣ:...

ବିଶୃଙ୍ଖଳିତ ଆଚରଣ କରିଥିବା ୮ଏମ୍ପିଙ୍କୁ ଚଳିତ ଅଧିବେଶନରୁ ନିଲମ୍ବନ କରିବା ପାଇଁ ଏକ ପ୍ରସ୍ତାବ ଆଣିଥିଲେ। ନାଇଡୁ ଏହି ପ୍ରସ୍ତାବକୁ ଗ୍ରହଣ କରି ଭୋଟ୍ କରିଥିଲେ। ବାଚନିକ ଭୋଟ୍ରେ ଏହା ପାରିତ ହେବା ପରେ ୮ଏମ୍ପିଙ୍କୁ ନିଲମ୍ବିତ କରିଥିଲେ। ଏପରି କି ନିଲମ୍ବିତ ଏମ୍ପିଙ୍କୁ ଗୃହରୁ ବାହାରକୁ ଯିବାପାଇଁ ଅଧ୍ୟକ୍ଷ କହିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଅଧ୍ୟକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ନିଲମ୍ବିତ ଏମ୍ପିଙ୍କ ସମେତ ଅନ୍ୟ ବିରୋଧୀ ସଦସ୍ୟମାନେ ଗୃହମଧ୍ୟରେ ପ୍ରବଳ ବିରୋଧ କରିଥିଲେ। ଯାହାଫଳରେ ଅଧ୍ୟକ୍ଷ ନାଇଡୁ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ କରିଛନ୍ତି। ଏଥିସହିତ ବିରୋଧୀମାନେ ରାଜ୍ୟ ସଭା ଉପାଧ୍ୟକ୍ଷଙ୍କ ବିରୋଧରେ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଦେଇଛନ୍ତି।

ପ୍ରକାଶ ଯେ, ରବିବାର ରାଜ୍ୟ ସଭାରେ ଗୃହରେ କୃଷି ବିଲ୍- କୃଷି ଉତ୍ପାଦନର ବେପାର ଓ ବାଣିଜ୍ୟ(ପ୍ରୋତ୍ସାହନ ଏବଂ ସରଳୀକରଣ) ବିଧେୟକ-୨୦୨୦ ଏବଂ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟଧାର୍ଯ୍ୟ ରାଜିନାମା ଓ କୃଷି ସେବା ବିଧେୟକ-୨୦୨୦)କୁ କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଗୃହରେ ଆଗତ କରିଥିଲେ। ଏହା ଉପରେ ଆଲୋଚନା ଚାଲିଥିବାବେଳେ ବିରୋଧୀ ସଦସ୍ୟମାନେ ନିଜର ଟିପ୍ପଣୀ ରଖି ଏହା ଚାଷୀ ବିରୋଧୀ ବୋଲି କହିଥିଲେ। ଏପରି କି ଏହି ବିଲ୍କୁ ପୁନର୍ବିଚାର କରିବା ସହ ସଂଶୋଧନ କରିବାକୁ ଗୃହ କମିଟିକୁ ପଠାଇବା ଲାଗି ଜିଦ୍ ଧରିଥିଲେ। ମାତ୍ର ଏହି ବିଲ୍ ଚାଷୀଙ୍କ ହିତ ଏବଂ ସମୟୋପଯୋଗୀ ବୋଲି ଦର୍ଶାଇ ଶେଷରେ ବାଚନିକ ଭୋଟ୍ରେ ଗୃହୀତ କରାଯାଇଥିଲା।

## କୋଭିଡ୍ ହସ୍ପିଟାଲରେ...

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟାରେ ସଦ୍ଗୁରୁ କୋଭିଡ୍ ହସ୍ପିଟାଲରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଏହି ସମୟରେ ରୋଗୀଙ୍କ ମଧ୍ୟାହ୍ନଭୋଜନ ପାଇଁ ପ୍ରସ୍ତୁତି ଚାଲିଥିଲା। ହସ୍ପିଟାଲର ଡା. ସଞ୍ଜୁକ୍ତା ମହାନ୍ତି କହିଛନ୍ତି ଯେ, ଆଇସିୟୁର ଏକ ଏସିରୁ ପ୍ରଥମେ ଧୂଆଁ ବାହାରିବା ଦେଖିବାକୁ ମିଳିଥିଲା। ପରେ ଏହି ଧୂଆଁ ସମଗ୍ର ହସ୍ପିଟାଲକୁ ବ୍ୟାପିବାରେ ଲାଗିଲା। ନିଆଁ ଲାଗିଥିବା ଆଶଙ୍କା କରି ହସ୍ପିଟାଲର କର୍ମଚାରୀମାନେ ସଙ୍ଗେସଙ୍ଗେ ଜରୁରୀ ଆଲାର୍ମ ବଜାଇ ସମସ୍ତଙ୍କୁ ସତର୍କ କରାଇବା ସହ ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ସେମାନେ ଆଇସିୟୁ କାଚ ଭାଙ୍ଗି ଭେଣ୍ଟିଲେଶନର ବ୍ୟବସ୍ଥା କରିଥିଲେ। ଖବର ପାଇ ବରିଷ୍ଠ ଅଧିକାରୀ ଏବଂ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକସଙ୍ଗେ ନିଆଁ ନିୟନ୍ତ୍ରଣ ସହ ରୋଗୀ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରୋଗୀ ସ୍ଥାନାନ୍ତରଣ କାର୍ଯ୍ୟରେ ଅଗ୍ନିଶମ ବିଭାଗ, ପୋଲିସ ଓ ହସ୍ପିଟାଲ କର୍ମଚାରୀ ନିୟୋଜିତ ଥିଲେ। ପ୍ରଥମେ ଆଇସିୟୁରେ ଥିବା ସଙ୍କଟାପନ୍ନ ରୋଗୀଙ୍କୁ ୧୨ଟି ଆମ୍ବୁଲାନ୍ସରେ କଟକସ୍ଥିତ ଅଶ୍ୱିନୀ, ଭୁବନେଶ୍ୱରର କିମ୍ସ ଓ ସମ୍ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପରେ ସ୍ୱଳ୍ପ ଲକ୍ଷଣ ଥିବା ରୋଗୀଙ୍କୁ ବସ୍ ଯୋଗେ ଟାଙ୍ଗୀସ୍ଥିତ ଡ୍ରିମ୍ସ ଏବଂ ବିଦ୍ୟାଧରପୁର କୋଭିଡ କେୟାର ସେଣ୍ଟରକୁ ପଠାଯାଇଛି। ସମସ୍ତ ରୋଗୀଙ୍କ ସ୍ଥାନାନ୍ତରଣ ତଥ୍ୟ ସମ୍ପର୍କରେ ସେମାନଙ୍କ ସମ୍ପର୍କୀୟଙ୍କୁ ସୂଚନା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଘଟଣାସ୍ଥଳରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍ଡିସି) ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍ସି କମିଶନର ଅନନ୍ୟା ଦାସ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, କଟକ ଡିସିପି ପ୍ରତୀକ ସିଂ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଏବଂ କଟକ ଅଗ୍ନିଶମ ଅଧିକାରୀ ସୁକାନ୍ତ ସେଠୀ ପ୍ରମୁଖ ପହଞ୍ଚି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଅଗ୍ନିଶମ ଅଧିକାରୀ ସେଠୀ କହିଛନ୍ତି, ପ୍ରାଥମିକ ତଦନ୍ତ ପରେ ସଦ୍ଗୁରୁ ହସ୍ପିଟାଲର ଫାୟାର ସେଫ୍ଟି ସାର୍ଟିଫିକେଟ ନ ଥିବା ଜଣାପଡ଼ିଛି। ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସେହିପରି ଆର୍ଡିସି ସାମଲ କହିଛନ୍ତି, ଅଗ୍ନିକାଣ୍ଡ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଅପରପକ୍ଷେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଛୋଟରାୟ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହା ଓଡ଼ିଶାରେ ପ୍ରଥମ ଓ ଦେଶରେ ତୃତୀୟ ଘଟଣା ବୋଲି ଜଣାପଡ଼ିଛି। ପ୍ରଥମେ ଅଗଷ୍ଟ ୬ରେ ଗୁଜରାଟର ଅହମ୍ମଦାବାଦ ଏବଂ ଏହାର ୩ଦିନ ପରେ ଆନ୍ଧ୍ରପ୍ରଦେଶର ଏକ କୋଭିଡ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଉଭୟ ଘଟଣାରେ ପ୍ରାୟ ୧୯ଜଣ ମୃତାହତ ହୋଇଥିଲେ।

## ଏନ୍ଜିଓ ପାଇଁ ଆଧାର...

ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅନୁପସ୍ଥିତିରେ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆଗତ କରିଥିଲେ। ସେ କହିଥିଲେ ଯେ ବିଦେଶୀ ପାଣ୍ଠି ବିନିଯୋଗରେ ସ୍ୱଚ୍ଛତା ବୃଦ୍ଧି, ଉତ୍ତରଦାୟିତ୍ୱ ଏବଂ ଉଚିତ୍ ପରିଚାଳନା ନିମନ୍ତେ ଏହି ଆଇନ୍ରେ ସଂଶୋଧନର ଆବଶ୍ୟକତା ରହିଛି। ବର୍ଷକୁ ହଜାର ହଜାର କୋଟି ଟଙ୍କା ବିଦେଶୀ ଅନୁଦାନ ଆସୁଛି ଏବଂ ଏନ୍ଜିଓ ଦ୍ୱାରା ଖର୍ଚ୍ଚ ହେଉଛି। ତେବେ ଏହାର ପରିଚାଳନାରେ କେହି ଉତ୍ତରଦାୟୀ ରହୁନାହାନ୍ତି। ଏଫ୍ସିଆର୍ଏରେ ଯେଉଁ ସଂଶୋଧନ କରାଯାଉଛି ତାହା କୌଣସି ଏନ୍ଜିଓ ବା ଧର୍ମାନୁଷ୍ଠାନ ବିରୋଧରେ ନୁହେଁ। ଏହା ଏକ ଆଭ୍ୟନ୍ତରୀଣ ସୁରକ୍ଷା ଆଇନ। ଏହି ସଂଶୋଧନ ଆତ୍ମନିର୍ଭର ଭାରତ ପାଇଁ ଜରୁରୀ ଅଟେ ବୋଲି ରାୟ ଗୃହରେ କହିଛନ୍ତି।

ବିଦେଶୀ ଅନୁଦାନକୁ କୌଣସି ବ୍ୟକ୍ତି ବିଶେଷ, ସଂଗଠନ ବା କମ୍ପାନୀ ଠିକ୍ ଭାବେ ଗ୍ରହଣ କରି ବିନିଯୋଗ କରିବା ଏବଂ ଏହି ବିଦେଶୀ ଅନୁଦାନକୁ ଦେଶର ସ୍ୱାର୍ଥ ବିରୋଧରେ ଯେପରି ବିନିଯୋଗ କରାଯାଇ ନ ପାରିବ ସେ ଉଦ୍ଦେଶ୍ୟରେ ଏଫ୍ସିଆର୍ଏ- ୨୦୧୦ ପ୍ରଣୟନ କରାଯାଇଥିଲା। ୨୦୨୦ରୁ ୨୦୧୯ ମଧ୍ୟରେ ବିଦେଶୀ ଅନୁଦାନ ପ୍ରତିବର୍ଷ ୨ଗୁଣ ହେବାରେ ଲାଗିଛି। ହେଲେ ଏହାକୁ ଗ୍ରହଣ କରୁଥିବା ଅଧିକାଂଶ ଏନ୍ଜିଓ ଏବଂ ସଂଗଠନ ଠିକ୍ ଉପାୟରେ ବିନିଯୋଗ କରୁ ନ ଥିବା ଜଣାପଡ଼ିଛି। ଯେଉଁଥିପାଇଁ ୨୦୧୧ରୁ ୨୦୧୯ ମଧ୍ୟରେ କେନ୍ଦ୍ର ସରକାର ୧୯ହଜାରରୁ ଊର୍ଦ୍ଧ୍ୱ ସଂସ୍ଥା, ଏନ୍ଜିଓ ଗୁଡ଼ିକର ପ୍ରମାଣପତ୍ରକୁ ମଧ୍ୟ ବାତିଲ୍ କରିସାରିଲେଣି। ଏପରି କି ଏକାଧିକ ଏନ୍ଜିଓ ବିରୋଧରେ ଅପରାଧିକ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ତେଣୁ ଏଫ୍ସିଆର୍ଏ-୨୦୧୦ର ଧାରା ୩ରୁ ସବ୍ ସେକ୍ସନ(୧) କ୍ଲଜ୍ (ସି)ରେ ସରକାରୀ ଅଧିକାରୀଙ୍କୁ ସରକାର ଅର୍ନ୍ତଭୁକ୍ତ କରିବାକୁ ଚାହୁଁଛନ୍ତି। ପୂର୍ବରୁ ଏହି ନିୟମରେ ଆଇନ ପ୍ରଣେତା, ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ, ଖବରଦାତା, ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ, ବିଚାରପତି ସାମିଲ ଥିଲେ। ଏହି ବିଲ୍ ଗୃହୀତ ସମୟରେ କଂଗ୍ରେସ, ବିଏସ୍ପି ଏବଂ ଟିଏମ୍ସି ଏମ୍ପିମାନେ ବିରୋଧ କରିବା ସହ ଏହି ସଂଶୋଧନ ବିଲ୍କୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଶା ହୋଇ ରକତ ପିଉଛି
ମାଛି ହୋଇ ଆହାର ଖାଉଛି।**

ମଶା ମଣିଷ ଶରୀରରୁ ରକ୍ତ ଶୋଷି ନେଇଥାଏ। ସେହିପରି ମାଛି ଖାଦ୍ୟପଦାର୍ଥ ଉପରେ ବସି ଖାଦ୍ୟକୁ ଦୂଷିତ କରିଦେଇଥାଏ। ପରୋକ୍ଷରେ ଜଣେ ଇଚ୍ଛା କଲେ ବିବିଧ ରୂପରେ ନାନା ପ୍ରକାର ଶୋଷଣ କରିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଷ୍ଟମ ସ୍ଥାନରେ ବଳହୀନ ଚନ୍ଦ୍ରଙ୍କ ଯୋଗୁ ଆପଣଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବନାହିଁ। ତଥାପି ଶୁକ୍ର ପ୍ରଭାବରୁ ଶୁକ୍ର ବିଳାସ ଉପକରଣ ଓ ଅର୍ଥ ଲାଭ ସଙ୍ଗକୁ ଶାରୀରିକ ସୁସ୍ଥତା ଫେରି ପାଇବେ। ଅବୁଝା ବନ୍ଧୁ ମାନଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ବୃଷ** ତୃତୀୟାଧିପ ନୀଚସ୍ଥ କାରଣରୁ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇବା କଷ୍ଟକର ହୋଇପାରେ। କେତେକ ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଅବଶ୍ୟ କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସଙ୍ଗକୁ ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** କର୍ମାଧିପତିଙ୍କ ପୃଷ୍ଠଦେଶରେ ଧନାଧିପ ହେତୁ ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଆଜି ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ପାରିବାରିକ ସ୍ଥିତି ପୂର୍ବପରି ରହିବ।

**କର୍କଟ** ରାଶିରେ ଶୁକ୍ରଥିବାରୁ ଆଜି ଦିନଟି ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ରହିବ। ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କିନ୍ତୁ ପରୋକ୍ଷରେ ଗୁପ୍ତଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ସିଂହ** ବୁଧ ସ୍ୱଗୃହରେ ବଳବାନ୍ ଯୋଗୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ଆଜି ହଠାତ୍ ପାଇଯିବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ଶନିଙ୍କ ପ୍ରଭାବରେ ଦୀର୍ଘ ଦିନର ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାରର ଆଶଙ୍କା ସୃଷ୍ଟି କରିପାରେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡି ଅନୁତାପ କରିବାକୁ ପଡିପାରେ।

**ତୁଳା** କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ହଇରାଣ ହେବାକୁ ପଡିପାରେ। ସାୟାହ୍ନେ ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶନିଙ୍କ ସୁପ୍ରଭାବରେ ମାଲିମକଦ୍ଦମାରେ ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଆଜିର ରବି ଓ ବୁଧଙ୍କ ସଂଯୋଗ କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟା କାରଣରୁ ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଜନିତ ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ନିଜର ସାଙ୍ଗସାଥୀଙ୍କ ମଧ୍ୟରେ ସାମୟିକ ଅଶାନ୍ତି ଦେଖାଦେଇପାରେ।

**ମକର** କର୍ମାଧିପ ସପ୍ତମ କେନ୍ଦ୍ରସ୍ଥ ହେତୁ ଆଜି ଯେଉଁ କାମ ଆରମ୍ଭ କରିବାକୁ ଯିବେ ତାହା ଅବଶ୍ୟ ସଫଳ ହେବ। ଘରର କେତେକ ଅତ୍ୟାବଶ୍ୟକ ଜିନିଷଗୁଡିକୁ ଆଣିବାକୁ ବାଧ ହୋଇପାରନ୍ତି। ଗଠନମୂଳକ କାର୍ଯ୍ୟରେ କିମ୍ବା ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିବ।

**କୁମ୍ଭ** ମୀନ-ନିଜ ପରିସରର ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍ଖୋର ପ୍ରବୃତ୍ତି ଯୋଗୁଁ ହଇରାଣ ହୋଇପାରନ୍ତି।

**ମୀନ** ସାଧାରଣ କଥାକୁ ଅତିରଞ୍ଜିତ କରି ପରିବାର ଭିତରେ ଅଯଥା ବ୍ୟସ୍ତତାଜନିତ ସମାଲୋଚିତ ହେବେ। ପରିସ୍ଥିତି ବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହୋଇପାରନ୍ତି। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଶ୍ୱିନ ମଳଶୁକ୍ଲପକ୍ଷ ଷଷ୍ଠୀ ମଙ୍ଗଳବାର, ସେପ୍ଟେମ୍ବର ୨୨ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ମକର ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୩୯ମି. ଗତେ ଘ.୦୬.୨୭ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୧୧.୧୫ମି. ମଧ୍ୟେ, ରାତ୍ରି ଘ.୦୮.୦୩ମି. ଗତେ ଘ.୦୮.୫୧ମି. ମଧ୍ୟେ, ଘ.୦୯.୩୯ମି. ଗତେ ଘ.୧୨.୦୩ମି. ମଧ୍ୟେ, ଘ.୦୪.୦୩ମି. ଗତେ ଘ.୦୫.୩୯ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୩୯ମି. ଗତେ ଘ.୦୮.୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୨.୩୯ମି. ଗତେ ଘ.୦୪.୦୯ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୧,୩୪୨,୧୫୦ | ୯,୬୬,୪୮୭ | ୨୨,୯୨୯,୬୩୪ |
| ଭାରତ | ୫୫,୨୩,୯୧୭ | ୮୮,୩୪୫ | ୪୪,୪୦,୭୭୫ |
| ଓଡ଼ିଶା | ୧,୮୪,୧୨୨ | ୭୧୦(+୫୩) | ୧,୪୯,୩୭୯ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଓଡ଼ିଶା କ୍ୟାଡରର ଆଇପିଏସ୍ ବିଏସ୍ଏଫ୍ ଆଇଜି ନିଯୁକ୍ତ



ସୁଶାନ୍ତ କୁମାର ନାଥ

ଭୁବନେଶ୍ୱର,୨୧।୯(ବ୍ୟୁରୋ)-ଓଡ଼ିଶା କ୍ୟାଡର ୧୯୯୩ ବ୍ୟାଚ ଆଇପିଏସ୍ ଅଫିସର ସୁଶାନ୍ତ କୁମାର ନାଥକୁ କେନ୍ଦ୍ର ସରକାର ସୀମା ସୁରକ୍ଷା ବାହିନୀର(ବିଏସ୍ଏଫ୍)ର ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବେ ନିଯୁକ୍ତି ଦେଇଛନ୍ତି। ସୋମବାର ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି। ଆସନ୍ତା ୫ ବର୍ଷ ଯାଏ ନାଥ ଏହି ଦାୟିତ୍ୱରେ ରହିବେ। ନୂତନ ପଦବୀରେ ଯୋଗଦେବା ଲାଗି ତୁରନ୍ତ ତାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି।

■ ବିଧାନସଭା ଅଧିବେଶନ ପରିଚାଳନା

### ୨୫ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୧।୯(ବ୍ୟୁରୋ): ଆସନ୍ତା ୨୯ ତାରିଖରେ ବିଧାନସଭାର ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ। କରୋନା ମହାମାରୀ ଯୋଗୁ ଆସନ୍ତା ଅଧିବେଶନର ଅବଧି ମାତ୍ର ୮ ଦିନ ରଖାଯାଇଛି। ଏହି ସ୍ୱଳ୍ପ ମିଆଦ ଅଧିବେଶନ ପାଇଁ ଆସନ୍ତା ୨୫ ତାରିଖରେ ବିଧାନସଭା ପରିସରରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ସୂଚନା ଦେଇଛି। ବୈଠକ ପରିଚାଳନା ନେଇ ଆଲୋଚନା ହେବ। ବୈଠକ ପୂର୍ବରୁ କୋଭିଡ୍-୧୯ ଟେଷ୍ଟ ଆଦି ବିଷୟରେ ଆଲୋଚନା ହେବ। ବିଧାନସଭା ଅଧିବେଶନରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ସଦସ୍ୟମାନଙ୍କୁ ଭିଡିଓ କନ୍ଫରେନ୍ସ ଜରିଆରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

# କଟକରେ ଅଣାୟତ୍ତ ହେଲାଣି କରୋନା

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**

**ରାଜ୍ୟରେ ଆଉ ୪,୨୪୨ ପଜିଟିଭ୍, ୯ ମୃତ**



■ ଆକ୍ରାନ୍ତ ଓ ମୃତ୍ୟୁରେ ତୃତୀୟ ସ୍ଥାନରେ କଟକ

■ ୧୦ ଜିଲାରେ ସଂକ୍ରମଣ ଉପରମୁହାଁ

ରାଜ୍ୟରେ ସଂକ୍ରମଣ ରୋକିବାକୁ ସରକାର ଯେତେସବୁ ପଦକ୍ଷେପ ନେଲେ ମଧ କବ୍ଜାକୁ ଆସିପାରୁନି କରୋନା। ସତେଯେମିତି ଲୁଚକାଳି ଖେଳ ଖେଳୁଛି ଏହି ମହାମାରୀ। ସରକାର ଗୋଟିଏ ଜିଲାରେ ସଂକ୍ରମଣକୁ ନିୟନ୍ତ୍ରଣ କରୁଥିବାବେଳେ ଆଉ ଗୋଟିଏ ଜିଲାରେ ଅଣାୟତ୍ତ ହୋଇପଡୁଛି। ବର୍ତ୍ତମାନ ୧୦ ଜିଲାରେ ସଂକ୍ରମଣ ଉପରମୁହାଁ ରହିଥିବାବେଳେ ଦୈନିକ ପଜିଟିଭ୍ ସଂଖ୍ୟାରେ ଖୋର୍ଦ୍ଧା ତଳକୁ କଟକ ରହିଛି। ସେହିଭଳି ମୋଟ ସଂକ୍ରମଣରେ ପ୍ରଥମ ସ୍ଥାନରେ ଖୋର୍ଦ୍ଧା ଜିଲା ରହିଥିବାବେଳେ ଦ୍ୱିତୀୟରେ ଗଞ୍ଜାମ ଓ ତୃତୀୟରେ କଟକ ରହିଛି। କରୋନାଜନିତ ମୃତ୍ୟୁରେ ମଧ କଟକ ଜିଲା ତୃତୀୟ ସ୍ଥାନକୁ ଚାଲି ଆସିଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୪,୨୪୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨,୫୦୩ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୧,୭୩୯ଜଣ ସ୍ଥାନୀୟ ଅଞ୍ଚଳରୁ ବାହାରିଛନ୍ତି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬୫୨ଜଣ ରହିଥିବାବେଳେ କଟକରୁ ୫୯୫, ଝାରସୁଗୁଡ଼ା ୨୦୫, ପୁରୀ ୧୮୨, ଜଗତ୍‌ସିଂହପୁର ୧୭୬, ମୟୂରଭଞ୍ଜ ୧୭୧, କେନ୍ଦ୍ରାପଡ଼ା ଓ ବାଲେଶ୍ୱରରୁ ୧୫୫ଜଣ ଲେଖାଏ, କନ୍ଧମାଳ ୧୫୩, ରାୟଗଡ଼ା ୧୩୪, ସୁନ୍ଦରଗଡ଼ ୧୩୩, ଯାଜପୁର ୧୩୧, ଅନୁଗୋଳ ୧୩୦, ବରଗଡ଼ ଓ ବଲାଙ୍ଗୀରରୁ ୧୧୪ଜଣ ଲେଖାଏ, ସମ୍ବଲପୁର ୧୧୩ଜଣ ରହିଛନ୍ତି। ବାକି ସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଏହାଠାରୁ କମ୍ ରହିଛି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୮୪,୧୨୨ରେ ପହଞ୍ଚିଛି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୧,୪୪୧ଜଣ ଆକ୍ରାନ୍ତ ହୋଇଥିବାବେଳେ ୧୯,୬୭୫ ସହ ଦ୍ୱିତୀୟରେ ଗଞ୍ଜାମ ରହିଛି ଓ ତୃତୀୟ ସ୍ଥାନରେ ଥିବା କଟକ ଜିଲାରେ ୧୬,୬୨୯ ଛୁଇଁଛି। ବିଶେଷକରି ଗତ ୫ଦିନ ହେଲାଣି କଟକରେ ଲଗାତର ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଦେଖାଯାଇଛି। ଗତ ୧୭ ତାରିଖରେ ୩୭୪ଜଣ ଚିହ୍ନଟ ହୋଇଥିବାବେଳେ ୧୮ରେ ୩୮୯, ୧୯ରେ ୪୯୨, ୨୦ରେ ୫୪୯ ଓ ୨୧ ତାରିଖରେ ୫୯୫ଜଣଙ୍କୁ ସଂକ୍ରମିତ କରିଛି କରୋନା ଭୂତାଣୁ। ସେପଟେ ଆଉ ୯ଜଣଙ୍କ ଜୀବନ ନେଇଛି କରୋନା। କେନ୍ଦୁଝରରୁ ୨ଜଣ ଥିବାବେଳେ ବାଲେଶ୍ୱର, ଜଗତ୍‌ସିଂହପୁର, କନ୍ଧମାଳ, ଖୋର୍ଦ୍ଧା, ମୟୂରଭଞ୍ଜ, ନବରଙ୍ଗପୁର ଓ ନୟାଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୭୧୦କୁ ବୃଦ୍ଧି ପାଇଥିବାବେଳେ ଗଞ୍ଜାମରୁ ସର୍ବାଧିକ ୨୧୬ଜଣ ରହିଥିବାବେଳେ ଖୋର୍ଦ୍ଧାରୁ ୧୦୫ ଓ କଟକରୁ ତୃତୀୟ ସର୍ବାଧିକ ୫୯ ଆକ୍ରାନ୍ତ ମରିଛନ୍ତି। ତେଣୁ କୋଭିଡ୍ ଲଢ଼େଇରେ କଟକ ଜିଲା ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଥିବା ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟପକ୍ଷରେ ମାସେରୁ ଦୁଇମାସ ମଧ୍ୟରେ ରାଜ୍ୟରେ ସଂକ୍ରମଣ ହ୍ରାସ ପାଇବ ବୋଲି ଆଶା ରହିଛି। ୫୦ରୁ ୬୦% ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ପରେ ହିଁ ଭୂତାଣୁ ସଂକ୍ରମଣକୁ ରୋକାଯାଇପାରିବ। ଏଥିପାଇଁ ଆସନ୍ତା ଦୁଇମାସ ଅଧିକ ସତର୍କ ଓ ସଚେତନ ରହିବା ସହ ଅଧିକ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି ବିରୋଧୀ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**



ଧର୍ମେନ୍ଦ୍ର ପ୍ରଧାନ

ବିରୋଧୀ ଦଳଗୁଡିକ କୃଷକଙ୍କ ଅପେକ୍ଷା ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯାହା ଦୁଃଖର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଦେଶରେ ବ୍ରିଟିଶ ଯୁଗର ଆଇନକୁ ହଟାଇବା ଏବଂ ଲାଇସେନ୍ସ ରାଜ ବନ୍ଦ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ଇଚ୍ଛା ସହ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ସଂସ୍କାରମୂଳକ ପରିବର୍ତ୍ତନ କରି ଦେଶବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରି ସେମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରା କରୁଛନ୍ତି। କଂଗ୍ରେସ ୨୦୧୪ ପରଠାରୁ ମୋଦି ସରକାରଙ୍କ ଦ୍ୱାରା ନିଆଯାଇଥିବା ସବୁ ଭଲ ପଦକ୍ଷେପକୁ ବିରୋଧ କରିଆସୁଛି। ନିଜ ପ୍ରତିଶ୍ରୁତିକୁ କଂଗ୍ରେସ ପୂରଣ ନ କରି ନିଜ ଦାୟିତ୍ୱରୁ ଓହରୁଛି । ପାର୍ଲାମେଣ୍ଟରେ କୃଷି ବିଲ୍ ପାରିତ ହେବା ଦ୍ୱାରା ବିରୋଧୀଙ୍କ ଚାଷୀ ବିରୋଧୀ ଚେହେରା ପଦାରେ ପଡ଼ିଛି। କୃଷି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆମ କୃଷକଙ୍କୁ ସ୍ୱାଧୀନତା ପ୍ରଦାନ କରିବା ସହ ସଶକ୍ତ କରିବ। ବିରୋଧୀ ଦଳ ପକ୍ଷରୁ ଅନେକ ଚାଷୀଙ୍କ ନେତୃତ୍ୱ ନେଉଥିବା ନେତାଙ୍କ ଦ୍ୱାରା କୃଷି ବିଲ୍ ଉପରେ ଅପପ୍ରଚାର ସତ୍ତ୍ୱେ ୧୩୦ କୋଟି ଜନତା ପୁଣିଥରେ ମିଥ୍ୟା ପ୍ରଚାରକାରୀଙ୍କ ମୁଖା ଖୋଲିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।





କେନ୍ଦ୍ରର କୃଷି ବିଲ୍ ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସୋମବାର ଭୁବନେଶ୍ୱରରେ ଏକ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି।

# ବ୍ୟାଙ୍କରେ ପୁଣି ୧୪ ଶହ କୋଟିର ଠକେଇ

**ନୂଆଦିଲ୍ଲୀ, ୨୧।୯**

**ସିବିଆଇର ତନାଘନା**

ବ୍ୟାଙ୍କରେ ଦିନକୁ ଦିନ ଠକେଇ ଘଟଣା ବଢ଼ି ଚାଲିଛି। ଲକ୍‌ଡାଉନ୍‌ରେ ମଧ ଠକେଇ ମାମଲା ସାମ୍ନାକୁ ଆସିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ୨୦ହଜାର ଠକେଇ ଘଟଣା ରବିବାର ରିଜର୍ଭ ବ୍ୟାଙ୍କ ଦେଇଥିବା ଆର୍‌ଟିଆଇ ତଥ୍ୟରୁ ଦୃଷ୍ଟିକୁ ଆସିଥିଲା। ସୋମବାର ବ୍ୟାଙ୍କରେ ଆଉ ଏକ ବଡ ଠକେଇ ଘଟଣା ସାମ୍ନାକୁ ଆସିଛି। ଦିଲ୍ଲୀ ଭିତ୍ତିକ ଡେରୀ ଫାର୍ମ କ୍ୱାଲିଟି ଲିମିଟେଡ୍ କନସୋର୍ଟିଅମ ବ୍ୟାଙ୍କଗୁଡିକୁ ୧୪୦୦ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ଆସିଛି। ଏହି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଦେଶର ୮ ସ୍ଥାନରେ ଚଢାଉ କରିଥିବା ଜଣେ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି।

କ୍ୱାଲିଟି ଲିମିଟେଡ୍ ଏବଂ ଏହାର ନିର୍ଦ୍ଦେଶକ ସଞ୍ଜୟ ଢିଙ୍ଗ୍ରା, ସିଦ୍ଧାନ୍ତ ଗୁପ୍ତା, ଅରୁଣ ଶ୍ରୀବାସ୍ତବଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତିବିଶେଷଙ୍କ ବିରୋଧରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏହି ବ୍ୟକ୍ତିବିଶେଷ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ନେତୃତ୍ୱାଧୀନ କନର୍ସୋଟିୟମ୍ ବ୍ୟାଙ୍କ ଯଥା: କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଆନ୍ଧ୍ର ବ୍ୟାଙ୍କ, କର୍ପୋରେଶନ ବ୍ୟାଙ୍କ, ଆଇଡିବିଆଇ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଧନଲକ୍ଷ୍ମୀ ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କକୁ ପ୍ରାୟ ୧୪୦୦.୬୨ କୋଟି ଟଙ୍କା ଠକେଇ କରିଥିବା ସିବିଆଇ ମୁଖପାତ୍ର ଆର୍.କେ. ଗୌର ସୂଚନା ଦେଇଛନ୍ତି।

ଅଭିଯୋଗ ମୁତାବକ ଏମାନେ ବ୍ୟାଙ୍କରୁ ଋଣ ଲାଭ କରିବା ଲାଗି ମିଥ୍ୟା ଦସ୍ତାବିଜ, ରସିଦ, ଜାଲ୍ ଆକାଉଣ୍ଟ ବୁକ୍ସ, ନକଲି ସମ୍ପତ୍ତି ଏବଂ ଲାଏବିଲିଟି ସୃଷ୍ଟି କରିଥିଲେ। ବ୍ୟାଙ୍କରୁ ଲାଭ କରିଥିବା ଅର୍ଥକୁ ଅନ୍ୟତ୍ର ପଠାଇ ଦିଆଯାଇଥିବା ଅଭିଯୋଗ ମଧ ଆସିଛି। ଏହି ମାମଲାରେ ଦିଲ୍ଲୀ, ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ହରିୟାଣାର ପ୍ରାୟ ୮ଟି ସ୍ଥାନରେ ସିବିଆଇ ସର୍ଚ୍ଚ ଅପରେଶନ ଜାରି କରିଛି।

# ପ୍ରସାର ଭାରତୀର ପୂର୍ବତନ ଏଡିଜି ଅଭୟ ପାଢ଼ୀଙ୍କ ପରଲୋକ

**ଭୁବନେଶ୍ୱର(ବ୍ୟୁରୋ),୨୧।୯**

**କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ**

ପ୍ରସାର ଭାରତୀର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଭୟ କୁମାର ପାଢ଼ୀଙ୍କ ସୋମବାର ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ସପ୍ତାହେ ଧରି ବରଗଡ଼ର ବିକାଶ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ



ଅଭୟ ପାଢୀ

ଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ୧୯୪୯ ମସିହାରେ ଜନ୍ମଗ୍ରହଣ କରିଥିବା ଅଭୟ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇଂଲିଶରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିଥିଲେ। କିଛିଦିନ ଧରି ଅଧ୍ୟାପକ ଭାବେ କାର୍ଯ୍ୟକରିଥିଲେ। ୧୯୭୫ରେ ପିଏସ୍‌ସିରେ ଉତ୍ତୀର୍ଣ୍ଣ ହୋଇ ପ୍ରସାର ଭାରତୀରେ ଯୋଗଦେଇଥିଲେ। ଦୀର୍ଘ ୩୫ବର୍ଷ ଧରି ସେ ଉଭୟ ଅଲ୍ ଇଣ୍ଡିଆ ରେଡ଼ିଓ ଓ ଦୂରଦର୍ଶନରେ କାର୍ଯ୍ୟ କରି ୨୦୦୯ରେ ପ୍ରସାର ଭାରତୀର ଏଡିଜି ଭାବେ ଅବସର ନେଇଥିଲେ। ଏହାପରେ ସେ ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ(ଆଇଆଇଏମସି)ରେ ଜଣେ ଗେଷ୍ଟ ଫାକଲ୍ଟି ଭାବେ ପିଲାଙ୍କୁ ପଢାଉଥିଲେ। ତାଙ୍କ ସଂଯୋଜିତ କାର୍ଯ୍ୟକ୍ରମ 'ଅନ୍ତର୍ଦୃଷ୍ଟିରେ ପୃଥିବୀ' ଲାଗି ସେ ବାର୍ଷିକ ଆକାଶବାଣୀ ପୁରସ୍କାର ପାଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କଠାରୁ ମଧ ସେ ସମ୍ମାନିତ ହୋଇଛନ୍ତି। ଏହାବ୍ୟତୀତ ଜଣେ ଲେଖକ ଭାବେ ମଧ ତାଙ୍କର ବହୁ ସୁନାମ ରହିଥିଲା। ବିଶେଷକରି ସମ୍ବଲପୁରୀ କଳା ସଂସ୍କୃତି, କୋଶଳୀ ଭାଷା ସମ୍ପର୍କରେ ଲିଖିତ ତାଙ୍କର ବହୁ ପୁସ୍ତକ ହିନ୍ଦୀ ଓ ବଙ୍ଗଳା ଭାଷାରେ ଅନୁଦିତ ହୋଇଛି। ତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# କୃଷି ବିଲ୍ ଚାଷୀଙ୍କୁ ରସାତଳଗାମୀ କରିବ: ଯୁବ କଂଗ୍ରେସ

**ଭୁବନେଶ୍ୱର ୨୧।୯(ବ୍ୟୁରୋ)**

କେନ୍ଦ୍ରର କୃଷି ବିଲ୍ ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସୋମବାର ଏକ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଲେଙ୍କା ଏକ ଟ୍ରାକ୍ଟର ଉପରେ ବସି କେନ୍ଦ୍ର ସରକାରଙ୍କ କୃଷି ବିଲ୍‌କୁ ପ୍ରତିବାଦ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ମୃତି କହିଛନ୍ତି, ଏହି ଆଇନ୍ ଦ୍ୱାରା କୃଷକ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ର ସୁବିଧା ପାଇବେ ନାହିଁ। ଏପିଏମ୍‌ସି ବା କୃଷିଜାତ ଦ୍ରବ୍ୟ ମାର୍କେଟ କମିଟିକୁ ସମ୍ପୂର୍ଣ୍ଣରୂପେ ଉଚ୍ଛେଦ କରିଦେବା ପାଇଁ ଏଥିରେ ଷଡଯନ୍ତ୍ର ହୋଇଛି। ମଣ୍ଡି ବ୍ୟବସ୍ଥା ଉଠିଯିବ। ଏଥିରେ କଳାବଜାରୀମାନେ ସମ୍ପୂର୍ଣ୍ଣ ଲାଭବାନ ହେବେ। କେବଳ ବଡ ଶିଳ୍ପପତିମାନଙ୍କୁ ବା କର୍ପୋରେଟ୍ ସେକ୍ଟରର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଆଇନ୍ ପ୍ରଣୟନ କରାଯିବ। କର୍ପୋରେଟ୍ ଫାର୍ମିଂ ଲାଭବାନ ହେବେ ଓ ଚାଷୀ ମୁଣ୍ଡରେ ଚଡକ ପଡିବ। ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାର ସମୟରେ ଚାଷୀର ଆୟକୁ ଦ୍ୱିଗୁଣିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜି ଚାଷୀର ସତ୍ୟାନାଶ କରିବାକୁ ଚକ୍ରାନ୍ତ ଚାଲିଛି। ଦେଶର ୮୬ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏଥିରେ ପ୍ରଭାବିତ ହେବେ। ସରକାର ଚାଷୀଙ୍କୁ ସେମାନଙ୍କ କ୍ରୟ ପ୍ରକ୍ରିୟାରେ ଏବଂ ଏମ୍ଏସ୍‌ପିରେ ସହଯୋଗ କରିବା ଉଚିତ୍। ମାତ୍ର ସରକାର ସମ୍ପୂର୍ଣ୍ଣ ଭାବେ କୃଷକଙ୍କ ସ୍ୱାର୍ଥଠାରୁ ଦୂରେଇ ଯାଉଛନ୍ତି। ମୋଦି ସରକାର ଚାଷୀଙ୍କୁ ପୁଞ୍ଜିପତିମାନଙ୍କ ପଞ୍ଝା ଭିତରକୁ ଠେଲି ଦେଉଛନ୍ତି। ଏଥିରେ ମୋଦି ସରକାରର କର୍ପୋରେଟ୍ ପ୍ରୀତି ସମ୍ପୂର୍ଣ୍ଣ ଜଳଜଳ ହୋଇ ଦିଶୁଛି। କଣ୍ଟ୍ରାକ୍ଟ ଫାର୍ମିଂ ରାଜିନାମାରେ କୃଷକମାନେ ମୁଲଚାଲ କରିବା ପାଇଁ ଯେଉଁ କଥା କୁହାଯାଇଛି ତାହା ଅସମ୍ଭବ। ଏଥିରେ ବଡ ସଂସ୍ଥାଙ୍କ ଏକଚାଟିଆ ନୀତି ଚାଲିବି। ଶେଷରେ ଅତ୍ୟାବଶ୍ୟକ ସାମଗ୍ରୀ ବିଲ୍ ସଂଶୋଧନ ମଧ ବଡ ସଂସ୍ଥାମାନଙ୍କୁ ସୁହାଇଲା ଭଳି ଉଦ୍ଦିଷ୍ଟ। ଏହାଦ୍ୱାରା ସେମାନେ ବଜାର ମୂଲ୍ୟ ନିର୍ଦ୍ଧାରଣ କରିବେ ବୋଲି ସ୍ମୃତି କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯାଇଛି।

# ଓଏଏସ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର ୨୧।୯(ବ୍ୟୁରୋ)**

ଓଏଏସ ସ୍ତରରେ ସୋମବାର ଛୋଟ ଧରଣର ଅଦଳ ବଦଳ ହୋଇଛି। ସାଧାରଣ ପ୍ରଶାନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଜାରି ବିଜ୍ଞପ୍ତି ଅନୁଯାୟୀ ୮ଜଣ ଅଧିକାରୀଙ୍କ ବଦଳି ହୋଇଛି। କିଶୋର ଚନ୍ଦ୍ର ଦାସଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଯୁଗ୍ମ ସଚିବ ଦାୟିତ୍ୱ ମିଳିଥିବା ବେଳେ ପୁରନ୍ଦର ଦାରୁଆ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଯୁଗ୍ମ ସଚିବ, ଶୁଭ୍ରା ମହାନ୍ତି ସମବାୟ ବିଭାଗର ଯୁଗ୍ମ ସଚିବ, ସଂଘମିତ୍ରା ଶତପଥୀଙ୍କୁ ଯୁଗ୍ମ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ରେଣୁପ୍ରଭା ନାୟକଙ୍କୁ ଦକ୍ଷତା ବିକାଶ ବିଭାଗର ଯୁଗ୍ମ ସଚିବ ହୋଇଛନ୍ତି। ସେହିପରି ଲୋକନାଥ ଦଳବେହେରାଙ୍କୁ ଗଜପତି ଡିଆରଡିଏର ଏପିଡି କରାଯାଇଥିବା ବେଳେ ଶକ୍ତିକାନ୍ତ ରାୟ ଖୋର୍ଦ୍ଧା ଜିଲା ଡିଆରଡିଏର ଏପିଡି ଏବଂ ଗୋପୀନାଥ କଅଁର ଯାଜପୁର ଡିଆରଡିଏର ଅତିରିକ୍ତ ପିଡି ହୋଇଛନ୍ତି।

# ଭେଣ୍ଟିଲେଟର ଅଭାବରୁ ରୋଗୀ ମରୁଛନ୍ତି: କଂଗ୍ରେସ

**ଭୁବନେଶ୍ୱର ୨୧।୯(ବ୍ୟୁରୋ)**

ରାଜ୍ୟରେ ଦୈନିକ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ବାହାରୁଛନ୍ତି। ଦୈନିକ ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଛି। ରାଜ୍ୟରେ କେରୋନା ଆକ୍ରାନ୍ତ ମୃତ୍ୟୁ ସଂଖ୍ୟା ୭ଶହ ଟପିଲାଣି। ଭେଣ୍ଟିଲେଟର ଅଭାବରୁ ପ୍ରତ୍ୟେକ ଦିନ ରୋଗୀ ମରୁଛନ୍ତି। ଏଭଳି ସ୍ଥଳେ କାହିଁକି ଏବଂ କାହା ସ୍ୱାର୍ଥରେ ରାଜ୍ୟ ସରକାର ୪୨୦ ଭେଣ୍ଟିଲେଟର ଇନଷ୍ଟାଲେଶନ ନ କରି ଚାପି ରଖିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, କଂଗ୍ରେସ ରାଜ୍ୟସଭା ଏମ୍‌ପି ରାଜୀବ ଶତାବ ପାର୍ଲାମେଣ୍ଟରେ ଗତ ୧୫ ତାରିଖରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନ କୁମାର ଚୌବେ ଉତ୍ତର ରଖିଛନ୍ତି। ସେ କହିଛନ୍ତି, ସମଗ୍ର ଦେଶର ୭ ରାଜ୍ୟକୁ ହାଇ ଫୋକସ୍ ମାନ୍ୟତା ଦିଆଯାଇଛି। ସେହି ତାଲିକାରେ ଓଡିଶା ଅଛି। କୋଭିଡ୍-୧୯ ମୁକାବିଲା ପାଇଁ କେଉଁ ରାଜ୍ୟକୁ କେତେ ମାସ୍କ, ପିପିଇ କିଟ୍ ଏବଂ ଲାଇଫ୍ ସେଭିଂ ଭେଣ୍ଟିଲେଟର ଦିଆଯାଇଛି ତାହାର ତାଲିକା ପ୍ରକାଶ କରିଥିଲେ। ତାଙ୍କ ତଥ୍ୟ ମୁତାବକ ଓଡିଶାକୁ ମୋଟ ୫୬୭ ଭେଣ୍ଟିଲେଟର ପ୍ରଦାନ କରାଯାଇଛି। ହେଲେ ରାଜ୍ୟ ସରକାର ମାତ୍ର ୧୪୭ ଭେଣ୍ଟିଲେଟର ଇଷ୍ଟାଲେଶନ୍ କରିଛନ୍ତି। ସାଧାରଣରେ କିଛି ମାସ୍କ ବାଣ୍ଟିନାହାନ୍ତି, ଭେଣ୍ଟିଲେଟର ଅଭାବରୁ ଲୋକେ ମରୁଥିବା ବେଳେ କାହା ସ୍ୱାର୍ଥରେ ଏବଂ କେଉଁ ମହତ ଉଦ୍ଦେଶରେ ୪୨୦ ଭେଣ୍ଟିଲେଟରକୁ ସରକାର ଧରି ବସିଛନ୍ତି ବୋଲି ନିଶିକାନ୍ତ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ୫୬୭ ଭେଣ୍ଟିଲେଟର ରାଜ୍ୟକୁ ନ ଦେଇ ଗୃହରେ ଓଡିଶା ସମ୍ପର୍କରେ ଯଦି ଭୁଲ୍ ତଥ୍ୟ ଦେଇଛି ତେବେ ରାଜ୍ୟ ସରକାର ସେନେଇ ସ୍ପଷ୍ଟ କରନ୍ତୁ। ନଚେତ୍ କ'ଣ ପାଇଁ ୪୨୦ ଭେଣ୍ଟିଲେଟର ଇନ୍‌ଷ୍ଟଲ କରୁନାହାନ୍ତି, ତାହା ସ୍ପଷ୍ଟ କରନ୍ତୁ। ଏହାସହ ତୁରନ୍ତ ବାକି ଭେଣ୍ଟିଲେଟରକୁ ଇନ୍‌ଷ୍ଟଲ କରନ୍ତୁ ବୋଲି ନିଶିକାନ୍ତ ଦାବି କରିଛନ୍ତି।

ଏବେ 2 ପ୍ୟାକ୍ ଜୋଲି ଫ୍ୟାଟ୍ ଗୋ କ୍ୟାପ୍‌ସୁଲ କ୍ରୟ ଉପରେ 1 ପ୍ୟାକ୍ ଜୋଲି ତୁଳସୀ 51
ଗ୍ରୀନ୍ ଟି ଫ୍ରି
JOLLY FAT-GO CAPSULES
JOLLY TULSI 51 GREEN TEA NATURAL IMMUNITY BOOSTER
FAT-GO
କ୍ୟାପ୍‌ସୁଲ ଓ ଅଏଲ୍
ସବୁ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ 0161-520-1588

OLA
ପ୍ରିୟ OLA ସାଥି !
OLA ନେଇ ଆସିଛି ରୋଜଗାର କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ଏବେ ଆପଣ ନିଜ ବନ୍ଧୁଙ୍କ AUTO ଆମ ସଙ୍ଗେ ଜଡ଼ିତ କରାଇ ଦୈନିକ 1000* ଟଙ୍କା ରୋଜଗାର କରି ପାରିବେ ଏବଂ ସେହି AUTO ଗୁଡିକରେ PVC PARTITION ଲଗାନ୍ତୁ ସମ୍ପୂର୍ଣ୍ଣ ମାଗଣାରେ । ଅଧିକ ସୂଚନା ପାଇଁ ଏବେ ହିଁ ମିସ୍ କଲ୍ ଦିଅନ୍ତୁ 033-40836591
ଶୀଘ୍ର କରନ୍ତୁ ଏହା କେବଳ ସୀମିତ ସମୟ ପାଇଁ ଉପଲବ୍ଧ ।

କେନରା ବୈଂକ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ପ୍ଲଟ୍ ନଂ.: ୧୫୫୬(ପି) ଏବଂ ୧୫୬୧(ପି), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯
ଗାଡି ବିକ୍ରୟ ନୋଟିସ୍

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| କ୍ର. ନଂ. | ଶାଖାର ନାମ ଏବଂ ଠିକଣା / ଫୋନ୍ ନଂ. | ଋଣଗ୍ରହୀତାମାନଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|---|
| ୧. | ଏସ୍ଏମ୍ଇ ମଞ୍ଚେଶ୍ୱର ଶାଖା (୪୯୨୧)/୭୬୦୫୦୦୯୦୬୪ | ଦିଲ୍ଲୀପ କୁମାର ମଲ୍ଲ / ୪୯୨୧.୭୬୮.୩୧/୦୮.୦୯.୨୦୧୫ | MTABLT Tipper / OD-04G-6296 | ଟ.୪,୮୦,୦୦୦/- / ଟ.୧୦,୦୦୦/- |
| ୨. | ବରମୁଣ୍ଡା ଶାଖା (୭୯୯୫)/ ୯୪୩୭୪୭୭୩୯୧ | କୁମର ନାୟକ / ୭୯୯୫୯୯୧୦୦୦୦୦୪୩/୦୨.୦୫.୨୦୧୬ | Piaggio Ape Extra DLX Passenger / OD-33G-9598 | ଟ.୬୦,୦୦୦/- /ଟ.୧୦,୦୦୦/- |
| ୩. | ପୋଖରୀପୁଟ ଶାଖା (୮୦୫୦)/ ୯୪୩୭୧୮୦୬୭୬ | ପ୍ରେମାନନ୍ଦ ବନ୍ଧର ନାଏକ / ୮୦୫୦୭୯୧୦୦୦୦୬୩୪/୩୦.୧୦.୨୦୧୫ | Maruti Swift DZIRE / OD-02Z-6393 | ଟ.୨,୦୦,୦୦୦/- /ଟ.୧୦,୦୦୦/- |

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ:
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ୍ ପ୍ରକାଶନର **୭ ଦିନ** ମଧ୍ୟରେ ଅର୍ଥାତ୍ **ତା.୨୮.୦୯.୨୦୨୦ରିଖ** ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡିକ **ତା.୨୯.୦୯.୨୦୨୦ରିଖ** ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **କାନାରା ବ୍ୟାଙ୍କ** ସପକ୍ଷରେ **ଭୁବନେଶ୍ୱର**କୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୨୭.୦୯.୨୦୨୦ରିଖ** ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର **୭ଦିନ** ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀକୁ ହସ୍ତାନ୍ତରିତ କରାଯିବ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୨୧.୦୯.୨୦୨୦ ବରିଷ୍ଠ ପ୍ରବନ୍ଧକ, କାନାରା ବ୍ୟାଙ୍କ

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। -ଶ୍ରୀମା



# ନୂତନ କୃଷି ବ୍ୟବସ୍ଥା

ରାଜ୍ୟ ସଭାରେ ୨୦ ସେପ୍ଟେମ୍ବରରେ କୃଷି ଓ କୃଷକ ସଂକ୍ରାନ୍ତ ୨ଟି ବିଲ୍ ଗୃହୀତ ହୋଇଯାଇଛି। ସେଗୁଡିକ ହେଲା-ଦି ଫାର୍ମର୍ସ ପ୍ରଡ୍ୟୁସ ଟ୍ରେଡ ଆଣ୍ଡ କମର୍ସ(ପ୍ରମୋଶନ ଆଣ୍ଡ ଫେସିଲିଟେଶନ) ବିଲ୍ ୨୦୨୦ ଏବଂ ଦି ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ ବିଲ୍ ୨୦୨୦। ଓଡ଼ିଆରେ ଅନୁବାଦ କରାଗଲେ ବିଲ୍ ୨ଟିର ନାମ ହେବ କୃଷି ଉତ୍ପାଦନର ବ୍ୟବସାୟ ଓ ବାଣିଜ୍ୟ(ପ୍ରୋତ୍ସାହନ ଓ ସୁଗମୀକରଣ) ବିଧେୟକ ୨୦୨୦ ଏବଂ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟଧାର୍ଯ୍ୟ ଲାଗି ରାଜିନାମା ଓ କୃଷିସେବା ବିଧେୟକ ୨୦୨୦। ଏହି ବିଲ୍ ଦୁଇଟି ଗତ ସପ୍ତାହରେ ଲୋକ ସଭାରେ ଗୃହୀତ ହୋଇସାରିଛି। ଏଥିସହିତ ଲୋକ ସଭାରେ ଅନ୍ୟ ଏକ ବିଧେୟକ ଏସେନ୍ସିଆଲ କମୋଡିଟିଜ୍ ଆକ୍ଟ ଆମେଣ୍ଡମେଣ୍ଟ (ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ସଂଶୋଧନ) ଗୃହୀତ ହୋଇସାରିଛି, ଯାହାକି ରାଜ୍ୟ ସଭାରେ ଖୁବ୍‌ଶୀଘ୍ର ପାରିତ ହେବ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏସବୁ ଆଇନରେ ପରିଣତ ହେବ। ପ୍ରଥମ ୨ଟି ବିଲ୍‌କୁ ଏବେ ପଞ୍ଜାବ ଓ ହରିୟାଣା ସମେତ ଅନେକ ରାଜ୍ୟରେ ତୀବ୍ର ବିରୋଧ କରାଯାଉଛି। ହେଲେ ସରକାର ସଫେଇ ଦେଉଛନ୍ତି ଯେ, ପୂର୍ବାପେକ୍ଷା ଚାଷୀ ଅଧିକ ସଶକ୍ତ ହୋଇପାରିବ ଓ ସିଧାସଳଖ ବଜାର ସହ ଯୋଡ଼ି ହୋଇ ଅଧିକ ଲାଭ ଉଠାଇ ପାରିବେ। ଆଉ ସ୍ଥାନୀୟ ମଣ୍ଡି ଭିତରେ ସୀମିତ ନ ରହି କୃଷକ ତା'ର ଉତ୍ପାଦକୁ ରାଜ୍ୟର ଯେ କୌଣସି ସ୍ଥାନ ବା ରାଜ୍ୟ ବାହାରକୁ ନେଇ ବିକ୍ରି କରିପାରିବ। କୃଷକ ସଶକ୍ତୀକରଣ ବିଲ୍‌ରେ କଣ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତିଭିତ୍ତିକ ଚାଷ ସଂକ୍ରାନ୍ତ ବ୍ୟବସ୍ଥାରେ ବିନା ମଧ୍ୟସ୍ଥରେ ବଡ଼ ଗ୍ରାହକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରାଯାଇପାରିବ ବୋଲି କୁହାଯାଇଛି।

କୃଷକ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ଆଲୋଚିତ ବିଲ୍ ଆଇନରେ ପରିଣତ ହୋଇଗଲେ ନାମମାତ୍ର ଓ କ୍ଷୁଦ୍ରଚାଷୀମାନେ ଘୋର କ୍ଷତିର ସମ୍ମୁଖୀନ ହେବେ। କାରଣ ମଣ୍ଡି ବ୍ୟବସ୍ଥାକୁ ଏଥିରେ ଦୁର୍ବଳ କରିଦିଆଯାଇଛି। ଏଥିସହିତ ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପାଇବାରୁ ବଞ୍ଚିତ ହେବ। ଏମିତି ଦେଖିଲେ ଭାରତୀୟ ଚାଷୀ ସର୍ବଦା ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥାଏ। ମଧ୍ୟସ୍ଥମାନେ ଲାଭ ଉଠାଇ ମାଲାମାଲ ହୋଇଥାନ୍ତି। ବିଲଗୁଡ଼ିକରେ ଯେଉଁ ବ୍ୟବସ୍ଥା କରାଯାଇଛି, ଚାଷୀ ଚାହିଁଲେ ତା'ର ଉତ୍ପାଦକୁ ରାଜ୍ୟର ଯେକୌଣସି ସ୍ଥାନ ବା ରାଜ୍ୟ ବାହାରେ ଅଧିକ ଅର୍ଥ ପାଇଁ ବିକ୍ରି କରିପାରିବ, ତାହା ଅବାସ୍ତବ ଲାଗୁଛି। କାରଣ ଚାଷୀର ଦୁର୍ବଳ ଆର୍ଥିକ ସ୍ଥିତି ଯେଭଳି ଥାଏ, ସେ ସ୍ଥାନୀୟ ମଣ୍ଡିକୁ ତା'ର ଉତ୍ପାଦକୁ ବୋହିନେବା ପାଇଁ ଅତିକଷ୍ଟରେ ଅର୍ଥ ଯୋଗାଡ଼ କରେ। ସେଭଳି ସ୍ଥଳେ ବ୍ୟବସାୟୀଙ୍କ ଭଳି ତାହାକୁ ଦୂରସ୍ଥାନକୁ ନେଇ ବିକ୍ରି କରିବା ଆଦୌ ସମ୍ଭବ ପର ନୁହେଁ। ଏଥିରୁ ବୁଝିବାକୁ ହେବ ଯେ, ବଡ଼ ବେପାରୀଙ୍କୁ ସୁହାଇଲା ଭଳି ସବୁ ବ୍ୟବସ୍ଥା କରାଯାଉଛି। ଏମ୍‌ଏସ୍‌ପି ଉଠାଇ ଦେବା ନେଇ ମସୁଧା ହେଉ ବା ମଣ୍ଡିକୁ ଦୁର୍ବଳ କରିବା ଲାଗି ଚିନ୍ତା କରାଯିବା ପଛରେ କୃଷି କ୍ଷେତ୍ର ଉପରେ ସରକାରଙ୍କ ନିୟନ୍ତ୍ରଣକୁ ହ୍ରାସ କରାଯାଉଛି। ଅର୍ଥାତ ଆଗାମୀ ଦିନରେ କର୍ପୋରେଟ ସଂସ୍ଥା କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ପରିଚାଳନା କରିବେ। ଅନ୍ୟପଟେ ଯେଉଁ ତଥାକଥିତ ସ୍ୱାଗତଯୋଗ୍ୟ ସ୍ଥିତି ସୃଷ୍ଟି ହେବ ବୋଲି କୁହାଯାଉଛି, ସେଥିରେ ମୁଖ୍ୟତଃ ମଧ୍ୟସ୍ଥର ଉପସ୍ଥିତି ରହିବ ନାହିଁ। କିନ୍ତୁ ସେହି ସ୍ଥାନକୁ କିଏ ପୂରଣ କରିବ ତାହାର କୌଣସି ବ୍ୟବସ୍ଥା କରାଯାଇଥିବା ଭଳି ମନେହେଉ ନାହିଁ। ଏହି ମଧ୍ୟସ୍ଥମାନେ କ୍ଷୁଦ୍ର ଚାଷୀକୁ ଫସଲ ପୂର୍ବରୁ ଆର୍ଥିକ ସାହାଯ୍ୟ ଯୋଗାଇ ଉତ୍ପାଦ ଉପରେ ନିଜର ନିୟନ୍ତ୍ରଣ ରଖନ୍ତି। ଯେତେବେଳେ ସେହି ଅର୍ଥ ମିଳିବ ନାହିଁ, ଏହି କ୍ଷୁଦ୍ରଚାଷୀର ଆର୍ଥିକ ସ୍ଥିତି ଆକଳନ କରିବା କଷ୍ଟକର ହୋଇଯିବ। ନିଜର ପରିବାର ଚଳାଇବା ପାଇଁ ସେ ସକ୍ଷମ ହେବ ନାହିଁ। ଏହାବ୍ୟତୀତ କେଉଁ କର୍ପୋରେଟ ଏହି ବ୍ୟବସାୟରେ ପ୍ରବେଶ କରିବ ତାହାକୁ ସେହିପରିମାଣର ଭଣ୍ଡାରଣ ସୁବିଧା ଯୋଗାଡ଼ କରିବାକୁ ପଡିବ। ଏହାମଧ୍ୟ ହୋଇପାରେ ଯେ, ଏଫସିଆଇ ବା ଭାରତୀୟ ଖାଦ୍ୟ ନିଗମ ଖୁବ୍‌ଶୀଘ୍ର ବିକ୍ରି ହୋଇଯିବ। ନଚେତ୍ ଏହି ବ୍ୟବସାୟରେ ପ୍ରବେଶ ପାଇଁ ଇଚ୍ଛୁକ ବଡ଼ କର୍ପୋରେଟ ସକାଶେ ଫୁଡ୍ ପ୍ରୋକ୍ୟୁରମେଣ୍ଟ ବା ଶସ୍ୟ ସଂଗ୍ରହ କରିବା ସମ୍ଭବପର ହେବ ନାହିଁ। ସେହି କର୍ପୋରେଟ ପୁନର୍ବାର ଆଜିର ମଧ୍ୟସ୍ଥକୁ ଧରିବା ପାଇଁ ବାଧ୍ୟ ହେବ, ଯାହାଫଳରେ ଚାଷୀର ଜୀବନରେ କୌଣସି ପରିବର୍ତ୍ତନ ଆସିବ ନାହିଁ।

ସମାଲୋଚକମାନେ ଆଶଙ୍କାବ୍ୟକ୍ତ କଲେଣି ଯେ, ୨ ବୃହତ କର୍ପୋରେଟ ସଂସ୍ଥା- ଆଦାନି ଓ ରିଲାଏନ୍ସ ଖାଦ୍ୟ ଓ କୃଷିଜାତ ସାମଗ୍ରୀର ଖୁଚୁରା ବ୍ୟବସାୟରେ ଯେଭଳି ପ୍ରବେଶ କଲେଣି ସେଥିରୁ ଏହା ଉଦବୋଧ ହେଉଛି ଯେ, କେନ୍ଦ୍ର ସରକାର ସବୁ କିଛି ସେମାନଙ୍କ ହାତରେ ସଅଁପି ଦେବାକୁ ଯୋଜନା କରିଛନ୍ତି। ସମାଲୋଚକଙ୍କ କଥାକୁ ଅଣଦେଖା କରାଯାଇ ନ ପାରେ। କାରଣ ଦେଶ କୋଭିଡ-୧୯ ଭଳି ମହାମାରୀ ଦେଇ ଗତି କରୁଛି। ୨୦୧୬ ମସିହାର ବିମୁଦ୍ରୀକରଣ ଓ ୨୦୧୭ରେ ଲାଗୁ ହୋଇଥିବା ସାମଗ୍ରୀ ଓ ସେବା ଟିକସ (ଜିଏସଟି) ଯୋଗୁ ଦୁର୍ବଳ ହୋଇ ଆସିଥିବା ଅର୍ଥନୀତି କରୋନାଜନିତ ମହାମାରୀ ଯୋଗୁ ଅଧିକ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଦେଶର ପ୍ରାୟ ୭ କୋଟି ଲୋକ ନିଯୁକ୍ତି ହରାଇଛନ୍ତି। କହିବାକୁ ଗଲେ ଭାରତୀୟ ଅର୍ଥନୀତି ଆଇସିୟୁ ଭିତରେ ଥିବାବେଳେ ଯେଉଁ ସମୟରେ କୃଷି ଅଧ୍ୟାଦେଶ ଅଣାଗଲା ଓ ଏବେ ତରବରିଆ ଭାବେ ସଂସଦରେ ଗୃହୀତ କରାଯାଉଛି, ସେଥିରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଥିବା ବୁଝା ପଡିଯାଉଛି।

ଗତ କିଛି ବର୍ଷର କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଦେଖିଲେ ସବୁକିଛି କର୍ପୋରେଟ ପ୍ରୀତିମୂଳକ ହୋଇଯାଇଛି। ବଡବଡ ରାଷ୍ଟ୍ରାୟତ ଉଦ୍ୟୋଗର ଅଂଶଧନକୁ ଘରୋଇ ସଂସ୍ଥାକୁ ବିକ୍ରି କରି ଦିଆଗଲାଣି। ପ୍ରତିକଥାରେ ସଫେଇ ଦିଆଯାଉଛି ଯେ, ଅର୍ଥନୀତିକୁ ଉନ୍ମୁକ୍ତ କରିଦେଲେ ଓ ବଜାରକୁ ମୁକ୍ତ କରିଦିଆଗଲେ ଆର୍ଥିକ ବ୍ୟବସ୍ଥା ସୁଦୃଢ଼ ହୋଇଯିବ। ଏଇ କିଛିବର୍ଷ ମଧ୍ୟରେ ଦେଶବାସୀ ଏହାର କି ସୁଫଳ ପାଇଛନ୍ତି, ସେ ବିଷୟରେ ଚିନ୍ତା କରିବା ଦରକାର। ଏବେ କୃଷିଭଳି ବଡ କ୍ଷେତ୍ର ଉପରେ ଘରୋଇ ସଂସ୍ଥାର ଲୋଲୁପ ଦୃଷ୍ଟି ପଡିଥିବାରୁ ଏହା ଖୁବ୍‌ଶୀଘ୍ର ଧ୍ୱଂସ ପାଇଯିବାର ଆଭାସ ଦେଲାଣି। କଣ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତି ଭିତ୍ତିକ ଚାଷରେ ବଡ କର୍ପୋରେଟ ହାଉସ ଗୁଡିକ ନାମମାତ୍ର, କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କ ସହ ଜମିରେ ମନମୁତାବକ ଉତ୍ପାଦକ ଫଳାଇବା ପାଇଁ ଲେଖାପଢା କରିବେ। ଫଳରେ କ୍ୟାଶକ୍ରପ ବା ଅର୍ଥକରୀ ଫସଲକୁ ଅଗ୍ରାଧିକାର ଦିଆଯିବ। ତାହାହେଲେ ଚାଉଳ, ଗହମ ଓ ତୈଳ ବୀଜ ଜାତୀୟ ଶସ୍ୟ ଉତ୍ପାଦନ କମିଯିବ। କେବେଳ ସେତିକି ନୁହେଁ, ସମୟ ଆସିବ ସେହି କର୍ପୋରେଟ ହାଉସଗୁଡିକ କାରସାଦି କରି କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କ ଜମିକୁ ହାତେଇ ନେଇପାରନ୍ତି। ସେତବେଳକୁ ଦେଶର ଅଧିକାଂଶ ଜମି ସେମାନଙ୍କ ହାତ ମୁଠାକୁ ଚାଲିଯାଇଥିବ।

ଏବେ ଆଲୋଚନା ଅପେକ୍ଷାରେ ଥିବା ଅନ୍ୟତମ ଅଧ୍ୟାଦେଶ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ଅଣାଯିବାକୁ ନେଇ ମଧ୍ୟ ବିବାଦ ମୁଣ୍ଡ ଟେକିଛି। ଏଥିରେ କୁହାଯାଇଛି ଯେ, ଯୁଦ୍ଧ ବା ଦୁର୍ଭିକ୍ଷ କିମ୍ବା ଅତ୍ୟନ୍ତ ଦରବୃଦ୍ଧି ଭଳି ସ୍ଥିତି ନ ଉପୁଜିଲେ ଅତ୍ୟାବଶ୍ୟକ ବିବେଚିତ ହେଉଥିବା ଖାଦ୍ୟଶସ୍ୟ ମହଜୁଦ କରି ରଖିବାର ସୀମା ନେଇ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଏହାଦ୍ୱାରା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ନେବାର ଯୋଜନା କରିଛନ୍ତି। ସାଧାରଣତଃ ରାଜ୍ୟସ୍ତରରେ ସାମଗ୍ରୀ ଗୁଡିକର ଦର ଅସ୍ୱାଭାବିକ ସ୍ତରକୁ ଚାଲିଯାଉଥିବାବେଳେ ରାଜ୍ୟ ସରକାର କ୍ଷମତା ବଳରେ ତାହାକୁ ନିୟନ୍ତ୍ରଣ କରିପାରୁଛନ୍ତି। ଏବେ କେନ୍ଦ୍ରସରକାର ଯେଉଁ ବ୍ୟବସ୍ଥା କରିବାକୁ ଯାଉଛନ୍ତି ତାହା ଦ୍ୱାରା ସଂଘୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରିଦିଆଯାଇଛି। କେବଳ ଯୁଦ୍ଧ ଓ ଦୁର୍ଭିକ୍ଷର ଦ୍ୱାହି ଦେଇ ସବୁକିଛି ନିଜ ନିୟନ୍ତ୍ରଣକୁ ନେଇଯିବାର ଏଯେଉଁ ଚିନ୍ତା ଜନ୍ମିଛି ତାହାଦ୍ୱାରା ସମଗ୍ର ଅତ୍ୟାବଶ୍ୟକ ସାମଗ୍ରୀକୁ କେନ୍ଦ୍ର ଇଚ୍ଛାମୁତାବକ ପରିଚାଳନା କରିବ। ଏହାର ପଛରେ ରହିଥିବା ଉଦ୍ଦେଶ୍ୟ ସ୍ପଷ୍ଟ ହେଲାଣି। ସପ୍ଲାଏଚେନ ବା ଯୋଗାଣ ଶୃଙ୍ଖଳରେ ଘରୋଇ ପୁଞ୍ଜି ଲଗାଣର ରାସ୍ତା ଫିଟାଇ ଦିଆଯାଇଛି ବୋଲି କୁହାଯାଉଛି। କିନ୍ତୁ ନିଜର ଲାଭ ନ ଦେଖିଲେ କୌଣସି କର୍ପୋରେଟ ଏଥିରେ ଅର୍ଥ ଲଗାଇବେ ନାହିଁ। ଫଳରେ ଖାଦ୍ୟସାମଗ୍ରୀ ଏକ ବ୍ୟବସାୟିକ ବ୍ୟବସ୍ଥାରେ ଅଳ୍ପକେତଜଣଙ୍କ ହାତରେ ନିର୍ଦ୍ଧାରିତ ହେବ। ଜିଏସଟିର କୁଫଳ ଦେଖିବା ପାଇଁ ୩ ବର୍ଷ ଲାଗିଲା। ଖାଦ୍ୟସାମଗ୍ରୀର କର୍ପୋରେଟାଇଜେଶନର କୁଫଳ ଦେଖିବାକୁ ଅଧିକ ସମୟ ଲାଗି ନ ପାରେ।

# ଆଲୁଅ ତଳର ଅନ୍ଧାର



ଉପେନ୍ଦ୍ର ବିଶ୍ୱାଳ

ଏକଦା ନାରଦଙ୍କ ସହ ମର୍ତ୍ତ୍ୟ ଭ୍ରମଣରେ ଥିବାବେଳେ ତୃଷାର୍ତ୍ତ ଅନୁଭବ କଲେ ଭଗବାନ ବିଷ୍ଣୁ। ସେଇଠୁ ପାଣି ପାଇଁ ଦୌଡ଼ିଗଲେ ଦେବର୍ଷି। ଗାମୁଣ୍ଡ ଏକ ଘରକୁ ଯାଇ ପାଣି ମାଗନ୍ତେ, ସହାସ୍ୟ ବଦନେ ଡାଳଭର୍ତ୍ତି ଜଳ ଧରି ପହଞ୍ଚିଲେ ଜଣେ ଅତ୍ୟନ୍ତ ଅପାରୂପା ଅନୁପମା ନାରୀ। ଅନନ୍ୟ ଅନିନ୍ଦ୍ୟ ରୂପବତୀ ମହିଳାଙ୍କୁ ଦେଖି ନିଜକୁ ଆଉ ନିୟନ୍ତ୍ରଣ କରିପାରିଲେନି ନାରଦ। ତେଜସ୍ୱୀ ଋଷିଙ୍କ ପ୍ରେମ ଭିକ୍ଷାକୁ ଉପେକ୍ଷା କରି ନ ପାରି ସୁନ୍ଦରୀ ଜଣଙ୍କ ବି ସ୍ୱୀକୃତି ଦେଲେ ସହର୍ଷ ବଦନରେ। ବିତି ଯାଇଛି ବାରବର୍ଷ। ପ୍ରଳୟଙ୍କରୀ ବନ୍ୟା-ବାତ୍ୟାରେ ଦିନେ ବିଗିଡି ଯାଇଛି ସବୁକିଛି। ଚାରିଆଡେ ବନ୍ୟାର ଉତ୍ତାଳ ତରଙ୍ଗ। ସ୍ତ୍ରୀ ଓ ଦୁଇ ଛୁଆଙ୍କୁ ବଞ୍ଚାଇବାକୁ ଯାଇ ସାହସର ସହିତ ବାହାରି ପଡିଲେ ନାରଦ। ସାନ ପୁଅକୁ କାନ୍ଧରେ ବସାଇ ଅନ୍ୟ ଦୁଇଜଣଙ୍କୁ ଦୁଇ ହାତରେ ଧରି ଜଳସ୍ରୋତ ଅତିକ୍ରମ କରୁଥିଲା ବେଳେ କାନ୍ଧରୁ ଦୈବାତ ଖସି ପଡିଛି ପିଲାଟି। ତାକୁ ବଞ୍ଚାଇବାକୁ ଯାଇ ଅନ୍ୟ ପୁଅଟିକୁ ବି ହରେଇ ବସିଲେ। ଅଥୟ ହୋଇ ଦୁଇପିଲାଙ୍କୁ ଜଳସ୍ରୋତରେ ଅଣ୍ଡାଳି ଚାଲିଥିଲା ବେଳେ ପ୍ରାଣପ୍ରିୟା ପତ୍ନୀ ବି ଭାସିଗଲେ ପ୍ରଖର ସ୍ରୋତରେ। ସେଇଠୁ କୋହ ସମ୍ଭରଣ କରି ନ ପାରି ରଡି ଛାଡିଛନ୍ତି କଣ୍ଠ ଫଟାଇ। ହଠାତ୍, କାନ୍ଧରେ କାହାର କୋମଳ କରସ୍ପର୍ଶ। ବୁଲିପଡ଼ି ଦେଖନ୍ତି ତ ସ୍ମିତହାସ୍ୟରେ ସ୍ୱୟଂ ନାରାୟଣ। ''ପାଣିପାଇଁ ଅଧଘଣ୍ଟାଏ ହେଲା ଅପେକ୍ଷା କରିଛି, କିନ୍ତୁ ପାଣି ବଦଳରେ ଶୁଖିଲାଟାରେ ଏଠି କ'ଣ ଖୋଜି ବୁଲୁଥିଲ ନାରଦ? ପ୍ରଭୁଙ୍କ ମାୟାକୁ ବୁଝିବାକୁ ଆଉ ବାକି ନ ଥିଲା ନାରଦଙ୍କର। ମାୟା - ଏକ ମିଥ୍ୟା ଭ୍ରମ; ଯାହା ଭ୍ରମିତ କରାଏ, ଭ୍ରଷ୍ଟ କରାଏ ଅସ୍ଥିର ମନକୁ। ମାୟା- ଏକ କୁହେଳିକା, ଏକ ଇନ୍ଦ୍ରଜାଲ; ଯାହା ମୋହାବିଷ୍ଟ କରେ ମଣିଷକୁ। ଆଲୁଅର ଛଦ୍ମ ଆବରଣ ତଳେ ଛପି ରହିଥାଏ ଅନ୍ଧକାର ଯେଉଁଠି, ତାହା ହେଉଛି ମାୟା ଜଗତ। ମେଞ୍ଚେ ପ୍ରତିଷ୍ଠା, ପୁଳେ ପଇସାର ପ୍ରଲୋଭନରେ ପାଗଳ କରେ ଯୁବ ପ୍ରାଣକୁ। ରାତାରାତି ତାରକାଟିଏ ହେବାକୁ ଧାଇଁ ଆସନ୍ତି ମାୟାପୁରୀକୁ। ପରିଣତିରେ ସୁଶାନ୍ତଙ୍କ ପରି ଅନେକ ମେଧାବୀ ଓ ପ୍ରତିଭାଧାରୀମାନେ ହଜି ଯାଆନ୍ତି ସେ ଅନ୍ଧାରରେ। ମାୟାପୁରକୁ ଧାଇଁ ଆସିଥିବା ମାଳବିକାମାନେ ମଉଳି ଯାଆନ୍ତି ସଜ ସକାଳରେ। ଏହା ହେଉଛି ମୁମ୍ବାଇର ସେହି ମାୟା ଜଗତ, ଯିଏ କି ଭ୍ରମିତ କରି ଚାଲିଛି ଦେଶର ଯୁବ ମନକୁ। ଯାହାକୁ ନେଇ ଆଜି ଖୁବ୍ ଚର୍ଚ୍ଚା ସାରା ଦୁନିଆରେ।

କସ୍‌ମେଟିକ ଦୁନିଆ ଯେ କେତେ କଳୁଷିତ, ଗ୍ଲାମର ଚେହେରା ତଳେ ଯେ କେତେ କଳାକାରନାମା, ଧୀରେ ଧୀରେ ଆଲୋକିତ ହେବାରେ ଲାଗିଛି ସେ ଅନ୍ଧକାର ଦିଗସବୁ। ବୀର ଛତ୍ରସଲ, ଛତ୍ରପତିଙ୍କ ଚର୍ଚ୍ଚିତ ଭୂମି ଆଜି ଛଳନାର ଚିତ୍ରଶାଳା। ଜାନ୍ତବ କ୍ଷୁଧାର ଜ୍ୱାଳାରେ ଜଳି ଯାଏ ଯୁବତୀମାନଙ୍କ ଜୀବନ। ନିଶାଚର, ନିଶାଖୋରଙ୍କ ଯୋଗୁ ନିକ୍ଷେପିତ ନାଚନାଗରୀ ଆଜି। କଙ୍ଗେନାଙ୍କ କହିବାନୁଯାୟୀ, ବଲିଉଡ ସାଜିଛି ବ୍ୟଭିଚାରର ବିଷାକ୍ତ ବଳୟ। ଶିକାର ସନ୍ଧାନରେ ବ୍ୟୂହ ରଚନା କରନ୍ତି, ନାୟକଙ୍କଠାରୁ ନିର୍ମାତା, ନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ। ପ୍ରାୟ ୯୯ ଭାଗ ଅଭିନେତା ନିଶାମଗ୍ନ। ଏବେ ନାର୍‌କୋଟିକ୍ସ କଂଟ୍ରୋଲ ବ୍ୟୁରୋ (NCB) ଦ୍ୱାରା ଗିରଫ ହୋଇଥିବା ରିଆ ଚକ୍ରବର୍ତ୍ତୀ ଓ ସାନଭାଇ ସୌଭିକଙ୍କୁ ସାମ୍ନାସାମ୍ନି ଜେରା କଲାବେଳେ, ଏ ସଂକ୍ରାନ୍ତ ଅନେକ ତଥ୍ୟ ଆଲୋକିତ ହେବାରେ ଲାଗିଛି। ଏଥିପାଇଁ ୩୦ ପାଖାପାଖି ସେଲିବ୍ରିଟି ଆଜି ଗିରଫ ଭୟରେ ଅନ୍ତର୍ଦ୍ଧାନ। ଡ୍ରଗ୍ସ ସହିତ ବଲିଉଡର ସମ୍ପର୍କ ଯେ ଆଜିର, ତାହା ନୁହେଁ; ସୁଦୀର୍ଘ ସଘନ ସମ୍ପର୍କ ସମ୍ବନ୍ଧେ ଜାଣିଲେ ଯେ କେହି ବି ବ୍ୟଥିତ ଓ ଲଜ୍ଜିତ ହେବ। ଏଇତ ପ୍ରାୟ ବର୍ଷେ ତଳେ ଚଳଚ୍ଚିତ୍ର ନିର୍ଦ୍ଦେଶକ କରନ ଜୋହରଙ୍କ ଏକ ଭାଇରାଲ ଭିଡିଓ ଖୁବ୍ ଚର୍ଚ୍ଚା ଧରିଥିଲା, ଦେଶ ବିଦେଶରେ; ଯେଉଁଥିରେ ଦୀପିକା ପାଦୁକୋନ, ରଣବୀର କପୁର, ଅର୍ଜୁନ କପୁର, ମଲାଇକା ଆରୋରା, ସାହିଦ କପୁର, ଭିକି କୌଶଳ, ଚଳଚ୍ଚିତ୍ର ନିର୍ମାତା ଆୟନ ମୁଖାର୍ଜୀ ପ୍ରମୁଖ ନିଶାସକ୍ତ ଥିବାର ଦେଖାଯାଇଥିଲା। ନିଶା କାରବାର ସମ୍ବନ୍ଧୀୟ ଆହୁରି ସାଙ୍ଘାତିକ ଅଭିଯୋଗ ଆସିଛି ବଲିଉଡ୍ ବିରୋଧରେ। ଆମେରିକାର ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଏବଂ କେନିଆ ପୋଲିସର ମିଳିତ ଅଭିଯାନରେ ଗିରଫ ହୁଅନ୍ତି ଅଭିନେତ୍ରୀ ମମତା କୁଲକର୍ଣ୍ଣି ଓ ସ୍ୱାମୀ ଭିକି ଗୋସ୍ୱାମୀ, ବହୁକୋଟି ଟଙ୍କାର ଆନ୍ତର୍ଜାତିକ ର୍‌ୟାକେଟରେ ସେମାନଙ୍କ ସମ୍ପୃକ୍ତି ନେଇ। କିଙ୍ଗ୍ ଖାନଙ୍କ ପତ୍ନୀ ଗୌରୀ ମଧ୍ୟ ଏକଦା ଗିରଫ ହୋଇଥିଲେ ବର୍ଲିନ ବିମାନ ବନ୍ଦରରେ। ଗୌରୀ ଖାଁଙ୍କଠାରୁ ଜବତ ହୋଇଥିଲା ବହୁ ଦାମିକା 'ମାରିଜୁଆନ' ଡ୍ରଗ୍ସ। ବେଆଇନ ଡ୍ରଗ୍ସ ରଖିଥିବା ଅଭିଯୋଗରେ ୨୦୦୪ ମସିହାରେ ଦୁବାଇ ବିମାନବନ୍ଦରରେ ଗିରଫ ହୋଇଥିବା ଆଉଜଣେ କଳାକାର ହେଲେ କମେଡିଆନ ବିଜୟ ରାଜ। ସ୍ୱର୍ଗତ ଫିରୋଜ ଖାଁଙ୍କ ପୁତ୍ର, ଫରଦିନ ଖାନ୍ ମଧ୍ୟ ବେଆଇନ ନିଶା କାରବାର ଅଭିଯୋଗରେ ମୁମ୍ବାଇ ପୋଲିସ ଦ୍ୱାରା ଗିରଫ ହୋଇଥିଲେ, ମେ ୨୦୦୧ ମସିହାରେ। ବହୁଦିନର ଆଇନ ଲଢେଇ ପରେ ୨୦୧୨ ମସିହାରେ ଯାଇ ଜେଲରୁ ମୁକୁଳିଲେ ଜାମିନରେ। ଡ୍ରଗ୍ସ କାରବାରରେ ଅଧିକ ଚର୍ଚ୍ଚିତ ହେଉଛନ୍ତି ସଞ୍ଜୟ ଦତ୍ତ, ଯିଏ କି ଏ ମାମଲାରେ ଗିରଫ ହେଇଥିଲେ ୧୯୮୨ ମସିହାରେ। ସୁଜାନ ଖାନ୍, ପୂର୍ବତନ ମଡେଲ ଗୀତାଞ୍ଜଳି ନଗପାଲ, ରାହୁଲ ମହାଜନ ପ୍ରମୁଖ ଚର୍ଚ୍ଚିତ ଚେହେରାଙ୍କ ପ୍ରଥମ ପ୍ରେମ ନିଶା ସହିତ। ଜାନୁୟାରୀ ୨୦୧୪ରେ ଆମେରିକା ମେଡିକାଲ ଜର୍ନାଲରେ ଏଥି ସଂକ୍ରାନ୍ତ ପ୍ରକାଶିତ ଚିନ୍ତାଜନକ ରିପୋର୍ଟଟି ସ୍ତବ୍ଧ କରିଥିଲା ଦେଶର ସଚେତନ ନାଗରିକଙ୍କୁ।

ମହିଳା ନିଶା ସେବନରେ ସାରା ବିଶ୍ୱରେ ମାର୍କିନ ରାଷ୍ଟ୍ର ପ୍ରଥମ ସ୍ଥାନରେ ଥିଲାବେଳେ ଭାରତ ଦ୍ୱିତୀୟ ସ୍ଥାନରେ। ଆମେରିକାର ଜୀବନ ଶୈଳୀ ଯାହା ସେଥିରେ ଚକିତ ହେବାର କିଛି ନାହିଁ। ମାତ୍ର ଭାରତ ଭଳି ସଂସ୍କୃତି ସଚେତନ ଦେଶରେ ଯେଉଁଠି ନାରୀମାନଙ୍କୁ ମାଆ ଲକ୍ଷ୍ମୀଙ୍କ ପ୍ରତିଛବି ରୂପେ ସମ୍ମାନ ଦିଆଯାଏ, ସେଠାରେ ଯଦି ଏମାନେ ନିଶାସକ୍ତ ହେବେ, ତେବେ ସେ ଦେଶ ଲକ୍ଷ୍ମୀଛଡ଼ା ହେବନି ତ? ଏଥିପାଇଁ ମାତ୍ରାଧିକ ବଲିଉଡ ପ୍ରେମ ହିଁ ଦାୟୀ ବୋଲି ଉକ୍ତ ରିପୋର୍ଟ ଦର୍ଶାଇଥିଲା। ଦୁବାଇରୁ ମୁମ୍ବାଇ, ବର୍ଲିନଠାରୁ କେନିଆ-ଆମେରିକା ପର୍ଯ୍ୟନ୍ତ ବଲିଉଡର ନାମୀଦାମୀ ତାରକା ଗିରଫ ହେବା ଘଟଣା ସୂଚାଇଥାଏ ଆନ୍ତର୍ଜାତିକ ର୍‌ୟାକେଟରେ ଏମାନଙ୍କ ସମ୍ପୃକ୍ତିକୁ। ଆଉ, ଭାରତ ବାହାରେ ଥିବା ଆନ୍ତର୍ଜାତିକ ଷଡ଼ଯନ୍ତ୍ର ଓ ଏହି ର୍‌ୟାକେଟର କେନ୍ଦ୍ରସ୍ଥଳ, ରୀତିମତ କସରତ କରିଚାଲିଛି ନିଶାର ଜାଲରେ ଭାରତୀୟ ଯୁବସମାଜକୁ ଛନ୍ଦି ଦେବାକୁ।

ମୁମ୍ବାଇ ବୋମା ବିସ୍ଫୋରଣ ପୂର୍ବରୁ ବଲିଉଡର ତ ଏକପ୍ରକାର ଭଗବାନ ଥିଲା କୁଖ୍ୟାତ ଆତଙ୍କବାଦୀ ଦାଉଦ ଇବ୍ରାହିମ। ସେତେବେଳେ ନିଶା ମାଫିଆ, ଆତଙ୍କୀଙ୍କ ଇସାରାରେ ନାଚୁଥିଲା ବଲିଉଡ ଜଗତ। ଯେହେତୁ ବିଶାଳ ଯୁବ ସମାଜ ହେଉଛି ଭାରତର ଅସଲ ଶକ୍ତି ଓ ସାମର୍ଥ୍ୟ, ଏଣୁ ଏହି ଶକ୍ତି କେନ୍ଦ୍ରକୁ ଦୁର୍ବଳ କରିବାକୁ ଅନ୍ତଃରାଷ୍ଟ୍ରୀୟ ଶକ୍ତି ଗୁଡିକ ମାୟାପୁରୀକୁ ସହଜ ମାଧ୍ୟମ ବିଚାରିଲେ। କାରଣ ବଲିଉଡ ପ୍ରେମରେ ଆମ ଯୁବ ସମାଜ ପାଗଳ ଓ ସେଲିବ୍ରିଟିମାନଙ୍କ ଅନ୍ଧ ସ୍ତାବକ। ତଥ୍ୟ ଅନୁଯାୟୀ ଏହି ଅଭିଯାନକୁ ଆହୁରି ତୀବ୍ର କରିବାକୁ ଗତ କିଛି ବର୍ଷ ହେଲା ତୁର୍କୀ-ମାଲେସିଆ-ପାକିସ୍ତାନ ହାତ ମିଳାଇ କାର୍ଯ୍ୟ କରୁଥିବା ବେଳେ, ସେଥିରେ ଏବେ ଯୋଡି ହୋଇଛି ଡ୍ରାଗନ ଦେଶ। ଏହାସତ୍ତ୍ୱେ ବି ମାୟାପୁରୀ / 'ନଷ୍ଟଲୋକ'ର ଏହି କଳାକାରମାନଙ୍କୁ ଆଜିର ଯୁବସମାଜ ଅନ୍ଧଭାବେ ନିଜର ଆଦର୍ଶ ବା ଆଇକନ ଭାବେ ଗ୍ରହଣ କରୁଥିବ ଏବଂ ତାଙ୍କୁ ଅନୁକରଣ କରି ଚାଲିଥିବ, ଯାହା କି ଅତ୍ୟନ୍ତ ବିଷାଦ ଓ ବିଡମ୍ବନାର ବିଷୟ। ଛିଣ୍ଡା-ଫଟାର ପୋଷାକ ପିନ୍ଧି କିମ୍ଭୂତ କିମାକାର ବେଶ ଓ କେଶ ବିନ୍ୟାସରେ ବୁଲୁଥିବା ବଲିଉଡ ପ୍ରେମୀ ଉଚ୍ଛୃଙ୍ଖଳ ତରୁଣମାନଙ୍କୁ ଦେଖିଲେ ଦୟା ଆସେ ମନରେ। ଏମାନେ କେଉଁ ଦିଗରେ ଯାଉଛନ୍ତି ସେମାନେ ନିଜେ ବି ଜାଣନ୍ତି ନାହିଁ। ଜୀବନର ସୌନ୍ଦର୍ଯ୍ୟ ସୁବାସରେ ହିଁ ନିହିତ। ଜୀବନ କେବଳ ଉପାର୍ଜନ ଓ ଉପଭୋଗର ଉପପାଦ୍ୟ ନୁହଁ। ଏକଥାକୁ ଆମ ଯୁବସମାଜ ବୁଝିଲେ ହେଲା।

ମୋ- ୯୪୩୭୪୩୬୦୭୩
mail - unbiswal05@gmail.com

# କରୋନା ବେଳେ ବନ୍ୟା



ଇଂ. ବିଦ୍ୟାଧର ପଣ୍ଡା

କରୋନା କଟକଣାରୁ ଅନଲକ୍ ହୋଇ ପେଟପାଟଣା ଚିନ୍ତାରେ ମଣିଷ ଘରୁ ଗୋଡକାଢିଲା ବେଳକୁ ରାସ୍ତାରେ ବନ୍ୟା ପାଣି। ପିଲାଛୁଆ ଉପାସରେ ବସିଛନ୍ତି, ଘରେ କିଛି ବୋଲେ କିଛି ନାହିଁ। ପୋଥିରେ ଲେଖାଅଛି, 'ରୁଆ ଧାନ ଥୁଆ।' କିନ୍ତୁ ଏ କଳିଯୁଗରେ ସେସବୁ କିଛି ଲାଗୁ ହେଉନାହିଁ। ପ୍ରକୃତି ମାଆର ସବୁ ହିସାବ ଭୁଲ୍‌ଭାଲ୍ ହେବାରେ ଲାଗିଛି। ତଳିରୁଆ ହେବାର ସପ୍ତାହେ ଭିତରେ ବନ୍ୟାପାଣି ପଶି ଚାରିପାଞ୍ଚ ଦିନ ସ୍ଥିରରହି ଏବେ ଛାଡିଲାପରେ ନଦୀକୂଳିଆ ତଳମାଳ ବିଲରେ ଧାନତଳି ମୂଳ ଶଢ଼ିଯାଇଛି। ଛତିଶଗଡର ସେ ବସ୍ ଟ୍ରକ୍ ଗାଡିଧକ୍କା ଦୁର୍ଘଟଣାରେ ଆଠଜଣ ଦାଦନ ଶ୍ରମିକଙ୍କର ପ୍ରାଣଗଲା ପରେ ଆଉ କାହାର ବସ୍‌ଟ୍ରକରେ ଉଠି ଦୂରବାଟ ରାଜ୍ୟ ବାହାରକୁ ଯିବାକୁ ସାହସ କୁଳୋଉନି। ଟ୍ରେନ୍ ଚାଲିଲେ ଦେଖିବା ବୋଲି ଭାବି ଚାଷୀ ଘରେ ବସିଛି। ବିଗତ ଚାରିମାସ ଭିତରେ କରୋନା ହାଡଗୋଡ ଚୂନା କରି ଦେଇଛି। ମେରୁଦଣ୍ଡ ନଇଁଥିଲେ ମଧ୍ୟ ଭାଙ୍ଗି ନ ଥିଲା। କରୋନା କଟକଣା ପରେ ବାଟଫିଟିଲେ ପୁଣିଥରେ ଅଣ୍ଟାସଳଖି ଚାଲିବାକୁ ଭରସା ଥିଲା। କିନ୍ତୁ ଅଧିକାଂଶ ସୁକୁସୁକୁ ହେଲା ବେଳକୁ ବେଡିଉପରେ କୋରଡା ମାରିବାକୁ ଆସିଲା ବନ୍ୟା। ଲକ୍ଷଲକ୍ଷ ଲୋକଙ୍କ ଘରେ ପାଣି ପଶିଗଲା। ଲୋକେ ରାସ୍ତାଘାଟ ଓ ଉଚ୍ଚାଜାଗାରେ ପଲିଥିନ୍ ତମ୍ବୁଟାଣି ରହିଲେ। ଏବେ ବି ସେମାନଙ୍କ ଭିତରୁ ହଜାର ହଜାର ଲୋକ ବହୁତ ଦୟନୀୟ ଅବସ୍ଥାରେ ଅଛନ୍ତି। ଘରକୁ ଫେରିବାକୁ ଇଚ୍ଛାକଲା ବେଳକୁ ପାଣିପାଗ ବିଭାଗ ଆଉଏକ ଲଘୁଚାପର ସୂଚନା ଦେଉଛି। ତେଣୁ ବନ୍ୟାପ୍ରବଣ ତଳ ଅଞ୍ଚଳରେ ରହିଥିବା ଭିଟାମାଟିକୁ ଫେରିବାକୁ ସାହସ ପାଉନି। ଲୋକଙ୍କୁ ବାତ୍ୟା କି ମହାବାତ୍ୟାରୁ ରକ୍ଷା କରିବାକୁ ଆମ ସରକାରଙ୍କର ପ୍ରଚୁର ଅଭିଜ୍ଞତା ରହିଛି ଏବଂ ସକ୍ଷମ ମଧ୍ୟ। ଏହାକୁ ବିଶ୍ୱ ପ୍ରଶଂସା କରୁଛି, କିନ୍ତୁ ବନ୍ୟା ପାଇଁ ନୁହେଁ। ବନ୍ୟା ଆଶ୍ରୟସ୍ଥଳୀ ଅନେକ ନିର୍ମାଣ ହୋଇଛି ଏବଂ ଆଉରି ଅନେକର ଆବଶ୍ୟକତା ଅଛି। କରୋନା ଆସିଲା ବେଳକୁ ରବି ଫସଲର ଅଭାବୀ ବିକ୍ରି ଏବଂ ଅଦିନବର୍ଷାରେ ହଇରାଣ ହେଉଥିବା କଥା ଗଣମାଧ୍ୟମ ବହୁତ ପ୍ରଚାର କରିଥିଲା। ଏବେ ଖରିଫଧାନର ସମୟରେ ବି ସେଇ ଅନୁରୂପ ଯନ୍ତ୍ରଣା ଦେବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି।

ଏଇ ଗତ ଲଘୁଚାପ ବର୍ଷା ଏବଂ ଉପରମୁଣ୍ଡର ଅତିରିକ୍ତ ଜଳ ପ୍ରବାହ ଦ୍ୱାରା ବୋଙ୍ଗୋପସାଗର କୂଳର ସବୁ ଜିଲାର ଜନସାଧାରଣ ସହ ଚାଷୀମାନେ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଅନେକ ଫସଲ ହାନି ହୋଇଛି। ବିଶେଷକରି କେନ୍ଦ୍ରାପଡା, ଅଉଲ, ରାଜକନିକା, ପଟ୍ଟାମୁଣ୍ଡାଇ, ଡେରାବିଶ, ଗରଦପୁର, ମାର୍ଶାଘାଇ ଆଦି ଅଞ୍ଚଳର ଚାଷୀ ସମ୍ପୂର୍ଣ୍ଣ ଫସଲ ହରେଇ ହତାଶରେ ସରକାରୀ ସାହାଯ୍ୟକୁ ଅନିଷାକରି ମୁଣ୍ଡରେ ହାତଦେଇ ବସିଛି। ନଦୀଗୁଡ଼ିକ ମଧ୍ୟରେ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଓ ବୁଢାବଳଙ୍ଗ ନଦୀ କଡେକଡେ ଯେତେ ଗାଁ ଗଣ୍ଡା ଅଛି ସମସ୍ତେ କିଛି ନା କିଛି ହରେଇଛନ୍ତି, ଦୁଃଖରେ ଅଛନ୍ତି। କରୋନା ମାଡରେ ଭୟଭୀତ ହୋଇ କାଳାତିପାତ କରୁଥିବା ଗରିବଲୋକଙ୍କୁ ସରକାର ନ ଦେଖିଲେ ବନ୍ୟାଦାଉରୁ ବଞ୍ଚିବା ବଡ କଠିନ। ସରକାର ଚାହିଁଲେ ବାତ୍ୟାକୁ ପରାସ୍ତ କରିବା ପାଇଁ ଯେମିତି ସବୁ କାର୍ଯ୍ୟକ୍ରମ କଲେ ସେମିତି ବନ୍ୟା ପାଇଁ ମଧ୍ୟ ସ୍ଥାୟୀ ସୂତ୍ର ବାହାର କରିପାରିବେ। ଓଡିଶା ଏକ ନଦୀବହୁଳ ରାଜ୍ୟ। ବନ୍ୟାକୁ ଆମର ଚିର ସହଚର। ଏଇ ନଦନଦୀ ପାଇଁ ଦିନେ ଆମେ ସୁନାର ଚଢେଇ ବୋଲି ଗର୍ବ କରୁଥିଲେ। ଜଳପଥ ଥିଲା ସହଜସାଧ୍ୟ ଶସ୍ତା ପରିବହନ ମାଧ୍ୟମ। ଆମ ଗାଁ ଘର ମହାନଦୀ ଆରପଟେ। ଏପଟେ କଟକ। ଗାଁରୁ କାଠିଆ ଡଙ୍ଗାରେ ଆସେ ବିରି, କୋଳଥ, ଧାନ, ମୁଗ କଟକ ମାଲ୍‌ଗୋଦାମକୁ ଏବଂ ଫେରିଲା ବେଳେ ଯାଏ ସୁଜି, ଅଟା, ମସଲା, ଲୁଗାପଟା କେତେ ସଉଦା। ସେଦିନ ଆଉ ନାହିଁ। ଏବେ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ତେଲ୍, ଗେଙ୍ଗୁଟି, କୁଶଭଦ୍ରା, ଚିତ୍ରୋତ୍ପଳା, ଋଷିକୁଲ୍ୟା, ଲୁଣା, କୁଆଖାଇ, କାଠଯୋଡି, ସାଳନ୍ଦି ଆଦି ନଦୀଗୁଡିକର ଦୌରାତ୍ମ୍ୟ ଅଧିକ। ସାଧାରଣତଃ ଆମ ରାଜ୍ୟର ନଦୀଗୁଡିକ ପଶ୍ଚିମାଞ୍ଚଳରୁ ବାହାରି ବଙ୍ଗୋପସାଗରରେ ମିଶିଛନ୍ତି। ଏଗୁଡ଼ିକ ଭିତରୁ ଅନେକର ଚଉଡା କମ୍। ତେଣୁ ସହଜରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବନ୍ୟାପାଣି ମାଡିଯାଉଛି। ଆଜିକାଲି ନଦୀମୁହାଣଗୁଡିକ ପୋତି ହୋଇଯିବାରୁ ଜଳ ନିଷ୍କାସନରେ ମଧ୍ୟ ବାଧା ଆସୁଛି।

ବନ୍ୟା ଦ୍ୱାରା ଯେଉଁ କ୍ଷତିସାଧନ ହୁଏ ତାକୁ ଆକଳନ କରିବା କାଠିକର ପାଠ। ଲକ୍ଷଲକ୍ଷ ଟଙ୍କାର ଫସଲ ଅସମୟରେ ସ୍ୱାହା ହୋଇଯାଏ। ଗୃହପାଳିତ ପଶୁ କିଛି ଭାସି ଯାଆନ୍ତି, ଆଉକିଛି ମାଲିକ ଗୋହତ୍ୟା କି ପଶୁହତ୍ୟା ପାପକୁ ଡରି ପଶୁଙ୍କୁ ଖାଦ୍ୟଅଭାବରୁ ପଘାରୁ ଫିଟେଇ ଦିଅନ୍ତି। ବେଳେବେଳେ ଭଲ ଉର୍ବର ଜମି ଉପରେ ବାଲିର ଏକ ଆସ୍ତରଣ ରହିଯାଏ। ଏ ବାଲିଚରରୁ ଚାଷୀ ମୁକ୍ତି ପାଇବାକୁ ହେଲେ ଯେତିକି ଧନବଳ ଦରକାର, କାହା ପାଖରେ ନ ଥାଏ। ବର୍ଷ ବର୍ଷ ଧରି ବିଲ ପଡିଆ ରହେ। ବନ୍ୟା ସମୟରେ ବିଭିନ୍ନ ପ୍ରକାର ରୋଗବ୍ୟାଧି ସହ ସର୍ପାଘାତରେ ଲୋକମାନେ ପ୍ରାଣତ୍ୟାଗ କରିବାର ଉଦାହରଣ ବେଶି ଦେଖାଯାଏ। ବିଶୁଦ୍ଧ ପାନୀୟ ଜଳ ଏବଂ ଶୌଚହେବା ପାଇଁ ଗାଁ ଗଣ୍ଡା ଲୋକମାନେ ଅନେକ ଦହଗଞ୍ଜ ହୁଅନ୍ତି। ବନ୍ୟାଘେରରେ ଜଳବନ୍ଦୀର ଜୀବନ ଏକ ଅସହାୟ ଗାଥା, କେବଳ ଭୁକ୍ତଭୋଗୀ ହିଁ ଜାଣିପାରେ। ତେଣୁ ସରକାରୀ ଅଧିକାରୀଙ୍କ ବନ୍ୟା କ୍ଷତି ଆକଳନ ଠିକ୍, କିନ୍ତୁ ଆଦୌ ଯଥେଷ୍ଟ ନୁହେଁ। ତା'ପରେ ଏମିତି ବି ଦେଖାଯାଏ ରାଜା ଯାହା ଦିଏ ହରଷେ, ପାଉପାଉ ଯାଏ ବରଷେ। ଓଡିଶାର ବନ୍ୟା ସମସ୍ୟା ଏକ ଜାତୀୟ ବିପତ୍ତି। ଜନସାଧାରଣଙ୍କୁ ବନ୍ୟା ଦାଉରୁ ରକ୍ଷାକରିବାକୁ ସରକାର ସ୍ଥାୟୀ ସମାଧାନର ସୂତ୍ର କାଢିବା ଉଚିତ। ବନ୍ୟାବେଳେ ସାଧାରଣ ଲୋକଙ୍କୁ ଅବିଳମ୍ବେ ସାହାଯ୍ୟଦେଇ ବନ୍ୟାପରେ ଚାଷୀଙ୍କୁ ଅତିରିକ୍ତ ବିହନ ଓ ସାର ଆଦି ଯୋଗାଣର ସୁପରିଚାଳନା କରିବା ନିତାନ୍ତ ଆବଶ୍ୟକ। ସବୁବର୍ଷଠାରୁ ଏ ବର୍ଷ କଥା ଅଲଗା। କାରଣ ଲୋକମାନଙ୍କ ଆର୍ଥିକ ଏବଂ ମାନସିକ ଅବସ୍ଥା ଅତିବ ଶୋଚନୀୟ ଥିବାବେଳେ କରୋନା ବେଳେ ଭୋଗିବାକୁ ହେଉଛି ବନ୍ୟାର ଦୁଃଖ।

ଏଲ୍-୧୭/୧୫, ପଞ୍ଚସଖା ନଗର, ଭୁବନେଶ୍ୱର
ମୋ- ୯୪୩୯୧୨୮୦୫୦

## ଏଇ ଭାରତରେ

ନଭିମୁମ୍ବାଇର ବେଲାପୁର ସେକ୍ଟର-୯ର ବାସିନ୍ଦାମାନେ ସରକାରୀ ଜମି ଜବରଦଖଲ ବନ୍ଦ କରି ସେଠାରେ ବୃକ୍ଷରୋପଣ କରୁଛନ୍ତି। ସେମାନେ ଆଗ୍ରୋ ସୋସାଇଟି ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଆଗ୍ରୋର ସବୁଠୁ ବରିଷ୍ଠ ସ୍ୱେଚ୍ଛାସେବୀ କ୍ୟାପ୍ଟେନ ପଣ୍ଡାଣ୍ଡେ କହନ୍ତି ଯେ, ସେମାନେ ୩୫୦ ପ୍ରକାର ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିଛନ୍ତି ଯାହା ପାଖାପାଖି ୨୫ରୁ ୩୦ ପ୍ରଜାତିର ପକ୍ଷୀଙ୍କ ବାସସ୍ଥଳୀ ପାଲଟିଛି। ସୋସାଇଟିର ସଦସ୍ୟମାନେ କଲୋନିର ସବୁ ଘରେ କିଚେନ ଗାର୍ଡେନ କରିଛନ୍ତି। ଛାତ ଉପରେ ବି ବିଭିନ୍ନ ପରିବା ଚାଷ କରୁଛନ୍ତି। ଆଗ୍ରୋର ସ୍ୱେଚ୍ଛାସେବୀମାନେ ଏକ ଭେଜିଟେବ୍‌ଲ ଗାର୍ଡେନ ମଧ୍ୟ କରିଛନ୍ତି। ବର୍ଷସାରା ଏଥିରେ ପରିବା ଚାଷ କରି ଆଖପାଖ ଅଞ୍ଚଳରେ ବିକ୍ରି କରୁଛନ୍ତି। ଏକ ବଟରଫ୍ଲାଏ ପାର୍କ କରିଛନ୍ତି ଯେଉଁଠି ୩୦ରୁ ୪୦ ପ୍ରକାର ପ୍ରଜାପତି ଦେଖିବାକୁ ମିଳୁଛି। ଯାତାୟାତର ସୁବିଧା ପାଇଁ ସେ ଅଞ୍ଚଳରେ ବହି ଯାଉଥିବା ଛୋଟ ଛୋଟ ଝରଣା ଉପରେ ପୋଲ ନିର୍ମାଣ କରୁଛନ୍ତି। ବାହାରୁ କେହି ଦେଖିଲେ ସହରାଞ୍ଚଳରେ ଏକ ସବୁଜ ବନାନୀଭରା ଅଞ୍ଚଳର ଭ୍ରମ ସୃଷ୍ଟି କରୁଛି। ପରିବେଶ ସୁରକ୍ଷା ଲାଗି ଏହି ସୋସାଇଟି ବସନ୍ତ ଉତ୍ସବ ପାଳନକରୁଛି। ସେମାନେ ବି ଏକ ସ୍ମୃତି ଉଦ୍ୟାନ ନିର୍ମାଣ କରିଛନ୍ତି, ଯେଉଁଠାରେ ଜଣେ ଚାହିଁଲେ ଅନ୍ୟ ଜଣଙ୍କ ସ୍ମୃତିରେ ଗଛ ଲଗାଇପାରୁଛନ୍ତି। ଏମାନେ ସ୍କୁଲ ପରିଦର୍ଶନ କରି ପିଲାମାନଙ୍କ ପଢ଼ା ଦେଖୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୫

- ପାକିସ୍ତାନ ପାଇଁ ଆମେରିକାର ୩୬୮ ନିୟୁତ ଡଲାର ମୂଲ୍ୟର ସାମରିକ ପ୍ୟାକେଜ ପ୍ରସ୍ତାବ ସିନେଟରେ ଅନୁମୋଦନ ଲାଭ କରିଛି।
- ଜାଫନା ଉପଦ୍ୱୀପରେ ଶ୍ରୀଲଙ୍କା ନୌସେନା ଓ ଏଲ୍.ଟି.ଟି.ଇ. ଉଗ୍ରପନ୍ଥୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ୪୨ ଏଲ୍.ଟି.ଟି.ଇ. ବିଦ୍ରୋହୀ ନିହତ।
- ତୁର୍କୀର ମହିଳା ପ୍ରଧାନମନ୍ତ୍ରୀ ତାନ୍‌ସୁ ସିଲର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | 2 | | | | 9 | | | | | | B | | |
| | | | 1 | | 8 | | 2 | | A | 6 | 7 | 4 | D | |
| 6 | 3 | | | | | | | | | 1 | | | 9 | |
| 4 | | | | D | | C | 3 | | 2 | 8 | E | | | |
| 7 | | | | 2 | | | 6 | | | 0 | 4 | 1 | | |
| | 0 | 7 | | C | | | | | | 4 | B | | | 5 |
| | C | | | | | | | 3 | | | | 2 | | |
| | | | | 4 | 9 | | | | | 5 | 2 | | 8 | E |
| | | 5 | | 7 | 0 | | | | | | D | 9 | | |
| | | E | 3 | | | 1 | | C | | | | | | |
| | D | 8 | | 6 | 7 | B | | E | 0 | | | | | |
| | 2 | | | | | | A | | | | | | 3 | |
| E | | | B | | 5 | 0 | | | | | | 8 | | |
| | | 0 | | | | | 8 | 1 | | | | 5 | | 4 |
| 5 | | | A | 0 | | | | 9 | | 7 | | 6 | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 8 | 4 | 0 | E | 5 | 9 | 2 | 3 | 1 | 6 | B | C | D | A |
| 9 | D | 6 | 7 | 8 | 3 | 5 | C | 4 | A | 2 | E | B | 1 | 0 |
| B | E | 3 | 1 | C | 2 | D | A | 6 | 5 | 7 | 0 | 4 | 9 | 8 |
| A | C | 5 | D | B | 4 | 1 | 0 | E | 8 | 9 | 3 | 7 | 6 | 2 |
| 2 | 1 | 0 | A | 6 | 9 | 7 | B | 8 | 4 | D | C | 3 | 5 | E |
| 0 | B | E | 8 | 9 | A | 3 | 4 | C | D | 1 | 5 | 2 | 7 | 6 |
| 4 | 2 | A | 3 | 7 | D | 0 | 9 | 5 | C | 8 | 6 | 1 | E | B |
| 5 | 9 | 7 | C | 4 | 1 | B | 6 | A | 0 | E | 2 | 8 | 3 | D |
| 1 | 3 | 8 | 6 | 0 | E | 2 | 7 | D | B | 4 | A | 9 | C | 5 |
| C | 6 | D | 5 | 2 | B | 8 | E | 1 | 7 | 3 | 9 | A | 0 | 4 |
| 3 | 4 | 9 | 2 | D | 0 | A | 5 | B | E | C | 1 | 6 | 8 | 7 |
| 8 | 0 | 2 | B | A | 6 | C | 3 | 7 | 9 | 5 | D | E | 4 | 1 |
| D | A | 1 | E | 5 | C | 4 | 8 | 9 | 6 | B | 7 | 0 | 2 | 3 |
| 6 | 7 | B | 9 | 1 | 8 | E | D | 2 | 3 | 0 | 4 | 5 | A | C |
| E | 5 | C | 4 | 3 | 7 | 6 | 1 | 0 | 2 | A | 8 | D | B | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜିରୋ ଆକାଉଣ୍ଟ ଓ ଟିପ

ମହାଶୟ,

ଏବେବି ଦେଶର ଅନେକ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ନାହିଁ। କେନ୍ଦ୍ରର କରୋନା ଆର୍ଥିକ ସାହାଯ୍ୟ ବ୍ୟାଙ୍କ ପିଣ୍ଡା ମାଡ଼ି ନ ଥିବା ବ୍ୟକ୍ତି ପାଇପାରିନାହାନ୍ତି। ସରକାର କେବଳ ଜିରୋ ଆକାଉଣ୍ଟଧାରୀ ମହିଳାମାନଙ୍କ ଆକାଉଣ୍ଟକୁ ଟଙ୍କା ପଠେଇଛନ୍ତି। ଜିରୋ ଆକାଉଣ୍ଟଧାରୀ ଅନେକ ଅବିବାହିତ ପୁରୁଷ ଏହି ଟଙ୍କା ନପାଇ ମନଉଣା କରିଛନ୍ତି। ସହରାଞ୍ଚଳରେ ଲୋକେ ଠକିଲା ପରେ ଜିରୋ ଆକାଉଣ୍ଟ ଖୋଲିବା ପାଇଁ ଫ୍ରାଞ୍ଚାଇଜମାନଙ୍କରେ ଭିଡ଼ ଜମାଉଛନ୍ତି। ଗ୍ରାମାଞ୍ଚଳରେ ବ୍ୟାଙ୍କ ଆକାଉଣ୍ଟ ନଥିବା ମହିଳା ସଂଖ୍ୟା ଅଧିକ। ପୋଲିଓ ବୁନ୍ଦା ଭଳି ଗୋଟିଏ ଦିନରେ ଦେଶର ବଳକା ସମସ୍ତଙ୍କର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଅସମ୍ଭବ କାମ ନୁହେଁ। ଟିପ ବାଲା ଲୋକ ଏବେ ବି ଅଛନ୍ତି। ଟଙ୍କା ଉଠାଣ ଫର୍ମ ପୂରଣ ପାଇଁ ଅନ୍ୟ ଉପରେ ନିର୍ଭର କରୁଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏମାନଙ୍କୁ ସାକ୍ଷର କରିବା ସହିତ ଏଟିଏମ ବ୍ୟବହାର ଶିଖାଇବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

## ଚିରନ୍ତନୀ

ଚାହିଁବାକୁ ତାହା ଲଭିଛୁ ସିନା
ମଣିଷ ପରି
ଶିଖିଛୁ କେବଳ ଆପଣା ଛାଏଁ
କୁଟିଳ କରି।
(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ମଙ୍ଗଳବାର, ୨୨ ସେପ୍ଟେମ୍ବର, ୨୦୨୦

## ଭାରତ-ମାଳଦ୍ୱୀପ ମଧ୍ୟରେ ନୌବାଣିଜ୍ୟ ଆରମ୍ଭ

ପାରାଦୀପ, (ସ୍ୱ.ପ୍ର.): ଭାରତ ଓ ମାଳଦ୍ୱୀପ ମଧ୍ୟରେ ସୋମବାରଠାରୁ ଐତିହାସିକ ନୌବାଣିଜ୍ୟ (କାର୍ଗୋଫେରି ସର୍ଭିସ) ଆରମ୍ଭ ହୋଇଛି। ଟୁଟିକୋରିନ୍ ପୋର୍ଟରୁ ଏକ ପଣ୍ୟବାହୀ ଜାହାଜ ୨୦୦ଟିଇୟୁ ୩୦୦୦ ମେଟ୍ରିକଟନ୍ ଖଣିଜ ପଦାର୍ଥ ନେଇ ମାଳଦ୍ୱୀପର କୁଲ୍ଧୁଫୁସୀ ପୋର୍ଟ ଅଭିମୁଖେ ଯାଉଛି। ଜାହାଜ ଆସନ୍ତା୨୬ ତାରିଖରେ ପହଞ୍ଚିବ। ଜାହାଜ ଛାଡ଼ିବା ପୂର୍ବରୁ ଭାରତର ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ୍ ଲାଲ୍ ମାଣ୍ଡଭିୟ୍ ଏବଂ ମାଳଦ୍ୱୀପ ପରିବହନ ଓ ବିମାନଚଳାଚଳ ମନ୍ତ୍ରୀ ଏଶାଥ୍ ନାହୁଲା ଭର୍ଚୁଆଲ୍ ବୈଠକ କରିଥିଲେ। ଏବେ ମାସକୁ ୨ ଥର ଜାହାଜ ଯିବ ଏବଂ ଦୁଇ ଥର ଆସିବ। ଗତବର୍ଷ ଜୁନ୍‌ରେ ପ୍ରଧାନମନ୍ତ୍ରୀଙ୍କ ମାଳଦ୍ୱୀପ ଗସ୍ତ ସମୟରେ ଏହି ବ୍ୟବସାୟିକ ଚୁକ୍ତି ହୋଇଥିଲା।



## ସଂକ୍ଷେପରେ

### ଇପିଏଫ୍‌ଓ ଖାତାରୁ ଉଠିଲାଣି ୪୪,୦୫୪ କୋଟି

ନୂଆଦିଲ୍ଲୀ,୨୧।୯: କରୋନା ଜନିତ ଲକ୍‌ଡାଉନ୍ ଲାଗି ଲୋକମାନେ ବିଭିନ୍ନ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ଲୋକମାନେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଖାତାରୁ ବର୍ତ୍ତମାନ ସୁଦ୍ଧା ୪୪,୦୫୪ କୋଟି ଟଙ୍କା ଉଠାଇଥିବା ସୂଚନା ମିଳିଛି। ମହାରାଷ୍ଟ୍ରରେ ସର୍ବାଧିକ ୮୯୬୮ କୋଟି ଟଙ୍କା ଉଠାଣ ହୋଇଛି। ସେହିଭଳି କର୍ଣ୍ଣାଟକରେ ୬୪୧୮ କୋଟି, ତାମିଲନାଡୁରେ ୫୫୮୯ କୋଟି ଏବଂ ଦିଲ୍ଲୀରେ ୩୩୦୮ କୋଟି ଟଙ୍କାର ଉଠାଣ ହୋଇଥିବା ଦୃଷ୍ଟିକୁ ଆସିଛି। ୩୮.୩୭ ଲକ୍ଷ ଆକାଉଣ୍ଟରେ ଏହି ଅର୍ଥ ଉଠାଣ ହୋଇଥିବା ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ରାଜ୍ୟସଭାକୁ ସୋମବାର ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି। କୋଭିଡ୍ ଯୋଗୁ ମାର୍ଚ୍ଚ ୨୫ ଠାରୁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଲୋକଙ୍କର ଅର୍ଥର ଆବଶ୍ୟକତାକୁ ବିଚାରକରି ଇପିଏଫ୍‌ଓ ଆଇନ ୧୯୫୨ରେ ସରକାର ସଂଶୋଧନ କରିଥିଲେ। ଏହାଦ୍ୱାରା ଇପିଏଫ୍‌ଓ ଖାତାରୁ ଅଗ୍ରିମ ଉଠାଣ ସୁବିଧା ଲୋକଙ୍କୁ ଉପଲବ୍ଧ କରାଯାଇଥିଲା।

### ତୃଣମୂଳ ସ୍ତରରୁ ବିଆର୍‌ଏପି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର ୨୧।୯(ବ୍ୟୁରୋ): କୋଭିଡ-୧୯ ମହାମାରୀ ସମୟରେ ରାଜ୍ୟକୁ କିପରି ଅଧିକ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରାଯାଇ ପାରିବ ସେ ନେଇ ସମସ୍ତ ବିଭାଗ ବ୍ୟବସାୟ ସଂସ୍କାର ଆକ୍ସନ ପ୍ଲାନ(ବିଆରଏପି)କୁ ତୃଣମୂଳ ସ୍ତରରୁ କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଭିଡିଓ କନଫରେନ୍ସ ଜରିଆରେ ରାଜ୍ୟର ବ୍ୟବସାୟିକ ସଂସ୍କାରର ସମୀକ୍ଷା କରାଯାଇଥିଲା। ସମସ୍ତ ନାଗରିକ ସେବାଗୁଡ଼ିକୁ ଅନଲାଇନରେ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

# ଝସକେତନଙ୍କୁ ଆଜୀବନ ଜେଲ

**ବହୁ ଚର୍ଚ୍ଚିତ ମାଉସୀ-ପୁତୁରା ହତ୍ୟାକାଣ୍ଡ**

- ୩ ଲକ୍ଷ ଜରିମାନା ନିର୍ଦ୍ଦେଶ
- ୨ ମାମଲାରେ ଦଣ୍ଡାଦେଶ
- ୪ ଜଣଙ୍କୁ ହତ୍ୟା କରି ସ୍କୁଲରେ ପୋତିଥିଲେ
- ଶୁଣାଣିବେଳେ କୋର୍ଟରୁ ଚମ୍ପଟ ମାରିଥିଲେ

ଅନୁଗୋଳ ଅଫିସ, ୨୧।୯

ଅନୁଗୋଳ ଜିଲା ଜରପଡ଼ା ଥାନା କୁକୁରପେଟା ଗାଁର ବହୁ ଚର୍ଚ୍ଚିତ ମାଉସୀ-ପୁତୁରା ହତ୍ୟା ଘଟଣାର ଅଭିଯୁକ୍ତ ଝସକେତନ ରାଉତଙ୍କୁ ସୋମବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ଏଥିସହ ୩ ଲକ୍ଷ ଟଙ୍କାର ଜରିମାନା ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅନୁଗୋଳ ଜିଲା ଏବଂ ଦୌରାଜଜ୍ ଅଶାନ୍ତ କୁମାର ଦାସ। ଜରିମାନା ଅନାଦାୟ ଅଧିକ ୩ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଗତ ୧୫ ତାରିଖରେ ଜିଲା ଏବଂ ଦୌରାଜଜ୍ ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଝସକେତନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

ସୂଚନାଯୋଗ୍ୟ, ୨୦୧୬ରେ କୁଶକିଳାର ରାଜକିଶୋର ସାହୁଙ୍କ ପୁଅ ଛୋଟୁ ଓରଫ ଯୋଗେଶ୍ୱର ସାହୁ, ପୁତୁରା ହୀରୁ ଓରଫ ହିରଣ୍ୟ ସାହୁ ଏବଂ ୨୦୧୫ରେ ଛେଣ୍ଡିପଦା ଥାନା କୁକୁରପେଟା ଗ୍ରାମର ଅବଳା ଗଡ଼ନାୟକ ଓ ତାଙ୍କ ପୁତୁରା କୁମୁଦ କୁମାର ସାହୁଙ୍କୁ ଝସକେତନ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ରାଜକିଶୋରଙ୍କ ସହ ଆର୍ଥିକ ନେଣଦେଣ ବିବାଦରୁ ଝସକେତନ ତାଙ୍କ ପୁଅ ଏବଂ ପୁତୁରାଙ୍କୁ ଡାକି ଆଣି ଅତି ବିଭତ୍ସ ଭାବେ ପଥରରେ ଛେଚି କାଟି ହତ୍ୟା କରିଥିଲେ। ପରେ ମୃତଦେହକୁ ନିଜ ଶିଶୁମନ୍ଦିର ପରିସରରେ ପୋତିଦେଇଥିଲେ। ମାଟି ଖୋଳିବା ପରେ ଛୋଟୁ ଓ ହୀରୁଙ୍କ ସହ ଆଉ ୨ ମୃତଦେହ ସେଠାରୁ ମିଳିଥିଲା। ସେହି ମୃତଦେହ ଅବଳା ଓ କୁମୁଦଙ୍କର ବୋଲି ଜଣାପଡ଼ିଥିଲା। ୨୦୧୫ ମେ ୧୫ରୁ ମାଉସୀ, ପୁତୁରା ନିଖୋଜ ଥିଲେ। ଉଭୟ କୁମୁଦ ଏବଂ ଅବଳା ଧାର ଦେଇଥିବା ଟଙ୍କା ଆଣିବାକୁ ଝସକେତନଙ୍କ କାର୍ଯ୍ୟାଳୟକୁ ଯାଇ ଆଉ ଫେରି ନ ଥିଲେ। ପରେ ପୋଲିସ ଝସକେତନଙ୍କୁ ଗିରଫ କରି



ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଝସକେତନ।

କୋର୍ଟଚାଲାଣ କରିଥିଲା। କୋର୍ଟରେ ମାମଲାର ଶୁଣାଣି ସମୟରେ ୨୦୧୮ ମେ ୧୮ରେ ଶୌଚାଳୟ ଆଜବେଷ୍ଟ ଭାଙ୍ଗି ସେ ଫେରାର ହୋଇଯାଇଥିଲେ। ୨୦୧୯ ଫେବୃଆରୀ ୨ ତାରିଖ ସନ୍ଧ୍ୟାରେ ଦେବଗଡ ଜିଲା ଟାଉନ୍ ଥାନା ସାମନ୍ତରାପାଲି ଗ୍ରାମରୁ ଫିଲ୍ମ ଷ୍ଟାଇଲରେ ଅନୁଗୋଳ ପୋଲିସର ସ୍ପେଶାଲ ସ୍କ୍ୱାଡ ତାଙ୍କୁ ଗିରଫ କରିଥିଲା। ହାଜତ ଭାଙ୍ଗି ଫେରାର ହେବା ଅଭିଯୋଗରେ ମଧ୍ୟ ଅନୁଗୋଳ ପୋଲିସ ପକ୍ଷରୁ ନଂ. ୩୨୮/୧୮ରେ ମାମଲା ରୁଜୁ ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଛୋଟୁ ଓ ହୀରୁଙ୍କ ହତ୍ୟା ମାମଲାରେ ଝସକେତନଙ୍କୁ ୨୦୧୯ ସେପ୍ଟେମ୍ବରରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବାବେଳେ ଏବେ ଅବଳା ଓ ତାଙ୍କ ପୁତୁରା କୁମୁଦଙ୍କ ହତ୍ୟାକାଣ୍ଡ ମାମଲାର ଶୁଣାଣି ହୋଇଛି। ପ୍ରଥମ ମାମଲାରେ ୧୪ ବର୍ଷ ସଶ୍ରମ କାରାଦଣ୍ଡ ପରେ ଦ୍ୱିତୀୟ ମାମଲାରେ ପୁଣି ୧୪ ବର୍ଷ ଜେଲଦଣ୍ଡ ଆରମ୍ଭ ହେବ ବୋଲି କୋର୍ଟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଥିବା ସରକାରୀ ପିପି ପ୍ରଦୀପ କୁମାର ଦାଶ ସୂଚନା ଦେଇଛନ୍ତି। ଫେରାର ହେବା ମାମଲା ବିଚାରାଧୀନ ଥିବା କୋର୍ଟ ସୂତ୍ରରୁ ସୂଚନା ମିଳିଛି।

# ପୁରୀ ଜିଲାରେ ସଂକ୍ରମଣ ବୃଦ୍ଧି ନେଇ ସରକାରଙ୍କ ଗୁରୁତ୍ୱ

**ଅଧିକ ସ୍ପେଶାଲିଷ୍ଟ, ଆଇସିୟୁ ବ୍ୟବସ୍ଥା ନିର୍ଦ୍ଦେଶ**

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ପୁରୀ ଜିଲାରେ କୋଭିଡ୍ ସଂକ୍ରମଣ କମାଇବା ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ସୋମବାର ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଭିଡିଓ କନ୍‌ଫରେନ୍ସରେ ଜିଲାର କୋଭିଡ୍ ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି। ଜିଲାରେ ହେଉଥିବା ନମୁନା ପରୀକ୍ଷାକୁ ଅଧିକ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପରୀକ୍ଷାକୁ ଦୁଇଗୁଣା କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲାକୁ ଅଧିକ ସ୍ପେଶାଲିଷ୍ଟ ଡାକ୍ତର ଏବଂ ଆୟୁଷ ଡାକ୍ତର ପଠାଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପୁରୀ ଜିଲାରେ ଆରୋଗ୍ୟ ହାର ୮୦ ପ୍ରତିଶତ ଥିଲେ ମଧ୍ୟ କେତେକ କ୍ଷେତ୍ରରେ ଗୁରୁତର ରୋଗୀଙ୍କ ଚିକିତ୍ସା ଲାଗି ଅଧିକ ଆଇସିୟୁ ସୁବିଧାର ଆବଶ୍ୟକତା ରହିଛି। ଏଭଳି ରୋଗୀଙ୍କ ଚିକିତ୍ସା ପାଇଁ ରାଜଧାନୀରେ ଆଇସିୟୁ ସୁବିଧା ଥିବା ଡାକ୍ତରଖାନାକୁ ପଠାଇବା ପାଇଁ ଜିଲା ପ୍ରଶାସନ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଆଲୋଚନା କରି ନିଷ୍ପତ୍ତି ନେବାକୁ ସେ କହିଛନ୍ତି। ସେହିପରି ସେବାୟତଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏବଂ ସେମାନଙ୍କ ମଧ୍ୟରେ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ଘରକୁ ଘର ବୁଲି ସର୍ଭେ କରିବାକୁ ଉନ୍ନୟନ କମିଶନର ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ନୀଳାଚଳ ଭକ୍ତନିବାସ ଏବଂ ରକ୍‌ବେ ହୋଟେଲରେ ଶ୍ରୀମନ୍ଦିର ସେବାୟତ ଓ ଅଫିସିଆଲଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ସେଣ୍ଟର କାର୍ଯ୍ୟକାରୀ ହୋଇଛି। ଏଥିରେ ୭୪ଟି ଦୁଇଶଯ୍ୟା ବିଶିଷ୍ଟ କୋଠରି ରହିବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଇଛି। ସେବାୟତଙ୍କ ପାଇଁ ଉତ୍କଳ ହିନ୍ଦୀ ବିଦ୍ୟାପୀଠରେ ଟେଷ୍ଟିଂ ସେଣ୍ଟର ମଧ୍ୟ କାର୍ଯ୍ୟକାରୀ ହେଉଛି। ଦିନକୁ ପୁରୀରେ ୨୦୦୦ରୁ ଅଧିକ ଟେଷ୍ଟିଂ କରିବା ପାଇଁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରବେଶ ପୂର୍ବରୁ ସେବାୟତ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଠିକ୍‌ଭାବେ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲାରେ କୋଭିଡ୍ ମାର୍ଗଦର୍ଶିକା ଯଥା ମାସ୍କ ପିନ୍ଧିବା, ଶାରୀରିକ ଦୂରତା ରଖିବା ଭଳି ନିୟମକୁ କଡ଼ାକଡ଼ି ଅନୁପାଳନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେବା ସହିତ ଏହାର ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ହୋଟେଲ, ରେଷ୍ଟୁରାଣ୍ଟ, ବେଳାଭୂମି, ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଏବଂ ଜନଗହଳି ସ୍ଥାନରେ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେବାୟତ ପରିବାରକୁ ମାସ୍କ ଓ ସାନିଟାଇଜର ଯୋଗାଇବାକୁ ପରାମର୍ଶ ଦେଇଛନ୍ତି।

# ରୋଗୀଙ୍କୁ କାନ୍ଧରେ ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ



ଆମ୍ବୁଲାନ୍ସ କର୍ମଚାରୀମାନେ ରୋଗୀଙ୍କୁ ବୋହି ନେଉଛନ୍ତି।

ଭୁବନେଶ୍ୱର(ବ୍ୟୁରୋ),୨୧।୯

ଆମ୍ବୁଲାନ୍ସ କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ଓ ଉପସ୍ଥିତ ବୁଦ୍ଧି ଯୋଗୁ ଅନେକ ସମୟରେ ବହୁ ଜୀବନ ରକ୍ଷା ପାଇଯାଉଛି। କେତେବେଳେ ରୋଗୀଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଉଛନ୍ତି ତ ଆଉ କେତେବେଳେ ନିଜ ଜୀବନକୁ ବାଜି ଲଗାଇ ମହାନତା ଦେଖାଉଛନ୍ତି। ଏମିତି ଆଉଏକ ଘଟଣା କେନ୍ଦୁଝର ଜିଲାରେ ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ କର୍ମଚାରୀମାନେ ଉପାନ୍ତ ଅଞ୍ଚଳରୁ ରୋଗୀଙ୍କୁ ନିଜ କାନ୍ଧରେ ବୋହି ହସ୍ପିଟାଲରେ ପହଞ୍ଚାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମିଳିଥିବା ସୂଚନାନୁସାରେ, ରବରିଆ ଥାନା ଅନ୍ତର୍ଗତ ନିଆସଗଡ଼ିଆ ଗ୍ରାମରେ ଜଣେ ବ୍ୟକ୍ତି ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଏ ନେଇ କଲ୍ ପାଇବା ପରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ତୁରନ୍ତ ଉକ୍ତ ଗାଁ ଅଭିମୁଖେ ବାହାରିଥିଲେ। ମାତ୍ର ବାଟରେ ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ଆମ୍ବୁଲାନ୍ସଟି ଆଗକୁ ଯିବା ସମ୍ଭବ ନ ଥିଲା। ତେଣୁ କାଳ ବିଳମ୍ବ ନ କରି ଆମ୍ବୁଲାନ୍ସ କର୍ମଚାରୀମାନେ ନିଜେ ରୋଗୀଙ୍କ ନିକଟକୁ ଯାଇ ପ୍ରାୟ ଦେଢ଼କିମି କାନ୍ଧରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଏହାପରେ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିଭଳି ନିକଟରେ ୧୦୨ ଓ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ପାଇଁ ବାଟରେ ପ୍ରସବ କରିଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ରାଉପୁର ଗ୍ରାମର ମହିଳା ଏବଂ ନବଜାତ ଶିଶୁଙ୍କ ଜୀବନ ବଞ୍ଚିଯାଇଥିଲା।

# ଦିଲ୍ଲୀରୁ ଓଡ଼ିଶାକୁ ରିଲିଫ ଟ୍ରକ୍ ପଠାଇଲା ଭାଜପା

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ତମ ଜନ୍ମଦିନ ଅବସରରେ ଦେଶବ୍ୟାପୀ ସେବା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ସୋମବାର ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟରୁ ଏକ ରିଲିଫ ସାମଗ୍ରୀ ବୋଝେଇ ଟ୍ରକ୍ ଓଡ଼ିଶାରେ ବନ୍ୟା ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଲୋକଙ୍କ ପାଇଁ ରିଲିଫ ସାମଗ୍ରୀ ଆସୁଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ପଦ୍ମଫୁଲ ଅର୍ପଣକରି ପ୍ରାର୍ଥନା କରିବା ସହ ସମସ୍ତଙ୍କ ଶୁଭକାମନା କରିଛନ୍ତି। ଏହା ପରେ ନଡ୍ଡା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଓ ରାଜ୍ୟ ପ୍ରଭାରୀ ଅରୁଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ବନ୍ୟା ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ବ୍ୟାପକ ଜଳମଗ୍ନ ଯୋଗୁ ବହୁ ମାତ୍ରାରେ ଧନସମ୍ପତ୍ତି ନଷ୍ଟ ହୋଇଛି। ପୁରୀ ଜିଲା ଡେଲାଙ୍ଗ ଏବଂ କଣାସ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହେବା ସହ ସ୍ଥାନୀୟ ବାସିନ୍ଦାମାନେ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଏହି ଟ୍ରକ୍‌ରେ ଆସୁଥିବା ରିଲିଫ ସାମଗ୍ରୀଗୁଡ଼ିକୁ ଡେଲାଙ୍ଗ ଓ କଣାସ ବ୍ଲକର ୭୦ ଗ୍ରାମରେ ବଣ୍ଟନ କରାଯିବ। ଭାଜପା ନିଜର ସାମାଜିକ ଦାୟିତ୍ୱ ପାଳନ କରି ରାଜ୍ୟର ବନ୍ୟା ପୀଡ଼ିତଙ୍କ ପାଇଁ ରିଲିଫ ସାମଗ୍ରୀ ପଠାଇଥିବାରୁ ରାଜ୍ୟ ଭାଜପା ପକ୍ଷରୁ ନଡ୍ଡାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ଦମ୍ପତିଙ୍କୁ ହତ୍ୟା ଅଭିଯୋଗ: ଗୁଣିଗାରେଡ଼ି ସନ୍ଦେହ

ଟେନସା,୨୧।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ନଙ୍ଗଳକଟା ଗ୍ରାମର କମଦପଦା ବସ୍ତିରେ ଘଟିଛି ଅଭାବନୀୟ ଘଟଣା। ବସ୍ତିର ଦମ୍ପତିଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘରେ କୌଣସି ସଦସ୍ୟ ନ ଥିବା ବେଳେ ଏହି ହତ୍ୟା କାଣ୍ଡ ଘଟିଛି। ମୃତ ଦମ୍ପତି ହେଲେ ପାରୁ ମୁଣ୍ଡା (୬୮) ଏବଂ ତାଙ୍କ ସ୍ତ୍ରୀ ମାଗଦଲି (୬୪)। ଉଭୟଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଗୁଣିଗାରେଡ଼ି ସନ୍ଦେହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ମାତ୍ର ଘଟଣାର ସତ୍ୟାସତ୍ୟ ଜଣା ପଡ଼ିନାହିଁ। ଏନେଇ ମୃତ ଦମ୍ପତିଙ୍କ ପରିବାର ପକ୍ଷରୁ ସୋମବାର ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମୃତ ଦମ୍ପତିଙ୍କ ତିନି ପୁଅ ବାହାରେ ରହି କାର୍ଯ୍ୟ କରୁଥିବାବେଳେ ଘରେ ଥିବା ଜଣେ ପୁତ୍ରବଧୂ ରବିବାର ସକାଳେ ଗାଈ ଚରାଇବା ପାଇଁ କ୍ଷେତକୁ ଯାଇଥିଲେ। ଫେରିବାବେଳକୁ ଶାଶୁଙ୍କ ରକ୍ତ ଜୁଡୁବୁଡୁ ମୃତଶରୀର ଘର ବାହାରେ ଓ ଶ୍ୱଶୁରଙ୍କ ମୃତଦେହଂ ଘର ଭିତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସୋମବାର ସକାଳେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିକାଶ ସ୍ୱାଇଁ, ବଣାଇ ଅତିରିକ୍ତ ଏସପି ମୁଜିବୁର ରେହେମାନ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଏକ ମାମଲା (ନଂ.୪୬/୨୦) ରୁଜୁ ହୋଇଛି।

# ଗତବର୍ଷ ତୁଳନାରେ ୨୧% ଅଧିକ ଚାଷୀଙ୍କ ପଞ୍ଜୀକରଣ

ଭୁବନେଶ୍ୱର, ୨୧।୯(ବ୍ୟୁରୋ):ଚାଷୀ ନାମ ପଞ୍ଜୀକରଣ ଗତବର୍ଷ ତୁଳନାରେ ୨୦୨୦-୨୧ ଖରିଫ୍‌ରେ ୨୧ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୧୪ ଲକ୍ଷ ୯୭ ହଜାର ୭୭୯ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ରେ ୧୨ ଲକ୍ଷ ୩୫ ହଜାର ୯୦୮ ଚାଷୀ ପଞ୍ଜୀକରଣ କରିଥିଲେ। ସେହି ବର୍ଷ ତୁଳନାରେ ୨ଲକ୍ଷ ୬୧ ହଜାର ୮୭୧ ଅଧିକ ଚାଷୀ ଖରିଫ୍ ଧାନ ବିକିବା ନିମନ୍ତେ ବିଭିନ୍ନ ପ୍ୟାକ୍ସ/ଲ୍ୟାମ୍ପସ୍‌ରେ ଅନ୍‌ଲାଇନ୍ ଯୋଗେ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଚାଷୀ ନାମ ପଞ୍ଜୀକରଣ କାର୍ଯ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ସଫଳତାର ସହ ସମ୍ପନ୍ନ ହୋଇପାରିଛି। ରାଜ୍ୟର ୩୦ ଜିଲାରେ ୨୮୫୪ ପ୍ୟାକ୍ସ/ଲ୍ୟାମ୍ପସ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ରାଜ୍ୟର ୨୮୧୮ଟି ପ୍ୟାକ୍ସରେ ଚାଷୀ ନାମ ପଞ୍ଜୀକରଣ କରାଯାଇଥିଲା।

# ଯୁକ୍ତ୨ ନାମଲେଖା ଆରମ୍ଭ



ଭୁବନେଶ୍ୱରସ୍ଥିତ ରମାଦେବୀ ଉଚ୍ଚମାଧ୍ୟମିକ ସ୍କୁଲରେ ନାମଲେଖା ଚାଲିଛି।

**୩ରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ**

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଭାଗରେ ନାମଲେଖା ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କରେ ମନୋନୀତ ଛାତ୍ରୀଛାତ୍ରମାନେ ଦୁଇଟି ପର୍ଯ୍ୟାୟରେ ସକାଳ ୯ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୧ଟା ୩୦ରୁ ୫ଟା ପର୍ଯ୍ୟନ୍ତ ନାମଲେଖୁଛନ୍ତି। ଏହି ପର୍ଯ୍ୟାୟ ନାମଲେଖା ପାଇଁ ୩,୪୭,୬୨୬ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇଥିଲା। କଳାରେ ୨,୨୩,୫୭୫ ଛାତ୍ରୀଛାତ୍ରଙ୍କୁ ଡକା ଯାଇଥିବାବେଳେ ବିଜ୍ଞାନରେ ୮୪,୭୮୯, ବାଣିଜ୍ୟରେ ୨୫,୦୬୨, ଧନ୍ଦାମୂଳକରେ ୫,୭୬୨ ଓ ସଂସ୍କୃତରେ ୮,୪୩୮ଜଣ ରହିଛନ୍ତି। ୨୬ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ତେବେ ନାମଲେଖା ସମୟରେ କୋଭିଡ୍-୧୯ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି କରାଯାଇଥିବାବେଳେ କଲେଜ ପ୍ରବେଶ ପଥରେ ପାଣି, ହ୍ୟାଣ୍ଡୱାସ୍, ସାନିଟାଇଜର ଓ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା ରହିଛି। ମାସ୍କ ବ୍ୟବହାର ସହ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ କେତେକ କଲେଜରେ ଏହାର ବ୍ୟତିକ୍ରମ ଘଟୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ରାଜ୍ୟର ୨,୦୨୮ କଲେଜର ୪,୫୩,୬୪୩ ସିଟ୍ ପାଇଁ ନାମ ଲେଖାହେଉଛି। ଅକ୍ଟୋବର ୩ରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ ଓ ଏହି ପର୍ଯ୍ୟାୟରେ ୫ରୁ ୭ ତାରିଖ ପର୍ଯ୍ୟନ୍ତ ହେବ। ସ୍ପଟ୍ ନାମଲେଖା ପାଇଁ ୧୫ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ ଓ ୧୬ରେ ନାମ ଲେଖାହେବ। ଅକ୍ଟୋବର ୧୭ ସୁଦ୍ଧା ଯୁକ୍ତ୨ ନାମଲେଖା ପ୍ରକ୍ରିୟା ଶେଷ ହେବ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Galaxy Tower
(Regd. Company)
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ
ଡିଜିଟାଲ
ଟାୱାର ଲଗାନ୍ତୁ ଓ ପାଆନ୍ତୁ
ଅଗ୍ରିମ - 90 ଲକ୍ଷ
ଭଡ଼ା - 45 ହଜାର
ମାସିକ 25,000 ଟଙ୍କାର ସୁବିଧା +
ମାଗଣା ଇଣ୍ଟରନେଟ୍ + (20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ)
9451783485
H.No. 412, Subhash Nagar Jind, Haryana

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ଋଣ ହିଁ ଋଣ ପାଆନ୍ତୁ
ମାର୍କଶିଟ୍ ପ୍ରପର୍ଟି ବ୍ୟବସାୟ ପର୍ସନାଲ
ସମସ୍ତ ଋଣ
0% ସୁଧ 40% ସବ୍‌ସିଡି
ରୁଚିତା :- 7649061623
ପୂଜା :- 7587660596
ପାୟଲ:- 7772806247

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

## ଭଞ୍ଜନଗର ଏନ୍ଏସିରେ ମିନି କଣ୍ଟେନ୍ମେଣ୍ଟ ଜୋନ

ଭଞ୍ଜନଗର,୨୧।୯(ଡି.ଏନ୍.ଏ)-ଭଞ୍ଜନଗର ଏନ୍ଏସିର ଏଲ୍ଆଇସି ଅଫିସ ଏବଂ କ୍ବାଟର ଅଞ୍ଚଳକୁ ସୋମବାର ପ୍ରଶାସନ ପକ୍ଷରୁ ମିନି କଣ୍ଟେନ୍ମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଏଲ୍ଆଇସି ଅଫିସର ୫ଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସହରର ଅନ୍ୟ ଅଞ୍ଚଳ ଗୁଡ଼ିକରୁ କଣ୍ଟେନ୍ମେଣ୍ଟ ଜୋନ ପୂର୍ବରୁ ହଟାଇ ନିଆଯାଇଛି।

## ସଂକ୍ଷେପରେ

### ରାୟଗଡ଼ ବିଡିଓଙ୍କୁ କରୋନା

**ରାୟଗଡ଼,୨୧।୯(ଡି.ଏନ୍.ଏ.):** ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାରେ ବିଡିଓ ଲୁକାସ ପ୍ରଧାନ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ଅସୁସ୍ଥତା ଅନୁଭବ କରିବାରୁ ସୋମବାର କରୋନା ପରୀକ୍ଷା କରାଇଥିଲେ। ରିପୋର୍ଟରେ ତାଙ୍କୁ ପଜିଟିଭ ବାହାରିଥିଲା। ବର୍ତ୍ତମାନ ସେ କୋଭିଡ୍ କେୟାର ସେଣ୍ଟର ଆର.ସୀତାପୁରଠାରେ ଚିକିତ୍ସିତ ହେଉଥିବା ପ୍ରକାଶ କରିଛନ୍ତି। ସେ କରୋନା ଆକାନ୍ତ ଥିବା ଜଣାପଡ଼ିବା ପରେ ବ୍ଲକର ପ୍ରାୟ ୩୫ କର୍ମଚାରୀମାନଙ୍କ ଟେଷ୍ଟ କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ବାହାରିଛି। ଏନେଇ ସୋମବାର ଅପରାହ୍ନ ୪ ଘଣ୍ଟାରୁ ବୁଧବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ବ୍ଲକ ଅଫିସ ସଟ୍ଡାଉନ କରାଯାଇଥିବା ଏବିଡିଓ ପିତାମ୍ବର ବେହେରା କହିଛନ୍ତି।

### ଗଜପତିରେ ୨୭ ନୂଆ ସଂକ୍ରମିତ, ୩୧୧୦ ସୁସ୍ଥ

**ପାରଳାଖେମୁଣ୍ଡି, ୨୧।୯(ସ୍ବ.ପ୍ର.):** ଗଜପତି ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୧ହଜାର ୮୦ଜଣଙ୍କ କରୋନା ପରୀକ୍ଷଣ ହୋଇଥିବେଳେ ଏଥିରୁ ୨୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୩୩୬୩ରେ ପହଞ୍ଚିଛି । ସମସ୍ତ ଆକ୍ରାନ୍ତଙ୍କ କୋଭିଡ୍ ଡାକ୍ତରଖାନା ଏବଂ ନିଜସ୍ବ ଘରୋଇ ସଙ୍ଗରୋଧରେ ରହିଥିବାର ଜଣାପଡିଛି। ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୧୦ଜଣ, ଗୋଷାଣୀ ବ୍ଲକରୁ ୯, କାଶୀନଗର ବ୍ଲକରୁ ୨ଜଣ, ଆର୍.ଉଦୟଗିରି ବ୍ଲକରୁ ୪ଜଣ, ନୂଆଗଡ ବ୍ଲକରୁ ଜଣେ ଏବଂ ଜିଲା ବାହାରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିପରି ୩,୧୧୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ନିଜନିଜ ଘରକୁ ଫେରିଥିବା ସୂଚନା ମିଳିଛି। ଜିଲାରୁ ମୋଟ ୩୮,୬୯୪ ଜଣଙ୍କର ସ୍ବାବ ପରୀକ୍ଷଣ ହୋଇଥିବା ବେଳେ ୩୮,୨୮୩ ଜଣଙ୍କର ରିପୋର୍ଟ ପହଞ୍ଚିଛି । ଏଥିରୁ ୨୨ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି।

### ଛାତ୍ରୀଙ୍କୁ ଦୁର୍ବ୍ୟବହାର କରି ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୨୧।୯-ଛାତ୍ରୀଙ୍କୁ ରାସ୍ତାରେ ଦୁର୍ବ୍ୟବହାର କରିବା ଅଭିଯୋଗରେ ଟାଉନ୍ ଥାନା ପୋଲିସ ଜଣେ ଯୁବକକୁ ଗିରଫ କରିଛି। ସେ ହେଲେ ଶ୍ରୀରାମନଗରର ବିଶ୍ବରଞ୍ଜନ ପାତ୍ର(୧୯)। ମାମଲା ନଂ.୧୭୦/୨୦ରେ ଅନୁଯାୟୀ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀ ଜଣକ ରାସ୍ତାରେ ଯାଉଥିବା ବେଳେ ବିଶ୍ବରଞ୍ଜନ ତାଙ୍କୁ ପ୍ରେମ ନିବେଦନ କରି ଦୁର୍ବ୍ୟବହାର କରିଥିଲେ। ଏ ନେଇ ଛାତ୍ରୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

### ଅତିରିକ୍ତ ଜିଲା ସ୍ବାସ୍ଥ୍ୟ ଅଧିକାରୀଙ୍କ ସ୍ବାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ଦିଗପହଣ୍ଡି,୨୧।୯(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଅତିରିକ୍ତ ସ୍ବାସ୍ଥ୍ୟ ଅଧିକାରୀ ଡା. ହରିହର ପଣ୍ଡା ସୋମବାର ଦିଗପହଣ୍ଡି ଗୋଷ୍ଠୀ ସ୍ବାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି। ଗୋଷ୍ଠୀ ସ୍ବାସ୍ଥ୍ୟକେନ୍ଦ୍ରରେ ମଞ୍ଜୁର ପ୍ରାପ୍ତ ଡାକ୍ତର ଓ କର୍ମଚାରୀ ପଦବୀ ଖାଲି ପଡ଼ିଥିବା ନେଇ ସ୍ଥାନୀୟ ବାସିନ୍ଦା ଅତିରିକ୍ତ ଜିଲା ସ୍ବାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆବଶ୍ୟକ ଡ଼ାକ୍ତର ନଥିବାରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ୫ ଡାକ୍ତର ବଦଳରେ ୨ ଡାକ୍ତର ସପ୍ତାହକୁ ୨ ଦିନ ଲେଖାଏ ବ୍ରହ୍ମପୁରରୁ ଯା ଆସ କରୁଛନ୍ତି ବୋଲି ଲୋକେ ଅଭିଯୋଗ କରିଥିଲେ। ଜିଲାରେ କମ ସଂଖ୍ୟକ ଡାକ୍ତର ଥିବାରୁ ସବୁଠି ସମସ୍ୟା ଥିବା ସେ କହିଥିଲେ। ଶୀଘ୍ର ଏହାର ସମାଧାନ କରାଯିବକୁ ସେ ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ରୋଗୀ ପୁସ୍ତିକା ଓ ରେକର୍ଡ ପତ୍ର ତନଖି କରିବାସହ ନିରାମୟ ଔଷଧ ବିତରଣ ବ୍ୟବସ୍ଥା ତଦାରଖ କରି ଫେରିଥିଲେ।

### ଜାଲରୁ ୧୨ ଫୁଟର ବୋଡ଼ା ଉଦ୍ଧାର

**ବୁଗୁଡ଼ା,୨୧।୯(ଡି.ଏନ.ଏ.):** ବୁଗୁଡ଼ା ସହର ଉପକଣ୍ଠ ନିକଟରେ ଥିବା କୁସୁମି କେନାଲରେ ପକାଯାଇଥିବା ମାଛଧରା ଜାଲରୁ ସୋମବାର ବନ ବିଭାଗ ପକ୍ଷରୁ ଏକ ୧୨ ଫୁଟର ବୋଡ଼ା ସାପ ଉଦ୍ଧାର କରାଯାଇଛି। ଜଣେ ବ୍ୟକ୍ତି ଉକ୍ତ କେନାଲରେ ଜାଲ ପକାଇ ମାଛ ଧରୁଥିବା ବେଳେ ହଠାତ୍ ସାପ ଆସି ପଡ଼ିଥିଲା। ଏହାକୁ ଅଜଗର ସାପ ଭାବି ବ୍ୟକ୍ତି ଜଣକ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବନପାଳ ଅଭିରାମ ଖିଲ ଘଟଣାସ୍ଥଳରେ ପହଞ୍ଚି କୌଶଳରେ ଉକ୍ତ ବୋଡ଼ାସାପଟିକୁ ଉଦ୍ଧାର କରିଥିଲେ। ପରେ ଉକ୍ତ ସାପଟିକୁ ଠଣାପଲ୍ଲୀ ଜଙ୍ଗଲରେ ଛଡ଼ିଦିଆଯାଇଥିଲା।

# କୋଭିଡ୍ ଷ୍ଟାଫ୍ଙ୍କୁ କାର୍ଯ୍ୟରୁ ଅନ୍ତର ନିର୍ଦ୍ଦେଶ

**ଛତ୍ରପୁର,(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ୍,୨୧।୯**

କୋଭିଡ୍ ମୁକାବିଲା କାର୍ଯ୍ୟ ଓ ସ୍ବାସ୍ଥ୍ୟସେବା ପାଇଁ ଗଞ୍ଜାମରେ ନିଯୁକ୍ତ ମେଡିକାଲ ଷ୍ଟାଫଙ୍କୁ କାର୍ଯ୍ୟରୁ ଅନ୍ତର ପାଇଁ ୧୮ ତାରିଖରେ ଚିଠି ନମ୍ବର ୧୪୧୫୮ରେ ନିର୍ଦ୍ଦେଶନାମା ଜାରି ହୋଇଛି। ଏହାର ପ୍ରତିବାଦ କରି ଉକ୍ତ ମେଡିକାଲ ଷ୍ଟାଫ୍ ସୋମବାର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ବାସ୍ଥ୍ୟ ଅଧିକାରୀ (ସିଡିଏମ୍ପିଏଚ୍ଓ) ଡା. ଉମାଶଙ୍କର ମିଶ୍ରଙ୍କୁ ସାକ୍ଷାତ କରି ନିର୍ଦ୍ଧାରିତ ୩ ମାସ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପରେ ସେମାନେ ଛତ୍ରପୁର ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲା। ୩ ମାସ କାର୍ଯ୍ୟ ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଥିବା ବେଳେ ମାସେ ନ ପୂରୁଣୁ କାର୍ଯ୍ୟରୁ ଅନ୍ତର ନିର୍ଦ୍ଦେଶ ନେଇ ଏମାନଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଏମାନଙ୍କର ଏକ ପ୍ରତିନିଧି ଦଳ ସହ ଉକ୍ତ ଦାବି ସମ୍ପର୍କରେ ଅତିରିକ୍ତ ଜିଲାପାଳ ଅମିୟ କୁମାର ସାହୁଙ୍କ ସହ ଆଲୋଚନା ହୋଇଥିଲା। ଏହା



ଧାରଣା ଦିଆଯାଇଛି।

### ଜିଲାପାଳଙ୍କ ଅଫିସ ଆଗରେ ଧାରଣା

ଉପରେ ଜିଲାପାଳଙ୍କ ସହ ଆଲୋଚନା ହେବ ବୋଲି ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା ହେବ ବୋଲି କୁହାଯାଇଥିଲା। ପରେ କୋଭିଡ୍ ପାଇଁ ନିଯୁକ୍ତ ମେଡିକାଲ ଷ୍ଟାଫ୍ଙ୍କ ପକ୍ଷରୁ ବର୍ଷାରେ ଭିଜି ଦିଆଯାଇଥିବା ଧାରଣା ପ୍ରତ୍ୟାହୃତ ହୋଇଛି। ଏମାନଙ୍କ କହିବାନୁଯାୟୀ, କରୋନା ମୁକାବିଲା ଓ ସ୍ବାସ୍ଥ୍ୟ ସେବା ପାଇଁ ୧୦୧ ଏନ୍ଏମ୍, ଜିଏନ୍ଏମ୍, ଷ୍ଟାଫ ନର୍ସ, ଫାର୍ମାସିଷ୍ଟ, ପାରା ମେଡିକାଲ ଷ୍ଟାଫଙ୍କୁ ଗଞ୍ଜାମର ସମସ୍ତ ୨୨ ବ୍ଲକରେ ଅଗଷ୍ଟ ୨୪ରେ ନିଯୁକ୍ତି ଦିଆଯାଇଥିଲା। ଏମାନେ ସ୍ବାବ ସଂଗ୍ରହଠାରୁ ଆରମ୍ଭ କରି ପଲସ ଅକ୍ସିମିଟର ଯାଞ୍ଚ, ଥର୍ମାଲ ସ୍କ୍ରିନିଂ, ଔଷଧ ବଣ୍ଟନ, ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ଓ କୋଭିଡ୍ କେୟାର ହୋମ୍ରେ ଚିକିତ୍ସା ଏବଂ ଏ ସମ୍ବନ୍ଧୀୟ କାର୍ଯ୍ୟ କରି ଆସୁଥିଲେ। କୋଭିଡ୍ କାର୍ଯ୍ୟ କରିବାବେଳେ ଏମାନଙ୍କ ମଧ୍ୟରୁ କେତେଜଣ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେତେକ ସୁସ୍ଥ ହୋଇ ପୁଣି କାର୍ଯ୍ୟରେ ଯୋଗ ଦେଇଛନ୍ତି। କେତେଜଣ ଷ୍ଟାଫ ମଧ୍ୟ ଦରମା ପାଇନାହାନ୍ତି। ଜୀବନକୁ ବିପଦରେ ପକାଇ କାମକରି ଆସୁଥିବା ବେଳେ କାର୍ଯ୍ୟରୁ ଅନ୍ତର କରିବା ଠିକ୍ ନୁହେଁ ବୋଲି ଏମାନଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଅବନୀକାନ୍ତ ପରିଡା, ପ୍ରବୀର କୁମାର ଚୌଧୁରୀ, କେଶବ ବେହେରା, ରେବତୀ ମୋହନ ଜେନା, ଏ. ମନୋଜ କୁମାର ପାତ୍ର, ଏ.ମହେଶ, ସରସ୍ବତୀ ମହାକୁଡ଼, ଡଲି ଗୌଡ଼, ଧବଳେଶ୍ବର ଓ ବିଶିକେଶନ ପ୍ରମୁଖ ନେତୃତ୍ବ ନେଇଥିଲେ।

## କରୋନାରେ ଫାର୍ମାସିଷ୍ଟଙ୍କ ମୃତ୍ୟୁ

**ପୁରୁଷୋତ୍ତମପୁର, ୨୧।୯(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ପାଣ୍ଡିଆ ଗ୍ରାମର କରୋନା ଯୋଦ୍ଧା ୱାଇ ରାଜକୁମାର (୪୬)ଙ୍କ ରବିବାର ମୃତ୍ୟୁ ଘଟିଛି। ସେ ୧୩ ବର୍ଷ ହେଲା ମାଲକାନଗିରି ଜିଲା ମାଥିଲି ଗୋଷ୍ଠୀ ସ୍ବାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କାଳିଆଗୁଡ଼ା ପ୍ରାଥମିକ ସ୍ବାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୭ ତାରିଖରେ ସେ ଅସୁସ୍ଥ ଥିବାରୁ ତାଙ୍କର କରୋନା ପରୀକ୍ଷା କରାଯାଇଥିଲା। ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ ଜୟପୁର ପରେ ବିଶାଖାପାଟଣାର ଏକ କୋଭିଡ୍ ମେଡିକାଲକୁ ନିଆଯାଇଥିଲା। ସେଠାରୁ ଗତ ୯ ତାରିଖରେ ବିଶାଖାପାଟଣାର ଅନ୍ୟ ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୃତ୍ୟୁ ପରେ ପ୍ରଶାସନର ପରାମର୍ଶରେ ମୃତଦେହ ଗ୍ରାମକୁ ଅଣାଯାଇଥିଲା। ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ, ବିଡିଓ ବିଜୟ କୁମାର ବେହେରା, ଏଏସ୍ଆଇ ରବୀନ୍ଦ୍ରନାଥ ପାଣିଗ୍ରାହୀ ପ୍ରମୁଖ ପହଞ୍ଚି ଗାର୍ଡଅଫଅନର ଦେଇ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

## ଅମାନିଆଙ୍କଠାରୁ ଜରିମାନା ଆଦାୟ

**ବ୍ରହ୍ମପୁର ଅଫିସ/ ଶେରଗଡ଼, ୨୧।୯ (ଡି.ଏନ.ଏ.)**

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣର ମୁକାବିଲା ପାଇଁ କଡ଼ା କଟକଣା ଜାରି କରାଯାଇଛି। ଏଭଳି କଡ଼ା ନିର୍ଦ୍ଦେଶ ସତ୍ତ୍ବେ ଲୋକମାନେ ନିୟମ ଉଲ୍ଲଂଘନ କରୁଥିବାରୁ ପୋଲିସ ସେମାନଙ୍କଠାରୁ ଜରିମାନା ଆଦାୟ କରୁଛି। ଗତ ୨୦ ତାରିଖ ସକାଳ ୬ରୁ ୨୧ ତାରିଖ ସକାଳ ୬ଟା ସୁଦ୍ଧା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଚେକିଂ କରି ମାସ୍କ ପିନ୍ଧିନଥିବା ୨୩ ଜଣ ଲୋକଙ୍କଠାରୁ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୭୪ ଜଣ ଅମାନିଆ ଗାଡିଚାଳକଙ୍କୁ ୮୭ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। କରୋନା କଟକଣାକୁ ଉଲ୍ଲଂଘନ କରି ରାସ୍ତାରେ ଛେପ ପକାଇଥିବା ଅମାନିଆଙ୍କଠାରୁ ୪ ହଜାର ଟଙ୍କା ଜରିମାନା ମଧ୍ୟ ଆଦାୟ କରିଛି। ସେହିପରି ଶେରଗଡ଼ ଚାରିଛକରେ ସୋମବାର ପୋଲିସ ପକ୍ଷରୁ ବ୍ଲକିଂ କରାଯାଇଥିଲା। ଦିଗପହଣ୍ଡି, ହିଞ୍ଜିକାଟୁ, ଆସିକା ଓ ବଡଗଡ଼ ଆସୁଥିବା ଯାତ୍ରୀଙ୍କଠାରୁ ମାସ୍କ ତଦନ୍ତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମାସ୍କ ନ ପିନ୍ଧିଥିବା ବ୍ୟକ୍ତି ଓ ଅମାନିଆ ଗାଡ଼ି ଚାଳକଙ୍କଠାରୁ ୨୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ୨ ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି

**ପାତ୍ରପୁର, ୨୧।୯(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକର କେତେକ ପଞ୍ଚାୟତରେ ବର୍ଷା ଅଭାବରୁ ଚଳିତ ବର୍ଷ ଧାନ ରୁଆ ହୋଇପାରିନାହିଁ। କିଛିଗ୍ରାମରେ ଜମିସମ୍ପୂର୍ଣ୍ଣ ପଡ଼ିଆ ପଡ଼ିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ୪୦ ଭାଗ ଜମିରେ ଧାନଚାଷ ହୋଇଛି। ୩ ବର୍ଷ ହେଲା ଲଗାତର ଧାନ ଫସଲକୁ ନେଇ କ୍ଷତି ସହୁଥିବା ବାଦପୁର ଓ ବି.ନୂଆଗାଁ ପଞ୍ଚାୟତବାସୀ ସୋମବାର ସ୍ଥାନୀୟ ତହସିଲଦାରଙ୍କୁ ସାକ୍ଷାତ କରି ମରୁଡ଼ି ଘୋଷଣା କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଲଘୁଚାପ ସୃଷ୍ଟିହେଉଥିବା ବେଳେ ଉକ୍ତ ପଞ୍ଚାୟତରେ ବର୍ଷା ହେଉନି, ବିଭିନ୍ନ ନଦୀ ଓ ନାଳର ଜଳସ୍ତର କମିବା ଫଳରେ ରୁଆ ହୋଇଥିବା ଧାନ ଫସଲ ଜଳିବାକୁବସିଲାଣି। ଗତବର୍ଷ ବାତ୍ୟା ଯୋଗୁଁ ମଧ୍ୟ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। କିନ୍ତୁ ପ୍ରଶାସନର ତଦନ୍ତ ପରେ ମଧ୍ୟ କ୍ଷତିପୂରଣ ମିଳିନାହିଁ। ଏଥିପାଇଁ ଚଳିତ ବର୍ଷ ତଦନ୍ତ କରି ମରୁଡ଼ି ଘୋଷଣା ସହ ଋଣ ଛାଡ଼ ପାଇଁ ଭାଜପା ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସହ ସମ୍ପୃକ୍ତ ପଞ୍ଚାୟତର ଦେବକୀ ନନ୍ଦନ ପାଢ଼ୀ, କାହ୍ନୁ ସାହୁଙ୍କ ସମେତ ଶତାଧିକ ଚାଷୀ ତହସିଲଦାର ଡ. ଶ୍ରୀନିବାସ ବେହେରାଙ୍କୁ ଦାବିପତ୍ର ଦେବାସହ ପାତ୍ରପୁର କୃଷି ଅଧିକାରୀ, ବିଡିଓ, ଉପଜିଲାପାଳ, ଜିଲାପାଳ, ରାଜ୍ୟ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରେରଣ କରିଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ପାତ୍ରପୁର ବ୍ଲକର ୨୩ଟି ପଞ୍ଚାୟତ ମଧ୍ୟରୁ ଆମ୍ବପୁର, ଗୁଣ୍ଠୁରା, ବାଦପୁର, ସାମନ୍ତିଆପଲ୍ଲୀ, ବରଙ୍ଗ, ଖମ୍ବାରିଗାଁ, ଜୟନ୍ତିପୁର, ବି. ନୂଆଗାଁ ଆଦି ପଞ୍ଚାୟତରେ ବର୍ଷା ନ ହୋଇ ମରୁଡ଼ି ଦେଖାଯାଇଛି।

## 'କରୋନା ନିୟନ୍ତ୍ରଣରେ ଗଞ୍ଜାମ ଉଦାହରଣ'

**ଛତ୍ରପୁର, ୨୧।୯(ଡି.ଏନ୍.ଏ.)**

କୋଭିଡ୍ ନିୟନ୍ତ୍ରଣ ଓ ସ୍ଥିତିରେ ବହୁ ସୁଧାର ଆସିଥିବା ନେଇ ଗଞ୍ଜାମ ଜିଲା ପ୍ରଶାସନ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଟୁଇଟ୍ କରି ଗଞ୍ଜାମ ଜିଲା ପ୍ରଶାସନର ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ପାଇଁ ଘରକୁ ଘର ଯାଇ ସମସ୍ତ ପରିବାର ସଦସ୍ୟଙ୍କ ଟିମ୍ ଦ୍ବାରା ସ୍ବାସ୍ଥ୍ୟ ଯାଞ୍ଚ, ସ୍ବାସ୍ଥ୍ୟ ସେବା ଯୋଗାଇବା ପାଇଁ ଜୋର୍ଦାର ପଦକ୍ଷେପ ନେବା, ଲକ୍ଷଣ ଚିହ୍ନଟ ସହ ସେମାନଙ୍କର ଟେଷ୍ଟିଂ, ନୂଆ ପଜିଟିଭ ଚିହ୍ନଟ, ଗ୍ରାମାଞ୍ଚଳ ଓ ୱାର୍ଡସ୍ତରରେ ଟେଷ୍ଟିଂ, କରୋନା ଆକ୍ରାନ୍ତଙ୍କ ଚିକିତ୍ସା, କରୋନା ନେଇ ଜନସାଧାରଣଙ୍କୁ ବ୍ୟାପକ ଭାବେ ସଚେତନ କରିବା ଯୋଗୁ ସେଠାରେ ସ୍ଥିତିରେ ସୁଧାର ଆସିଛି।

ପ୍ରକାଶଯେ, ଗଞ୍ଜାମ ଜିଲାରେ ୧୯ ହଜାରରୁ ଉର୍ଦ୍ଧ୍ବ କରୋନାରୁ ସୁସ୍ଥ ହେଲେଣି, ଯାହାକି ୯୭.୫ ପ୍ରତିଶତ ରହିଛି। ଏହା ରାଜ୍ୟରେ ରେକର୍ଡ ସୃଷ୍ଟି କରିପାରିଛି। ଏଥିସହ




ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍।

ଗଞ୍ଜାମରେ ଦୈନିକ ନୂଆ ପଜିଟିଭଙ୍କ ସଂଖ୍ୟା ୨ ଅଙ୍କରେ ସୀମିତ ରହୁଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ପାଖାପାଖି ୪ ଲକ୍ଷ ଲୋକଙ୍କ କରୋନା ଟେଷ୍ଟିଂ ହେଲାଣି। ଦୈନିକ ଗଞ୍ଜାମରେ ୫ ହଜାରରୁ ଉର୍ଦ୍ଧ୍ବ କରୋନା ଟେଷ୍ଟ କରାଯାଉଛି। କୋଭିଡ୍ ମନିଟର, କୋଭିଡ୍ ବନ୍ଧୁ ଓ କୋଭିଡ୍ ସଖୀଙ୍କୁ ଦାୟିତ୍ବ ଦିଆଯାଇ କୋଭିଡ୍ ପରିଚାଳନା ଓ ସଚେତନ ପାଇଁ ଏଭଳି ଅଭିନବ ପଦକ୍ଷେପ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଛି। ଗଞ୍ଜାମରେ ନୂଆ ୫୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରେ ୮ କରୋନା ଯୋଦ୍ଧା ରହିଛନ୍ତି। ଅପରପକ୍ଷରେ ୬୬ କରୋନାରୁ ସୁସ୍ଥ ମଧ୍ୟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୧୯ ହଜାର ୬୭୫ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ୧୯ ହଜାର ୧୮୨ ସୁସ୍ଥ ହୋଇଛନ୍ତି, ଯାହାକି ୯୭.୫ ପ୍ରତିଶତ ରହିଛି। ଏବେ ଗଞ୍ଜାମରେ ୨୬୯ କରୋନା ଆକ୍ରାନ୍ତ ଆକ୍ଟିଭ ଅଛନ୍ତି। ଏଥିସହ କରୋନାରେ ୨୧୬ ଜଣଙ୍କ ମୃତ୍ୟୁ ହୋଇଛି। ଅଣ କୋଭିଡ୍ରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ଜିଲାପାଳ ଟୁଇଟ୍ କରି ଆହୁରି ସୂଚନା ଦେଇଛନ୍ତ, ରବିବାର ଦିନକରେ ୪ ହଜାର ୯୪୬ ଜଣଙ୍କ କରୋନା ଟେଷ୍ଟ କରାଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୩ ଲକ୍ଷ ୮୪ ହଜାର ୯୯୭ ଜଣଙ୍କ କରୋନା ଟେଷ୍ଟ ହୋଇଛି।

## ସିପିଏମ୍ର ବିକ୍ଷୋଭ ସମାବେଶ

**ବ୍ରହ୍ମପୁର ଅଫିସ, ୨୧।୯**

ଜନସାଧାରଣଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ୬ ଦଫା ଦାବି ପୂରଣ ନେଇ ସିପିଆଇଏମ୍ ପକ୍ଷରୁ ସୋମବାର କମାପଲ୍ଲୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତି ପରିବାରକୁ ମୁଣ୍ଡପିଛା ୧୦ କେଜି ଚାଉଳ ପ୍ରଦାନ ସହ ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ୭୫୦୦ ଟଙ୍କା ଛଅ ମାସ ପର୍ଯ୍ୟନ୍ତ ପ୍ରଦାନ କରିବା, ଏମ୍ଜିଏନ୍ଆର୍ଇଜିଏସ୍ ଯୋଜନାରେ ୨୦୦ ଦିନ କାମ ପ୍ରଦାନ ସହ ମଜୁରୀ ବୃଦ୍ଧି କରିବା ଆଦି ନେଇ ସିପିଆଇଏମ୍ ଦାବି କରିଥିଲା। ଏହା ବ୍ୟତୀତ ଚାଷୀ ବିରୋଧୀ ଓ ଶ୍ରମିକ ବିରୋଧୀ ନୀତି ପ୍ରତ୍ୟାହାର ସହ ଇଞ୍ଜିନିୟରିଂ ସ୍କୁଲ ଛକଠାରେ ଟ୍ରାଫିକ ପୋଷ୍ଟ ନିର୍ମାଣ, ଆଙ୍କୁଲି ଶିଳ୍ପାଞ୍ଚଳ ଆପ୍ରୋଚ ରୋଡ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ଗୋପାଳ ପାଣିଗ୍ରାହୀ, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ବାବୁଲା ନାୟକ, ଅଶୋକ ଦାଶ, ହରିବନ୍ଧୁ ନାହାକ, ଟିଟିବାବୁ, ବୈକୁଣ୍ଠନାଥ ସାହୁ, ନୃସିଂହ ବ୍ରହ୍ମା, ଲକ୍ଷ୍ମଣ ନାୟକ, ପଞ୍ଚାନନ ଜେନା, ରଞ୍ଜନ ପାତ୍ର, କେଶବ ଗୌଡ଼, କୃଷ୍ଣ ନାହାକ ପ୍ରମୁଖ ସାମିଲ ହୋଇଥିଲେ।

## ରୋଗୀମାନଙ୍କ ପାଇଁ ଇସିଜି ମେଶିନ ପ୍ରଦାନ

**ସୋରଡ଼ା,୨୧।୯(ଡି.ଏନ୍.ଏ.)**

ସୋରଡ଼ା ଗାୟତ୍ରୀ ପରିବାର ପକ୍ଷରୁ ସରକାରୀ ଡାକ୍ତରଖାନାକୁ ସୋମବାର ରୋଗୀମାନଙ୍କ ପାଇଁ ଗୋଟିଏ ଇସିଜି ମେଶିନ ପ୍ରଦାନ କରାଯାଇଛି। ଉକ୍ତ ମେଡିକାଲରେ ଇସିଜି ମେଶିନ ନ ଥିବାରୁ ରୋଗୀମାନଙ୍କୁ ଇସିଜି ପରୀକ୍ଷା ପାଇଁ ଖର୍ଚ୍ଚାନ୍ତ ହୋଇ ଭଞ୍ଜନଗର, ବ୍ରହ୍ମପୁର ଯିବାକୁପଡୁଥିଲା। ଏଥିପାଇଁ ମେଡିକାଲକୁ ଇସିଜି ମେଶିନ ଦିଆଯାଇଛି। ଗାୟତ୍ରୀ ମନ୍ଦିର ପରିସରରେ ଆୟୋଜିତ ମିଳନ ପର୍ବରେ ଡା.ସନ୍ତୋଷ କୁମାର ପଣ୍ଡାଙ୍କୁ ୨୦୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବରିଷ୍ଠ ସଦସ୍ୟ ନିରଞ୍ଜନ ଗଉଡ, ବିଜୟ କୁମାର ବିଶୋୟୀ, ଉପେନ୍ଦ୍ର ପାତ୍ର, ଦେବବ୍ରତ ବିଶୋୟୀ, ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ୫ ଦିନ ପୂର୍ବେ ସ୍ଥାନୀୟ ସତ୍ୟସାଇ ସେବା ଦଳ ତରଫରୁ ରୋଗୀମାନଙ୍କ ପାଇଁ ମେଡିକାଲ ପରିସରରେ ଏକ ଗରମ ପାଣି ମେଶିନ ଲଗାଯାଇଛି। ଏହାଦ୍ବାରା ରୋଗୀମାନେ ମାଗଣାରେ ଗରମ ପାଣି ପାଉଛନ୍ତି।



ଚେକ୍ ପ୍ରଦାନ କରାଯାଉଛି।

## ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲେ ତହସିଲଦାର

**ବୁଗୁଡ଼ା,୨୧।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ସୋମବାର ତହସିଲଦାର ସଂଗ୍ରାମ କେଶରୀ ଜେନା ପରିଦର୍ଶନ କରିଛନ୍ତି। ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଠିକ୍ଭାବେ ହିତାଧିକାରୀମାନଙ୍କୁ ନିୟମିତ ଅଣ୍ଡା ବଣ୍ଟନ କରାଯାଉଛି କି ନାହିଁ ସେ ବିଷୟରେ ତହସିଲ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଛି। ତହସିଲଦାରଙ୍କ ନେତୃତ୍ବରେ ତହସିଲ କର୍ମଚାରୀମାନେ ବୁଗୁଡ଼ା ବ୍ଲକର ମାଣିତରା, ଭୋଗଡ଼ା, ନଗୁଡୁ, ବି.କରଡ଼ାବାଡ଼ି ଗ୍ରାମର ୧୦ଟି ଅଙ୍ଗନୱାଡ଼ି କେନ୍ଦ୍ର ସହ ବୁଗୁଡ଼ା ଏନ୍ଏସିର ଗୋଲାମୁଣ୍ଡୁଳା ଓ କାଞ୍ଚୟାପଲ୍ଲୀ ଗ୍ରାମର ୨ଟି ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖିଥିଲେ। ୩ ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ ଏବଂ ଗର୍ଭବତୀ, ପ୍ରସୂତିଙ୍କୁ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ନିର୍ଦ୍ଧାରିତ ନିୟମ ପ୍ରକାରେ ଅଣ୍ଡା ମିଳୁଛି କି ନାହିଁ ସେ ବିଷୟରେ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। ଏଥିସହ ପ୍ରତ୍ୟେକ ସୋମବାର ନିୟମାନୁଯାୟୀ ଅଣ୍ଡା ବଣ୍ଟନ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ।

## ରାସ୍ତା ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ



ଉପସ୍ଥିତ ସୁନାପାଙ୍ଗା ସାହିବାସୀ।

**ବାଲିଗୁଡ଼ା, ୨୧।୯.(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ା ଏନ୍ଏସି ୧୩ନଂ ୱାର୍ଡ ଅନ୍ତର୍ଗତ ସୁନାପାଙ୍ଗା ଅଞ୍ଚଳର ମହାପାତ୍ର କଲୋନୀରେ ଥିବା ରାସ୍ତା ପାଇଁ ବିବାଦ ଦେଖାଦେଇଛି। ଏ ନେଇ ଉକ୍ତ ଅଞ୍ଚଳବାସୀ ଦୀର୍ଘବର୍ଷ ହେଲା ପ୍ରଶାସନକୁ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ବହୁ ବର୍ଷରୁ ସୁନାପାଙ୍ଗା ସାହିର ମହାପାତ୍ର କଲୋନୀରେ ୨୦ରୁ ଉର୍ଦ୍ଧ୍ବ ପରିବାର ବସବାସ କରୁଛନ୍ତି। ଦୈନନ୍ଦିନ ଯିବା ଆସିବା କରିବାକୁ ଥିବା ମୁଖ୍ୟ ରାସ୍ତାକୁ ଏକ ଚଲାରାସ୍ତା ରହିଛି। ହେଲେ ଗତ କିଛିବର୍ଷ ହେବ ଜଣେ ବ୍ୟକ୍ତି ଉକ୍ତ ରାସ୍ତାରେ ନିଜର ଜାଗାଥିବା କହି ସେଠାରେ ଘର କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଯଦି ଏହି ରାସ୍ତାରେ ଘର ତିଆରି ହୁଏ ତେବେ ଯାତାୟାତ ବନ୍ଦ ହୋଇଯିବ। ଏନେଇ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ କୌଣସି ପଦକ୍ଷେପ ନିଆଯାଇନଥିବା ସାହିବସୀ ଅଭିଯୋଗ କରିଛନ୍ତି। ତେବେ ଏହାର ସମାଧାନ ନ ହେଲେ ମଙ୍ଗଳବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାଲିଗୁଡ଼ାଠାରୁ ବାରଖମା ରାଜ୍ୟ ରାଜପଥ ଅବରୋଧ କରିବା ସହ ଆମରଣ ଅନଶନ କରିବାକୁ ସାହିବାସୀ ଚେତାବନୀ ଦେଇଛନ୍ତି। ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ସମାଧାନ କଲେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଅଣାୟତ୍ତ କରୋନା: ୭ ଦିନ ବଜାର ବନ୍ଦ ନିଷ୍ପତ୍ତି

**ଫୁଲବାଣୀ ଅଫିସ, ୨୧।୯**

କରୋନା ସଂକ୍ରମଣ କନ୍ଧମାଳ ଜିଲାରେ ଦିନକୁ ଦିନ ବଢ଼ି ଚାଲିଛି। ଗତ ୩ ଦିନ ହେବ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଶତକ ଉପରେ ରହୁଛି। ଜିଲାରେ ଏବେ ସ୍ଥିତି ସଙ୍ଗିନ ହେଲାଣି। ପରିସ୍ଥିତି ଅଣାୟତ୍ତ ହେବାକୁ ଲାଗିଲାଣି। ବ୍ୟବସାୟ ପ୍ରତିଷ୍ଠାନ ଏବଂ ମାର୍କେଟରେ ନାହିଁ ନ ଥିବା ଗହଳି ପରିଲକ୍ଷିତ ହେଉଛି। ସାମାଜିକ ଦୂରତା ଲୋକେ ଭୁଲି ଗଲେଣି। ସବୁଠୁ ଅଧିକ ଚିନ୍ତାରେ ବ୍ୟବସାୟୀମାନେ ରହିଛନ୍ତି। ସେମାନେ ସଂକ୍ରମିତ ହେବାର ଆଶଙ୍କା ଶତପ୍ରତିଶତ ରହୁଛି। ଏହାକୁ ନଜରରେ ରଖି ଆଗାମୀ ୭ ଦିନ ବଜାର ବନ୍ଦ ରଖିବାକୁ ଜିଲା ବଣିକ ସଂଘ ଏକ ବୈଠକ କରି ନିଷ୍ପତ୍ତି ନେଇଛି। ସୋମବାର ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇ, ବଜାର ବନ୍ଦ କରିବାକୁ ସୁଚିନ୍ତିତ ପରାମର୍ଶ ଦିଆଯାଇଛି।

ଫୁଲବାଣୀ ସହରରେ ଦୈନିକ ସଂକ୍ରମଣ ୫୦ରୁ ଉପରେ ରହୁଛି। ଯେଉଁ ଲୋକମାନେ ବଜାରକୁ ଆସୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ କୋଭିଡ୍ ନିୟମ ମାନୁନାହାନ୍ତି। ଅମାନିଆ ଗ୍ରାହକଙ୍କ ପାଇଁ ବ୍ୟବସାୟୀଙ୍କ ଜୀବନ ଜୀବିକା ବିପନ୍ନ ହେଉଛି। ତେଣୁ ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଏକ ବୈଠକ କରି ଫୁଲବାଣୀ ବଜାରର ସମସ୍ତ ଦୋକାନ ୭ ଦିନ ପାଇଁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରି ଯାହା ନିଷ୍ପତ୍ତି ହେବ ତାହା ଆମକୁ ଜଣାଇବେ ବୋଲି ସଂଘ ସଭାପତି ଅଶୋକ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେହିପରି ଯଦି ବନ୍ଦ ନିଷ୍ପତ୍ତି କାର୍ଯ୍ୟକାରୀ ହେବ, ସେହି ସମୟରେ ବଜାର ତଥା ସହରରେ କୋଭିଡ ପରୀକ୍ଷଣକୁ ବ୍ୟାପକ କରିବା, ସମସ୍ତ ବଜାର ବିଶୋଧନ କରିବା, ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଅନ୍ୟପଟେ ଜିଲାରେ ସଂକ୍ରମଣ ହାର ବଢ଼ିବାରେ ଲାଗିଛି। ସୋମବାର ନୂଆ ୧୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଫୁଲବାଣୀ ସହରରେ ୪୫ ଜଣ ଓ ଗ୍ରାମାଞ୍ଚଳରେ ୬କୁ ମିଶାଇ ୫୧ ରହିଛନ୍ତି। ବାଲିଗୁଡ଼ାରେ ୩୫, ଚକାପାଦରେ ୯, ଦାରିଙ୍ଗିବାଡି ୩, ଜି.ଉଦୟଗିରି ୧୦, କ.ନୂଆଗାଁ ୭, ଖଜୁରିପଡା ୭, ଫିରିଙ୍ଗିଆ ୧୨, ରାଇକିଆ ୨, ଟିକାବାଲି ୯, ତୁମୁଡିବନ୍ଧ ୪, ଅନ୍ୟ ସ୍ଥାନରେ ୨ ଏବଂ ବାହାର ଜିଲାର ୨ ଜଣ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୭୧୬ରେ ପହଞ୍ଚିଛି।

# ନିବେଶକଙ୍କୁ କ୍ଷତି ୪.୨୩ ଲକ୍ଷ କୋଟି

ମୁମ୍ବାଇ,୨୧ା୯

ବିଶ୍ୱର ପ୍ରମୁଖ ପୁଞ୍ଜି ବଜାରରେ କାରବାର କ୍ଷତିଗ୍ରସ୍ତ ହେବା ଯୋଗୁ ଏହାର ଚାପ ଭାରତୀୟ ଶେୟାର ବଜାରରେ ପଡିଛି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୮୧୨ ପଏଣ୍ଟ ଖସିଛି। ଫଳରେ ନିବେଶକଙ୍କୁ ୪.୨୩ ଲକ୍ଷ କୋଟି କ୍ଷତି ସହିବାକୁ ପଡିଛି। କରୋନା ମହାମାରୀର ଚାପ ବଜାରରେ ଏବେ ଲାଗି ରହିଛି। ୟୁରୋପରେ କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ବଢୁଥିବା ଦେଖାଯାଇଛି। ପୁଣି ଥରେ ଲକଡାଉନ ଭୟରେ ଶେୟାର ବଜାର ଉପରେ ଚାପ ପଡିଛି। ୩୦ ଶେୟାର ଭିତ୍ତିକ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଲଗାତର ତୃତୀୟ ଦିନ ଲାଗି ଖସିଛି। ସୋମବାର ୮୧୧.୬୮ ପଏଣ୍ଟ(୨.୦୯%) ଖସିବା ଯୋଗୁ ଏହା ୩୮,୦୩୪.୧୪ ପଏଣ୍ଟରେ ବନ୍ଦ ହୋଇଛି।



- ବିଶ୍ୱ ବଜାର ଚାପରେ ମାର୍କେଟ କ୍ରାସ
- ୮୧୨ ପଏଣ୍ଟ ଖସିଲା ସେନ୍‌ସେକ୍ସ

ଅପରପକ୍ଷରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ କାରବାର ପ୍ରଭାବିତ ସ୍ଥିତିରେ ରହିଛି। ନିଫ୍ଟି କାରବାର ୨୫୪.୪୦ ପଏଣ୍ଟ ବା ୨.୨୧% ନିମ୍ନରେ ରହି ୧୧,୨୫୦.୫୫ ପଏଣ୍ଟ ସ୍ତରରେ ରହିଛି। ଏହି ସମୟରେ ସେନ୍‌ସେକ୍ସରେ ଇଣ୍ଡସ ଇଣ୍ଡ ବ୍ୟାଙ୍କ କାରବାର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇ ୮.୬୭% ଖସିଛି। ସେହିଭଳି ଭାରତୀ ଏୟାରଟେଲ, ଟାଟା ଷ୍ଟିଲ, ଆଇସିଆଇସିଆଇ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ମାରୁତି ସୁଜୁକି, ଆକ୍ସିସ ବ୍ୟାଙ୍କ ଏବଂ ବଜାଜ ଫାଇନାନ୍ସ ଭଳି କମ୍ପାନୀଗୁଡିକର ଶେୟାର କାରବାର ପ୍ରଭାବିତ ହୋଇଥିବା ଜଣାପଡିଛି। ଏହି ସମୟରେ କେବଳ କୋଟାକ ବ୍ୟାଙ୍କ, ଇନଫୋସିସ ଏବଂ ଟିସିଏସ୍ କାରବାର ଉନ୍ନତ ରହିଥିଲା।

କୋଭିଡ୍ ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ଡେନମାର୍କ, ଗ୍ରୀସ ଏବଂ ସ୍ପେନ ଭଳି ଦେଶରେ ପୁଣି ଥରେ ଲକ୍‌ଡାଉନ କଟକଣା ଲାଗୁ କରାଯାଉଛି। ବ୍ରିଟେନ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରିବାକୁ ଯାଉଛି। ଏଭଳି ବିଭିନ୍ନ ଘଟଣା ୟୁରୋପ ନିବେଶକଙ୍କ ଉପରେ ପ୍ରଭାବ ପକାଇଛି। ଫଳରେ ସେମାନେ ଟ୍ରାଭେଲ, ବ୍ୟାଙ୍କିଙ୍ଗ ଏବଂ କଞ୍ଜପସନ ଭଳି ଷ୍ଟକ ଗୁଡିକରେ ଶେୟାର ବିକ୍ରି କରୁଥିବାରୁ ବଜାରରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କିଛି ସମୟ ପର୍ଯ୍ୟନ୍ତ ବଜାରରେ ଅସ୍ଥିରାବସ୍ଥା ଲାଗି ରହିବ ବୋଲି ଷ୍ଟକ ବଜାର ବିଶେଷଜ୍ଞ ବିନୋଦ ନାୟାର ସୂଚନା ଦେଇଛନ୍ତି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ମିଡ୍ କ୍ୟାପ ଏବଂ ସ୍ମଲ କ୍ୟାପ ସୂଚକାଙ୍କ ୩.୬୧% ଖସିଛି। ସବୁ କ୍ଷେତ୍ରରେ ଶେୟାର କାରବାର ନିମ୍ନରେ ରହିଛି। ସେହିଭଳି ଏସିଆର ଅନ୍ୟ ପ୍ରମୁଖ ଶେୟାର ବଜାର ଯଥା ସାଂଘାଇ, ହଂକଂ ଏବଂ ସିଓଲ ଶେୟାର ବଜାର କାରବାର ନିମ୍ନରେ ରହିଛି। ୟୁରୋପ ଶେୟାର ବଜାର ୩% ଖସିଥିବା ନଜରକୁ ଆସିଛି।

## ଅକ୍ଟୋବରରୁ ଟିଭି ପ୍ୟାନେଲ ଉପରେ ୫% ଟିକସ

ମୁମ୍ବାଇ,୨୧ା୯

ଅକ୍ଟୋବର ପହିଲାରୁ ଆମଦାନୀ ହେଉଥିବା ଟିଭି ଓପନ ପ୍ୟାନେଲ ଉପରେ ୫% ଟିକସ ଲାଗୁ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଶିଳ୍ପଗୁଡିକରେ ଭାଲ୍ୟୁ ସଂଯୋଗ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ମାତ୍ର ସରକାରଙ୍କ ନିଷ୍ପତ୍ତି ଦ୍ୱାରା ଟିଭି ମୂଲ୍ୟ ବଢିବ ବୋଲି କମ୍ପାନୀଗୁଡିକ ମତ ପ୍ରକାଶ କରିଛନ୍ତି। ପାର୍ବଣ ପୂର୍ବରୁ ଏହି ନିଷ୍ପତ୍ତି ସରକାର ଗ୍ରହଣ କରିଛନ୍ତି। ଫଳରେ ଟିଭି ଦାମ ବଢିବା ନେଇ ଆଶଙ୍କା କରାଯାଇଛି। ଗତ ଗୋଟିଏ ବର୍ଷ ତଳେ ସରକାର ଏଭଳି ଟିକସକୁ ହଟାଇ ଦେଇଥିଲେ। ଚାଇନା ଏବଂ ଭିଏତନାମ ଭଳି ଦେଶଗୁଡିକ ସହ ଭାରତୀୟ କମ୍ପାନୀଗୁଡିକୁ ପ୍ରତିଦ୍ୱନ୍ଦ୍ୱୀ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଏଥିଯୋଗୁ ସାମ୍‌ସଙ୍ଗ ଭଳି କମ୍ପାନୀ ଭିଏତନାମ ଛାଡି ଭାରତରେ ମାନୁଫାକଚରିଂକୁ ଗୁରୁତ୍ୱ ପ୍ରଦାନ କରିଥିଲା। ଏହା ସ୍ଥାନୀୟ କମ୍ପାନୀ ଡିକ୍ସନ ଟେକ୍ନୋଲୋଜି ସହ ମିଳିତ ହୋଇ ଯୋଜନା ଆଗକୁ ବଢାଇଥିଲା। ସରକାରଙ୍କ ଟିକସ ଲାଗି ଯୋଗୁ ଟିଭି ଦାମ ଉପରେ ବେଶି ପ୍ରଭାବ ପକାଇବା ନାହିଁ ବୋଲି ଜଣେ ଅଧିକାରୀ ମତ ରଖିଛନ୍ତି। ଟିଭି ଦାମ ପ୍ରାୟ ୪% ପର୍ଯ୍ୟନ୍ତ ବଢିବା ନେଇ ଆକଳନ କରାଯାଇଛି। ଏହା ୩୨ ଇଞ୍ଚ ବର୍ଗରେ ପ୍ରାୟ ୬୦୦ ଟଙ୍କା ଏବଂ ୪୨ ଇଞ୍ଚ ଉପରେ ପ୍ରାୟ ୧୨୦୦ରୁ ୧୫୦୦ ଟଙ୍କା ବଢିପାରେ।

## ମାର୍ଚ୍ଚ ସୁଦ୍ଧା ଏଜିଆର୍ ଦେୟର ୧୦% ଦେବେ କମ୍ପାନୀ

**ମୁମ୍ବାଇ,୨୧ା୯:** ଦେଶର ଟେଲିକମ କମ୍ପାନୀଗୁଡିକ ସେମାନଙ୍କ ଉପରେ ବକେୟା ରହିଥିବା ମୋଟ ଆଡଜଷ୍ଟମେଣ୍ଟ ଗ୍ରସ ରେଭେନ୍ୟୁ(ଏଜିଆର୍) ଦେୟର ୧୦% ମାର୍ଚ୍ଚ ସୁଦ୍ଧା ପ୍ରଦାନ କରିବେ। ଏହି କମ୍ପାନୀଗୁଡିକ ମଧ୍ୟରେ ଭାରତୀ ଏୟାରଟେଲ, ଭୋଡାଫୋନ-ଆଇଡିଆ ଭଳି କମ୍ପାନୀ ରହିଛନ୍ତି। କମ୍ପାନୀଗୁଡିକ ସୁପ୍ରିମକୋର୍ଟ କିସ୍ତି ଆକାରରେ ଆଗାମୀ ଦିନରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ମୋଟ ଦେୟ ମଧ୍ୟରୁ ପ୍ରାୟ ୧୦% ଆସନ୍ତା ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେବାକୁ କୁହାଯାଇଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ସେବା ଯୋଗାଣ କରୁଥିବା କମ୍ପାନୀଗୁଡିକ ମାର୍ଚ୍ଚ ୩୧ ସୁଦ୍ଧା ସରକାରଙ୍କୁ ପ୍ରାୟ ୧୨,୯୨୧ କୋଟି ଟଙ୍କା ପ୍ରଦାନ କରିବେ ବୋଲି ଆଶା କରାଯାଉଛି। ଏହା ମଧ୍ୟରୁ ପ୍ରାୟ ୮୦% ଅଂଶ ଭୋଡାଫୋନ ଆଇଡିଆଇ ଏବଂ ଏୟାରଟେଲ ପ୍ରଦାନ କରିବେ।


**OFFICE OF THE NOTIFIED AREA COUNCIL, BHUBAN**
E-mail ID: bhubann.hud@nic.in, Ph. No.: 06769-272023
No. 903 **QUOTATION CALL NOTICE** Dt.18.09.2020
Sealed quotations are invited from the reigstered firms/suppliers/authorized dealers for supply of power with 25KV installation of transformer to Micro Composting Center at Ragadi & Women's College of Bhuban NAC within 7 days from the date of publication. Interested parties may submit sealed quotations for the abvoe mentioned work. For details please contact "Works Section" between 10 A.M. to 5 P.M. at above mentioned address on all working days. The undersigned reserves all the rights to accept or reject any/all quotations in full or in part without assigning any reason what so ever.
Sd./- Executive Officer, Bhuban NAC



ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur,
Dist- Ganjam (Odisha),Pincode-761020 CIN:U40102OR2004SGC007553
Advt. No.01/2020-21 **NOTICE INVITING TENDER**
Sealed tenders are invited by the undersigned from interested bidders having both valid H.T contract license and labour contract license along with IT. PAN, GST Registration certificate for **"One time cleaning & anti-weed treatment of both metallic & barren area of the switchyard and peripheral area of 132/33KV Chatrapur,Ganjam, Balugaon & Purusottampur Grid S/S under EHT (O&M) Division, Chatrapur"** Cost of Tender Paper : Rs2000/-+GST@12% (Rs2240/-), EMD @ 1% of estimated cost : Rs.3660/-, Sale of Tender documents : From Dt. 22.09.2020 to Dt.02.10.20 up to 5,00PM on working days only. Last date of submission of tender: Dt. 03.10.20 up to 1.00 PM. Date of opening of tender: Dt. 03.10.20 at 3.30 PM. For details please visit our web site:**www.optcl.co.in**. Corrigendum if any will be published in the web site only. *Dy.General Manager, EHT(O&M) Div.*


## ପି.ପି.ମାଥୁର ବିଜିୟୁର ନୂଆ କୁଳପତି

ଭୁବନେଶ୍ୱର,୨୧ା୯

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ନୂଆ କୁଳପତି ଭାବେ ଖ୍ୟାତିସମ୍ପନ୍ନ ଶିକ୍ଷାବିତ ତଥା ଏକାଡେମିକ ଆଡମିନିଷ୍ଟ୍ରେଟର ଡ. ପ୍ରେମାନନ୍ଦ ପ୍ରକାଶ ମାଥୁର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମାଥୁରଙ୍କର ସ୍ନାତକୋତ୍ତର ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଦୀର୍ଘ ୩୮ ବର୍ଷର ଅଭିଜ୍ଞତା ରହିଛି। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପ୍ରାଣୀବିଜ୍ଞାନରେ ପିଏଚ୍.ଡି. ହାସଲ କରିଛନ୍ତି। ବିଜିୟୁରେ ଯୋଗଦେବା ପୂର୍ବରୁ ସେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ଡିପାର୍ଟମେଣ୍ଟ ଅଫ୍ ବାୟୋକେମିଷ୍ଟ୍ରି ଆଣ୍ଡ ମଲେକ୍ୟୁଲାର ବାୟୋଲୋଜିର ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ ତଥା ସ୍କୁଲ ଅଫ୍ ଲାଇଫ ସାଇନ୍ସେସର ଡିନ୍ ରୂପେ ଅବସ୍ଥାପିତ ଥିଲେ। ସେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ୨୦୧୨ରୁ ୧୭ ପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ନ୍ୟାଶନାଲ ଏକାଡେମୀ ଅଫ୍ ମେଡିକାଲ ସାଇନସେସ୍ (ଭାରତ), ନ୍ୟାଶନାଲ ଏକାଡେମୀ ଅଫ ସାଇନସେସ୍ ଏବଂ ଇଣ୍ଡିଆନ ସାଇନ୍ସ କଂଗ୍ରେସ ଆସୋସିଏସନର ସଦସ୍ୟ ମଧ୍ୟ ଅଛନ୍ତି।




GOVERNMENT OF ODISHA No. B-279
**OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR**
Mail ID: sepwdsbp@rediffmail.com
**e-Procurement**
BID IDENTIFICATION No. SENC (R&B)/07/2020-21
No. 3018 Dtd. 18.09.2020
1. The **Superintending Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in Double Cover System **in ONLINE MODE** for the construction of **Building Works** as detailed in the DTCN from the eligible class of contractors.
2. No. of Works : 03 (Three) Buildings - 03 Nos.
3. Tender Cost : Rs.10,000/-
4. Class of Contractor : "B" Class, "A" Class & "Special" Class
5. Date & time of available in Website & receipt of Bids : From 30.09.2020 to 17.00 hrs. of 14.10.2020
6. Date of Opening of Technical Bid : 15.10.2020 at 11.00 hours
7. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any Corrigendum/Addendum will be displayed in the website: **www.tendersodisha.gov.in**.

Sd./- (S.N. Acharya), Superintending Engineer
Northern (R&B) Circle, Sambalpur
OIPR-34035/11/0008/2021



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
**NOTICE INVITING TENDER No. 12/OMC/C/CT/2020**
No. CAD-487:- Tender from the registered Civil Contractors are invited having registration of PF, PAN and GST for the below noted works.

| Sl. No. | Name of the Works | Estimated Cost (In lakhs) | Time Period of the Work | Class of Contractor | EMD in D.D. (In Rs.) | Cost of Bid document (Rs.) |
|---|---|---|---|---|---|---|
| 1 | Renovation of Security Barracks in COB Plant, South Kaliapani in the Dist. of Jajpur | 4.98 | One Month | D & C | 4980.00 | 2000.00 + 18% GST |

01. Date & time of Selling of Bids : From Dt.21.09.2020 to Dt.30.09.2020 upto 3.00 P.M.
02. Last date and time of submission of bids at allocated tender Box : Dt.30.09.2020 upto 5.00 P.M.
03. Date & time of Opening of Bid : Dt.01.10.2020 at 11.00 A.M.
04. For the details you may refer D.T.C.N.
05. Tender inviting authority : Sr. Manager (Civil), OMC, Kaliapani

The Odisha Mining Corporation Ltd. reserves the right to reject any or all tenders without assigning any reason thereof.
Sd./- Sr. Manager (Civil), Kaliapani
OIPR-30005/11/0070/2021


## ଗୁଗଲ୍-ଏସ୍‌ବିଆଇ କାର୍ଡ ସହବନ୍ଧନ

ନୂଆଦିଲ୍ଲୀ,୨୧ା୯

ଏସ୍‌ବିଆଇ କାର୍ଡ ପକ୍ଷରୁ ଗୁଗଲ୍ ପେ ସହ ସହବନ୍ଧନ ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା ଏସ୍‌ବିଆଇ କ୍ରେଡିଟ କାର୍ଡଧାରୀ ଗୁଗଲ ପ୍ଲେପ୍ଲାଟ୍‌ଫର୍ମରେ କ୍ରେଡିଟ କାର୍ଡ ବ୍ୟବହାର କରିପାରିବେ। ଏସ୍‌ବିଆଇ କ୍ରେଡିଟ କାର୍ଡ ବ୍ୟବହାରକାରୀମାନେ ସେମାନଙ୍କ ଆଣ୍ଡ୍ରଏଡ ଫୋନ୍‌ରେ ଗୁଗଲ୍ ପେ ଆପ୍‌କୁ ବ୍ୟବହାର କରି ପେମେଣ୍ଟ କରିପାରିବେ। ଗୁଗୁଲ୍ ପେକୁ ୩ଟି ମାଧ୍ୟମରେ ଯଥା ଏନ୍‌ଏଫ୍‌ସିର ପିଓଏସ୍ ଟର୍ମିନାଲରେ ଟ୍ୟାପ୍ ଆଣ୍ଡ ପେ, ମର୍ଚ୍ଚାଣ୍ଟ କିମ୍ବା ଅନ୍‌ଲାଇନ ପେମେଣ୍ଟ ବେଳେ ଭାରତ କ୍ୟୁଆର କୋଡ୍ ସ୍କାନ୍ କରି ବିନା କ୍ରେଡିଟ କାର୍ଡ ବ୍ୟବହାରରେ ସୁରକ୍ଷିତ ଓ ନିରାପଦ ଭାବେ ପେମେଣ୍ଟ କରିପାରିବେ। ଏକ ସୁରକ୍ଷିତ ଓ ଉନ୍ନତ ଗ୍ରାହକ ଅନୁଭୂତି ପାଇଁ ଶୂନ୍ୟ ସ୍ପର୍ଶ ଭିତ୍ତିକ ଡିଜିଟାଲ ମାଧ୍ୟମରେ ମଧ୍ୟ ପେମେଣ୍ଟ ପ୍ରସାର ପାଇଁ ଏସ୍‌ବିଆଇ କାର୍ଡ କରୁଥିବା ଉଦ୍ୟମ ଅନୁସାରେ ଏହି ସୁବିଧାର ଶୁଭାରମ୍ଭ କରାଯାଇଥିବା ଉଭୟ କମ୍ପାନୀ ପକ୍ଷରୁ ସୂଚନା ରହିଛି।

## କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ



ଭୁବନେଶ୍ୱର,୨୧ା୯

କାନାରା ବ୍ୟାଙ୍କ ଭୁବନେଶ୍ୱର, ଅଞ୍ଚଳ କାର୍ଯ୍ୟାଳୟ-୧ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସିଣ୍ଡିକେଟ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ହିନ୍ଦୀ ଦିବସ ସମ୍ପର୍କରେ ମତ ରଖିଥିଲେ। ରାଜଭାଷା ଅଧିକାରୀ ପୂଜା କୁମାରୀ ହିନ୍ଦୀ ଭାଷାର ମହତ୍ତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବ୍ୟାଙ୍କର ସିଇଓ ଏଲ.ବି. ପ୍ରଭାକରଙ୍କ ସନ୍ଦେଶ ପଠନ କରାଯାଇଥିଲା। ବ୍ୟାଙ୍କର ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଅଜୟ କୁମାର ସିଂହ ଏଥିରେ ଅଧକ୍ଷତାରେ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ବାବୁଲାଲ ମୀନା, ମଣ୍ଡଳ ମୁଖ୍ୟ ପ୍ରବୀଣ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ।


**DIRECTORATE OF TECHNICAL EDUCATION & TRAINING, ODISHA**
KILLAMAIDAN, BUXIBAZAR, CUTTACK
**Diploma Admission-2020**
**Notice to 3rd Sem. (Lateral Entry) & 1st Sem./Year (P.C.) Candidates**
**No. KK-25:-** It is brought to the attention of all Physically Challenged (PC) candidates whose applications have been validated during the year 2020-21 and interested for taking admission into 3rd Sem. (Lateral Entry) & 1st Semester/Year Diploma Courses that they will have to appear before the Medical Board at SCB Medical College & Hospital, Mangalabag, Cuttack on **25.09.2020 (Friday)** for 3rd Sem. Lateral Entry and on **28.09.2020 (Monday)** for 1st Sem./Year at 9.30 AM onwards for examination of their medical standard. They will report to the Principal, BOSE, Cuttack by 8.30 AM on the above scheduled date and time for the said purpose. For details of reporting & date wise list of such candidates, please visit **www.samsodisha.gov.in**.
**Sd./- Director of Technical Education & Training, Odisha**
OIPR-14004/11/0015/2021



**IN THE COURT OF AUTHORISED OFFICER-CUM-DIVISIONAL FOREST OFFICER**
**REDHAKHOL DIVISION**
**NOTICE**
**No. MM-71:-** It is for information of all concerned owners of the following seized vehicles along with forest produce which have been seized for their involvement in forest offence i.e. for illegal transportation of forest produce with such vehicles.
Whereas, the seized vehicles along with forest produces have been produced before the undersigned by the concerned Range Officers for initiation of confiscation proceeding under the provision of section 56(2) of Orissa Forest Act, 1972 and basing on the prima facie evidence, confiscation proceeding have been initiated in the court of undersigned. But till date nobody has claimed the ownership over the vehicles as well as the forest produces involved.
It is therefore, brought to the notice of all concerned that the owner of the vehicle may appear before the Undersigned with all relevant documents to prove the ownership within 15 days from the date of publication of this notice failing which the confiscation proceeding will be decided ex parte.
The details of vehicle seized with case No.

| Sl. No. | Type of Vehicle | Regd. No. as per plate fixed | Engine No. | Chassis No. | U.D. Case No. |
|---|---|---|---|---|---|
| 1 | Hero Honda CD Delux M.Cycle | OR-15K-5062 | 07A22E50155 | 07A23F32430 | UD 10N of 2017-18 |
| 2 | Bajaj Discovery M.Cycle | OR-19L-1117 | DSGBNA32887 | MD2DS22NCA5532A | UD 11N of 2017-18 |
| 3 | Bajaj Platina M.Cycle | OR-01N-6519 | 82JX001MF7 | MD2DDD2ZZSPC99084 | UD 12N of 2017-18 |
| 4 | TVS Super XL M.Cycle | OD-19G-8036 | Not visible | MD821BD19F2K30064 | UD 14N of 2017-18 |
| 5 | Tata Magic 4 Wheeler | OR-19H-6253 | LOZS04209 | MAT4451119VN77773 | UD 05R of 2017-18 |
| 6 | Scotty Honda Activa | OD-15D-7393 | JA50E80363388 | HMLO9CM | UD 01M of 2017-18 |
| 7 | Tata 407 | OR-02K-1673 | KO2841563 | 357010A008000361 | UD 13R of 2018-19 |
| 8 | Mahindra Bolero Maxi Truck BS3 | OD-15A-2710 | GLD4C56460 | MAIZP2GLKD3C32985 | UD 15R of 2018-19 |
| 9 | Tata ACE HT | OD-15A-4487 | 27510106EWYSB6005 | MAT4450560ZE42287 | UD 16R of 2018-19 |
| 10 | Tata 407 | OR-05-9921 | Not visible | Not visible | UD 18R of 2018-19 |
| 11 | Mini Truck 407 | OIS-5289 | 257010923852 | 253418173705 | UD 06N of 2018-19 |
| 12 | Hero Honda M.Cycle | OD-15K-8623 | 153697CMGBG | MBLHA10AYD9D00408 | UD 08N of 2018-19 |
| 13 | Tata Magic | OD-15A-9625 | 27881410380281 | Not visible | UD 03G of 2018-19 |
| 14 | Mahindra Commander | OR-15E-7077 | Not visible | Not visible | UD 03BBL of 2019-20 |
| 15 | Tata Magic | OR-17C-6696 | DYY562315 | MAT445222BZD31839 | UD 02N of 2020-21 |
| 16 | Tata Super ACE | OD15B-5553 | 4751DT18LWYSL9424 | Not visible | UD 01C of 2020-21 |
| 17 | Mahindra Max Pick up | OR-24-1601 | AB3IL53095 | MAIZA2AB31L35213 | UD 02C of 2020-21 |
| 18 | Swaraj Tractor Model No. 735 | OR-12A-1194 Trolley No. OR-12A-1195 | 39.1331/SFK07242 | QXTL30605040721 | UD 03G of 2020-21 |

**Sd./- Divisional Forest Officer-cum-Authorized Officer**
**Redhakhol Division**
OIPR-08030/11/0002/2021


## ବ୍ୟାଡ ବ୍ୟାଙ୍କ ସ୍ଥାପନ ନେଇ ରାଜନଙ୍କ ପରାମର୍ଶ

ମୁମ୍ବାଇ,୨୧ା୯

ଘରୋଇ ବଜାରରେ ଅନାଦାୟ ଋଣ (ଏନ୍‌ପିଏ) ବ୍ୟାଙ୍କଗୁଡିକ ଲାଗି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏହି ସମସ୍ୟା ସହ ବ୍ୟାଙ୍କଗୁଡିକ ଜୁଝୁଥିବା ବେଳେ ଏହା ସରକାରଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। କାରଣ ଏନ୍‌ପିଏ ଯୋଗୁ ବ୍ୟାଙ୍କଗୁଡିକର ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଭଳି ସ୍ଥିତିକୁ ସମ୍ଭାଳିବା ଲାଗି ଦେଶ ମଧ୍ୟରେ ବ୍ୟାଡ୍ ବ୍ୟାଙ୍କ ସ୍ଥାପନ କରିବା ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ସରକାରଙ୍କୁ ସୋମବାର ପରାମର୍ଶ ଦେଇଛନ୍ତି। ସେହିଭଳି କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଘରୋଇକରଣ କରିବା ଏବଂ ଆର୍ଥିକ ସେବା ବିଭାଗର ଭୂମିକାକୁ ହ୍ରାସ କରିବା ଦିଗରେ ମଧ୍ୟ ମତ ରଖିଛନ୍ତି।

ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଅଭିବୃଦ୍ଧି ଲାଗି ସଂସ୍କାର ଧାରା ଗ୍ରହଣ କରିବା ଆବଶ୍ୟକତା ରହିଛି ବୋଲି 'ଇଣ୍ଡିଆନ ବ୍ୟାଙ୍କସ:ଏ ଟାଇମ୍ ଟୁ ରିଫର୍ମ ?' ନାମକ ଏକ ପେପରରେ ଏଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୁରୁତ୍ୱାରୋପ କରାଯାଇଛି। ଏହି ପେପରକୁ ରାଜନ ଏବଂ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ପ୍ରସ୍ତୁତ କରିଛନ୍ତି। ପେପରରେ କୁହାଯାଇଛି ଯେ, ଆର୍ଥିକ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ନିପୁଣ ରହିଥିବା ଘରୋଇ କ୍ଷେତ୍ର ନିବେଶକଙ୍କୁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସୁଯୋଗ ଦିଆଯାଇ ପାରିବ।

କେବଳ ଋଣ ପ୍ରଦାନ କରିବା ଲାଗି ବ୍ୟାଙ୍କଗୁଡିକ ନିର୍ଦ୍ଦେଶ ନ ଦେଇ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଫାଇନାନ୍ସ ଭିତ୍ତିଭୂମି ଗଠନ ଏବଂ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହନ ଏବଂ କେତେକ କ୍ଷେତ୍ରରେ ବିଭିନ୍ନ ନିୟନ୍ତ୍ରଣ ପଦକ୍ଷେପ ଜାରି କରିବାକୁ ବ୍ୟାଙ୍କଗୁଡିକୁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ସେହିଭଳି ଘରୋଇ ସମ୍ପତ୍ତି ପରିଚାଳନା ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା କରିବା ଲାଗି 'ବ୍ୟାଡ୍ ବ୍ୟାଙ୍କ'କୁ ଉତ୍ସାହିତ କରିବା ଲାଗି ପେପରରେ ଗୁରୁତ୍ୱାରୋପ କରାଯାଇଛି।


**OFFICE OF THE NOTIFIED AREA COUNCIL, BINKA**
Dist.: Subarnapur, PIN - 767019
E-mail ID: nacbinka@gmail.com, Phone/Fax: 06654-241113
E-Tender Call Notice No. 1748/21.09.2020
**Tender Reference No. BINKA-NAC-01/2020-21**
Bid documents consisting of Work, Estimated Cost, Cost of Tender Paper, EMD, time of Completion, Class of Contractors and the set of terms and conditions, of contract and other necessary documetns can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1 | Type of the Work | : | Civil Work |
| 2 | No. of Works | : | 02 Nos. |
| 3 | Estimated Cost | : | As per DTCN |
| 4 | Period of Completion | : | As per DTCN |
| 5 | Date & Time of Bidding from | : | Dtd.22.09.2020 after 10.00 A.M. |
| 6 | Last date & time for receipt online | : | Dtd. 29.09.2020 upto 05.00 P.M. |
| 7 | Documents will be received by Post/O/o. Executive Officer on or before | : | Dtd. 05.10.2020 upto 05.30 P.M. |
| 8 | Bids received shall be opened on | : | Dtd.06.10.2020 at 11.00 A.M. |
| 9 | Name and address of the Officer Inviting Bid | : | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.
**Sd./- Executive Officer**
**Notified Area Council, Binka**

# ପଡିକାଲ, ଡିଭିଲର୍ସଙ୍କ ଅର୍ଦ୍ଧଶତକ

**ଆଇପିଏଲ୍-୨୦୨୦**

ଦୁବାଇ, ୨୧ା୯

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ସୋମବାର ଅନୁଷ୍ଠିତ ସନ୍ ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୫ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଛି। ଦେବଦତ୍ତ ପଡିକାଲ ଓ ଏବି ଡିଭିଲର୍ସଙ୍କ ଅର୍ଦ୍ଧଶତକ ଏହି ଇନିଂସର ଆକର୍ଷଣ ଥିଲା।

### ପଦାର୍ପଣରେ ପଡିକାଲଙ୍କ ଚମକ

ହାଇପ୍ରୋଫାଇଲ ଆଇପିଏଲ ପଦାର୍ପଣରେ ଚମକ ସୃଷ୍ଟି କରିଥିଲେ ଯୁବ ଓପନର ଦେବଦତ୍ତ ପଡିକାଲ। ସନ୍‌ରାଇଜର୍ସର ଅଭିଜ୍ଞ ବୋଲରଙ୍କ ବିରୋଧରେ ଚମତ୍କାର ଖେଳିବା ସହ ମାତ୍ର ୩୬ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ କେରଳର ଏହି ୨୦ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ। ଅଭିଜ୍ଞ ଅଷ୍ଟ୍ରେଲୀୟ ଖେଳାଳି ଆରୋନ ଫିଞ୍ଚଙ୍କ ସହ ସେ ଓପନିଂ ଯୋଡ଼ିରେ ୬୬ ବଲ୍‌ରୁ ୯୦ ରନ ଯୋଗ କରିବାପରେ ବିଜୟ ଶଙ୍କରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ୪୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପଡିକାଲ ମୋଟ ୫୬ ରନ କରି ବିଜୟ ଶଙ୍କରଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଭଲ ଆରମ୍ଭ କରିଥିଲେ ହେଁ ଫିଞ୍ଚ୍ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୨୭ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୨୯ ରନ କରି ପାରିଥିଲେ। ଅଧିନାୟକ ବିରାଟ କୋହଲି ମାତ୍ର ୧୪(୧୩ ବଲ୍)ରେ ଆଉଟ ହେବା ରୟାଲ ଚ୍ୟାଲେଞ୍ଜର୍ସ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। କୋହଲିଙ୍କୁ ରଶିଦ ଖାଁଙ୍କ ହାତରେ କ୍ୟାଚ କରାଇ ବଡ଼ ଅନୁଭୂତି ଲାଭ କରିଥିଲେ ବାମହାତୀ ପେସର ଟି. ନଟରାଜନ। ଅଧିନାୟକଙ୍କ ଶୀଘ୍ର ବିଦାୟ ଫଳରେ ଦଳର ବଡ଼ ସ୍କୋର ଆଶା ମଉଳିଥିଲା। ତେବେ ଏବି ଡିଭିଲର୍ସ ସ୍ୱାଭାବିକ ଢଙ୍ଗରେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିବାରୁ ଦଳ ୧୬୩ ରନର ଏକ ସମ୍ମାନ ଜନକ ସ୍କୋର କରି ପାରିଥିଲା। ୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏବି ୪ ଚୌକା ଓ ୨ ଛକା ସହାୟତାରେ ୫୧ ରନ ସ୍କୋର କରିଥିଲେ। ଭୁବନେଶ୍ୱର କୁମାର ତଥା ଇନିଂସର ଅନ୍ତିମ ଓଭରର ୩ୟ ବଲ୍‌ରେ ୨ ରନ ନେବାକୁ ଯାଇ ରନଆଉଟ ହୋଇଯାଇଥିଲେ ଏହି ଦକ୍ଷିଣ ଆଫ୍ରିକୀୟ ଖେଳାଳି। ଶିବମ୍ ଦୁବେଙ୍କ ବ୍ୟାଟ୍‌ରେ ବଲ୍ ଠିକ୍‌ଭାବେ ସଂଯୋଗ ହୋଇ ନ ଥିଲା। ଶେଷ ଭାଗରେ ବଡ଼ ଶଟ୍ ଆବଶ୍ୟକ ହେଉଥିବାବେଳେ ସେ ୮ ବଲ୍ ଖେଳି ମାତ୍ର ୭ ରନ କରିବାକୁ ସକ୍ଷମ ହୋଇଥିଲେ। ୨୦ତମ ଓଭରର ଅନ୍ତିମ ବଲ୍ ସହ ବ୍ୟାଟ୍ ବାଜି ନ ଥିଲେ ହେଁ ସେ ରନ୍ ନେବାକୁ ଚେଷ୍ଟା କରିଥିଲେ। ତେବେ ନନ୍ ଷ୍ଟ୍ରାଇକର ଜୋଶ୍ ଫିଲିପ୍ ଆଗ୍ରହ ଦେଖାଇ ନ ଥିଲେ। ଫଳରେ ଶିବମ୍‌ଙ୍କୁ ଉଇକେଟ କିପର ଜନି ବେୟାରଷ୍ଟୋ ରନଆଉଟ କରି ଦେଇଥିଲେ। ପ୍ରତିପକ୍ଷ ଅଧିନାୟକ ଡେଭିଡ ୱାର୍ନର ୭ ବୋଲରଙ୍କୁ ଆକ୍ରମଣରେ ଲଗାଇଥିଲେ। ସେମାନଙ୍କ ମଧ୍ୟରୁ ନଟରାଜନ, ବିଜୟ ଶଙ୍କର ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ହାସଲ ଅବସରରେ ଦେବଦତ୍ତ ପଡିକାଲ।



ବିରାଟ କୋହଲିଙ୍କ ଉଇକେଟ ନେବା ପରେ ଟି.ନଟରାଜନ (ମଝି)।

### ମିଚେଲ ମାର୍ଶ ଆହତ

ମ୍ୟାଚରେ ବୋଲିଂ ଅବସରରେ ଆହତ ହୋଇଛନ୍ତି ସନ୍‌ରାଇଜର୍ସର ଅଷ୍ଟ୍ରେଲିଆନ ବୋଲର ମିଚେଲ ମାର୍ଶ। ବାଙ୍ଗାଲୋର ଇନିଂସର ୫ମ ଓଭରରେ ଫଲୋଥ୍ରୁରେ ବଲ୍ ରୋକିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କ ଗୋଇଠି ମକଚି ହୋଇଯାଇଥିଲା। ଫଳରେ ସେ ତତ୍କ୍ଷଣାତ ପଡ଼ିଆ ଛାଡ଼ିଥିଲେ। ସେ ମାତ୍ର ୪ଟି ବଲ୍ ପକାଇଥିବାରୁ ଅବଶିଷ୍ଟ ୨ଟି ବଲ୍ ପକାଇ ବିଜୟ ଶଙ୍କର ଓଭର ପୂରଣ କରିଥିଲେ। ପରେ ମିଚେଲ ଆଉ ପଡ଼ିଆକୁ ଓହ୍ଲାଇ ନ ଥିଲେ।

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୩/୫(ପଡିକାଲ-୫୬, ଡିଭିଲର୍ସ-୫୧, ଫିଞ୍ଚ୍-୨୯, ନଟରାଜନ-୧/୩୪, ବିଜୟ ଶଙ୍କର-୧/୧୪, ଅଭିଷେକ-୧/୧୬)।

# ଟ୍ରେନିଂକୁ ଫେରିଲେ ଋତୁରାଜ

**ଦୁବାଇ, ୨୧ା୯ (ପି.ଟି.)**–ଦୁଇ ବାଧ୍ୟତାମୂଳକ କୋଭିଡ୍-୧୯ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବା ପରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବ୍ୟାଟ୍ସମ୍ୟାନ ଋତୁରାଜ ଗାଏକ୍‌ୱାଡ୍ ଟ୍ରେନିଂକୁ ଫେରିଛନ୍ତି। ମହାରାଷ୍ଟ୍ରର ଏହି ୨୩ ବର୍ଷୀୟ କ୍ରିକେଟର କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ହେବାରୁ ଦୁଇ ସପ୍ତାହ ପାଇଁ କ୍ୱାରାଣ୍ଟାଇନ୍‌ରେ ଥିଲେ। ସିଏସ୍‌କେ ଶନିବାର ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଖେଳିଛି। ଋତୁରାଜ ଏହି ମ୍ୟାଚ ଖେଳିପାରି ନ ଥିଲେ। ତେବେ ମଙ୍ଗଳବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ସେ ଖେଳିପାରିବେ। ସୂଚନାଯୋଗ୍ୟ, ସିଏସ୍‌କେର ୧୩ ଜଣ ସଦସ୍ୟ କରୋନା ସଂକ୍ରମିତ ହୋଇଥିଲେ। ଏମାନଙ୍କ ମଧ୍ୟରେ ଦୁଇଜଣ ଖେଳାଳି ଗାଏକ୍‌ୱାଡ ଓ ଦୀପକ ଚହର ଥିଲେ। ଚହର ଓ ଅନ୍ୟ ୧୧ଜଣଙ୍କ ସହ ଶୀଘ୍ର ସୁସ୍ଥ ହୋଇ ଟ୍ରେନିଂକୁ ଫେରିଥିଲେ ଏବଂ ଓପନିଂ ମ୍ୟାଚ ଖେଳିଥିଲେ। କିନ୍ତୁ ଗାଏକ୍‌ୱାଡ ଦୁବାଇରେ ସ୍ୱତନ୍ତ୍ର ଭାବେ ଏକ କ୍ୱାରାଣ୍ଟାଇନ ସେଣ୍ଟରରେ ଆଇସୋଲେଶନରେ ରହିଥିଲେ।

**ଜନ୍ମବାର୍ଷିକୀ ଶୁଭେଚ୍ଛା**



(କ୍ରିଷ୍ଣା)
**ସୂର୍ଯ୍ୟାଂଶୁ ବାରିକ**
ରାମଚନ୍ଦ୍ରପୁର ବଜାର, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
–:ଶୁଭେଚ୍ଛା ସହ:–
ବାବା, ମାମା, ବାପା, ବୋଉ, ପିଉସା ଏବଂ ପିଉସୀମାନେ, ରିଙ୍କୁ ଭାଇ, ଚିଟୁନ୍ ଭାଇ, ରୁପୁ ଭାଇ, ମାମାଲି ଦିଦି, ମାମୁ, ଆଈ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୬୯୭୫୭

# 'ଶର୍ଟ ରନ' କଲ୍ ବିରୋଧରେ ପଞ୍ଜାବର ଆବେଦନ

ଦୁବାଇ, ୨୧ା୯(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚର ଘଡ଼ିସନ୍ଧି ମୁହୂର୍ତ୍ତରେ ଅମ୍ପାୟର ନୀତିନ ମେନନଙ୍କ ବିବାଦୀୟ 'ଶର୍ଟ ରନ' କଲ୍ ବିରୋଧରେ ଆବେଦନ କରିଛି କିଙ୍ଗ୍ସ ଇଲେଭେନ ପଞ୍ଜାବ। ତ୍ରୁଟିଶୂନ୍ୟ ଫଳାଫଳ ପାଇଁ ଅଧିକ ଟେକ୍ନୋଲୋଜିର ସହାୟତା ନେବା ସପକ୍ଷରେ ପୂର୍ବତନ ଖେଳାଳିମାନେ ମତବ୍ୟକ୍ତ କରିଛନ୍ତି। ସୁପର ଓଭର ପୂର୍ବରୁ ଟିଭି ଫୁଟେଜରୁ ଜଣାପଡ଼ିଥିଲା ଯେ, କାଗିଶୋ ରାବାଡ଼ା ବୋଲିଂ କରିଥିବା ୧୯ତମ ଓଭରର ତୃତୀୟ ବଲ୍‌ରେ ମୟଙ୍କ ଅଗ୍ରୱାଲ ୨ ରନ ନେବାକୁ ଉଦ୍ୟମ କରିଥିବାବେଳେ କ୍ରିସ୍ ଜୋର୍ଡାନଙ୍କ ରନ୍‌କୁ ଅମ୍ପାୟର ମେନନ ତ୍ରୁଟିପୂର୍ଣ୍ଣଭାବେ 'ଶର୍ଟ ରନ୍' କଲ୍ କରିଥିଲେ। ମାତ୍ର ରନ ନେବା ଅବସରରେ ଜୋର୍ଡାନଙ୍କ ବ୍ୟାଟ୍ କ୍ରିଜ୍‌ର ସମ୍ପୂର୍ଣ୍ଣ ଭିତରେ ଥିବା ଟିଭି ଫୁଟେଜରୁ ସ୍ପଷ୍ଟ ହୋଇଥିଲା। ମେନନଙ୍କ ନିଷ୍ପତ୍ତି ଅନୁସାରେ ଅଗ୍ରୱାଲଙ୍କ ସ୍କୋର ଏବଂ ପଞ୍ଜାବର ମୋଟ ସ୍କୋରରେ ମାତ୍ର ୧ ରନ ଯୋଗ ହୋଇଥିଲା। କଲ୍‌ରେ ତ୍ରୁଟିଥିବା ଜଣା ପଡ଼ିଥିଲେ ହେଁ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇ ନ ଥିଲା। ଫଳରେ ଅନ୍ତିମ ଓଭରରେ ପଞ୍ଜାବ ପାଇଁ ୧୩ ରନର ବିଜୟ ଲକ୍ଷ୍ୟ ରହିଥିଲା। ଅଗ୍ରୱାଲ ୧୨ ରନ ନେବାରୁ ମ୍ୟାଚ ଟାଇ ହୋଇଯାଇଥିଲା। ମୋଟ ସ୍କୋରରେ ଯଦି ସେହି ରନ୍‌ଟି ଯୋଗ ହୋଇଥାନ୍ତା ତେବେ ପଞ୍ଜାବ ୩ ବଲ୍ ବାକିଥାଇ ବିଜୟ ହାସଲ କରିଥାନ୍ତା। ମ୍ୟାଚ ସୁପର ଓଭରକୁ ଯାଇ ନ ଥାନ୍ତା କି ପଞ୍ଜାବ ପରାଜିତ ହୋଇ ନ ଥାନ୍ତା। ''ଆମେ ମ୍ୟାଚ ରେଫରିଙ୍କ ନିକଟରେ ଆବେଦନ କରିଛୁ। ଜଣେ ମଣିଷ ପକ୍ଷରେ ତ୍ରୁଟି ହେବା ସ୍ୱାଭାବିକ। ମାତ୍ର ଆଇପିଏଲ୍ ପରି ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ଏପରି ତ୍ରୁଟିର ସ୍ଥାନ ନାହିଁ। ଏହି ଏକ ରନ ଆମକୁ ପ୍ଲେ-ଅଫ୍‌ରୁ ବଞ୍ଚିତ କରିପାରେ'' ବୋଲି କିଙ୍ଗ୍ସ ଇଲେଭେନ ପଞ୍ଜାବ ସିଇଓ ସତୀଶ ମେନନ ପ୍ରକାଶ କରିଛନ୍ତି।

ଆଇପିଏଲ୍ ନିୟମ ଅନୁସାରେ ଅମ୍ପାୟରଙ୍କ ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ ଜଣାପଡ଼ିଲେ ହେଁ ତାହା ଚୂଡ଼ାନ୍ତ। ଏଥିରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ତେଣୁ ପଞ୍ଜାବ ଦଳର ଆବେଦନରେ ଫଳାଫଳରେ ପରିବର୍ତ୍ତନ ସମ୍ଭାବନା ନାହିଁ।



ରନ୍ ନେବା ଅବସରରେ କ୍ରିସ୍ ଜୋର୍ଡାନ୍।

### ଅମ୍ପାୟରଙ୍କୁ ପୂର୍ବତନ ଖେଳାଳିଙ୍କ ସମାଲୋଚନା

ପୂର୍ବତନ ଅଷ୍ଟ୍ରେଲିଆ ଅଲରାଉଣ୍ଡର ଟମ୍ ମୁଡୀଙ୍କ କହିବା ଅନୁସାରେ ଯଦି ଟେକ୍ନୋଲୋଜିରୁ ଗେମ୍‌କୁ ଫାଇଦା ମିଳୁଛି ତେବେ ନିୟମରେ ପରିବର୍ତ୍ତନ ହେବା ଆବଶ୍ୟକ। ଦୁର୍ଭାଗ୍ୟଜନକଭାବେ ଏପରି ଘଟଣାକୁ ଏଡ଼ାଇବା ପାଇଁ ବ୍ୟବସ୍ଥା ହେବା ଉଚିତ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏପରିସ୍ଥିତିରେ ତୃତୀୟ ଅମ୍ପାୟର ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ସଞ୍ଜୟ ମଞ୍ଜରେକର ପ୍ରକାଶ କରିଛନ୍ତି। କ୍ରିକେଟରରୁ ଭାଷ୍ୟକାର ହୋଇଥିବା ଆକାଶ ଚୋପ୍ରା ମଧ୍ୟ ଅମ୍ପାୟରିଂକୁ ସମାଲୋଚନା କରିଛନ୍ତି। ନ୍ୟାର୍ଯ୍ୟ ଫଳାଫଳ ପାଇଁ ଟେକ୍ନୋଲୋଜିର ବ୍ୟବହାର ନିହାତି ଜରୁରୀ ବୋଲି ସେ କହିଛନ୍ତି। ତ୍ରୁଟିହୀନ ଫଳାଫଳ ପାଇଁ ନିୟମରେ ପରିବର୍ତ୍ତନ ଆବଶ୍ୟକ ବୋଲି ପଞ୍ଜାବ ଦଳର ସହ ମାଲିକ ତଥା ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା ଟୁଇଟ୍ କରିଛନ୍ତି। ବିଜୟ କିମ୍ବା ପରାଜୟ କ୍ଷେତ୍ରରେ ମୁଁ ସର୍ବଦା ଖେଳୁଆଡ଼ ମନୋଭାବକୁ ବିଶ୍ୱାସ କରିଥାଏ। ତେବେ ଭବିଷ୍ୟତରେ ଗେମ୍‌ରେ ଉନ୍ନତି ପାଇଁ ନୀତିରେ ପରିବର୍ତ୍ତନ ମଧ୍ୟ ଆବଶ୍ୟକ। ଯାହା ହୋଇଗଲା ତାହା ଅତୀତ, ଏବେ ସକାରାତ୍ମକ ଚିନ୍ତାରେ ଆଗକୁ ବଢ଼ିବାର ଅଛି'' ବୋଲି ସେ ଟୁଇଟ୍ କରିଛନ୍ତି। ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ସେହ୍ୱାଗ ଏପରି ଏକ କଲ୍ ପାଇଁ ଅମ୍ପାୟରଙ୍କୁ ସମାଲୋଚନା କରିଛନ୍ତି। ପୂର୍ବତନ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ସ୍କଟ୍ ଷ୍ଟାଇରିସ ଏହାକୁ ଅତି ଖରାପ ନିଷ୍ପତ୍ତି ବୋଲି ମତବ୍ୟକ୍ତ କରିଛନ୍ତି।

# ସୁପର ଓଭରରେ ଜିତିଲା ଦିଲ୍ଲୀ କ୍ୟାପିଟାଲ୍ସ

ଦୁବାଇ,୨୧ା୯(ପି.ଟି.)

ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସୁପର ଓଭରରେ କିଙ୍ଗ୍ସ ଏକାଦଶ ପଞ୍ଜାବକୁ ପରାସ୍ତ କରିଛି। ଏହି ରୋମାଞ୍ଚକ ମ୍ୟାଚରେ ଟସ୍‌ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ୨୦ ଓଭରରେ ୮ ଉଇକେଟ ହରାଇ ସମାନ ୧୫୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଏହାପରେ ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କାଗିସୋ ରାବାଡାଙ୍କୁ ସାମ୍ନା କରି ୨ ଉଇକେଟ ହରାଇ ୨ ରନ କରିଥିଲା। ଜବାବରେ ଦିଲ୍ଲୀ ମହମ୍ମଦ ସାମିଙ୍କର ସମ୍ମୁଖୀନ ହୋଇ ଦ୍ୱିତୀୟ ବଲରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପଛରେ ବ୍ୟାଟିଂ କରିଥିବା ପଞ୍ଜାବ ତରଫରୁ ମୟଙ୍କ ଅଗ୍ରୱାଲ ୬୦ ବଲରୁ ୭ ଚୌକା ଓ ୪ ଛକା ସହ ୮୯ ରନ ସଂଗ୍ରହ କରି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ଦିଲ୍ଲୀ ସୁପର ଓଭରରେ ବାଜିମାରିଥିଲା।

### ସଂକ୍ଷିପ୍ତ ସ୍କୋର:

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୭/୮ (ଷ୍ଟୋଇନିସ୍- ୫୩, ଆୟାର- ୩୯, ପନ୍ତ- ୩୧, ସାମି- ୩/୧୫, କଟ୍ରେଲ- ୨/୨୪, ବିଷ୍ଣୋଇ- ୧/୨୨)।

କିଙ୍ଗ୍ସ ଏକାଦଶ ପଞ୍ଜାବ ୨୦ ଓଭରରେ ୧୫୭/୮ (ଅଗ୍ରୱାଲ- ୮୯, ରାହୁଲ- ୨୧, ଗୋଥାମ- ୨୦, ଅକ୍ଷର- ୧/୧୪, ଅଶ୍ୱିନ- ୨/୨, ରାବାଡା- ୨/୨୮, ମୋହିତ- ୧/୪୫, ଷ୍ଟୋଇନିସ୍- ୨/୨୯ )।

# ଚେନ୍ନାଇ ବିପକ୍ଷରେ ରୟାଲ୍ସ ଅଣ୍ଡରଡଗ୍

ଶାରଜା, ୨୧ା୯

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ମଙ୍ଗଳବାର ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ଉଇକେଟରେ ହରାଇ ଚେନ୍ନାଇ ଅଭିଯାନ ଆରମ୍ଭ କରି ସାରିଥିବାବେଳେ ରାଜସ୍ଥାନ ପାଇଁ ଏହା ହେବ ପ୍ରଥମ ମ୍ୟାଚ। ମହେନ୍ଦ୍ର ସିଂ ଧୋନୀଙ୍କ ସୁପରକିଙ୍ଗ୍ସ ବିପକ୍ଷରେ ଆଗାମୀ ମ୍ୟାଚ ପାଇଁ ରୟାଲ୍ସ ଅଣ୍ଡରଡଗ୍(ଅପେକ୍ଷାକୃତ ଦୁର୍ବଳ) ବିବେଚିତ ହେଉଛି। ରାଜସ୍ଥାନ ଦଳରେ ବେନ୍ ଷ୍ଟୋକ୍ସ ଯୋଗଦେଇ ପାରି ନାହାନ୍ତି। ବାପା ଅସୁସ୍ଥ ଥିବାରୁ ସେ ଗତ କିଛିଦିନଧରି କ୍ରିକେଟରୁ ଦୂରେଇ ରହିଛନ୍ତି। ତେଣୁ ଆଇପିଏଲ୍‌ର ପ୍ରଥମାର୍ଦ୍ଧରେ ଖେଳିବା ସମ୍ଭାବନା କମ୍। ଏପରି ସ୍ଥିତିରେ ଟୁର୍ନାମେଣ୍ଟର ପ୍ରଥମାର୍ଦ୍ଧରେ ଦଳପାଇଁ ସନ୍ତୁଳନ ବଜାୟ ରଖିବା କଷ୍ଟକର ହୋଇ ପଡ଼ିଛି। ତେବେ ଅଧିନାୟକ ଷ୍ଟିଭ୍ ସ୍ମିଥ କନକସନ(ମୁଣ୍ଡରେ ଆଘାତ ଜନିତ ସମସ୍ୟା) ଟେଷ୍ଟରେ ପାସ୍ କରିବା ଦଳପାଇଁ ଆଶ୍ୱସ୍ତିକର ହୋଇଛି। ଅତିକମ୍‌ରେ ରୟାଲ୍ସ ବିନା ଲଢ଼େଇରେ ହାର ମାନିବ ନାହିଁ ବୋଲି ନିଶ୍ଚିତ ହୋଇଛି। ଆବୁଧାବିରେ ଉଦ୍‌ଘାଟନୀ ଏବଂ ଦୁବାଇରେ ୨ଟି ମ୍ୟାଚ ପରେ ଚଳିତ ଆଇପିଏଲରେ ଶାରଜାରେ ଏହା ହେବ ପ୍ରଥମ ମ୍ୟାଚ। ବାଧ୍ୟତାମୂଳକ ୩୬ ଘଣ୍ଟିଆ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ତାଙ୍କ ଅନୁପସ୍ଥିତି ଟପ୍ ଅର୍ଡର ଉପରେ ପ୍ରଭାବ ପକାଇବ। ଇଂଲଣ୍ଡ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର, ଅଲରାଉଣ୍ଡର ଟମ୍ କୁରାନ, ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର ଓ ଅଷ୍ଟ୍ରେଲିଆନ ପେସର ଆଣ୍ଡ୍ରୁ ଟାଇଙ୍କ ଉପସ୍ଥିତି ଅନେକ ଗୁରୁତ୍ୱ ବହନ କରିବ। ସଞ୍ଜୁ ସାମସନ, ରବିନ ଉଥପ୍ପା, ଜୟଦେବ ଉନାଡକଟ୍ ଓ ବରୁଣ ଆରୋନଙ୍କ ପରି ଭାରତୀୟ କୋର୍ ଖେଳାଳିମାନେ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରି ନ ପାରିବା ଦଳପାଇଁ ଚିନ୍ତାର କାରଣ ହୋଇଛି। ପଡ଼ିଆର ଆକାର ଓ ସର୍ଫେସ ଦୃଷ୍ଟିରୁ ଶାରଜା ପିଚ୍‌ରେ ବୋଲରମାନେ ଭିନ୍ନ ଧରଣର ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଦୁବାଇ ଓ ଆବୁଧାବି ତୁଳନାରେ ଶାରଜା ଗ୍ରାଉଣ୍ଡ ଭିନ୍ନ ହୋଇଥିବାରୁ ଏଠାରେ ବଡ଼ ସ୍କୋର ହେବା ସମ୍ଭାବନା ରହିଛି ବୋଲି ମ୍ୟାକ୍‌ଲୋନାଲ୍ଡ କହିଛନ୍ତି। ଡ୍ୱେନ ବ୍ରାଭୋ ଆହତ ଥିବାରୁ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସାମ୍ କୁରାନଙ୍କୁ ଉପଯୋଗ କରି ସଫଳ ହୋଇଛନ୍ତି। ଅଲରାଉଣ୍ଡ ପ୍ରଦର୍ଶନ କରି ସାମ୍ ମୁମ୍ବାଇ ବିପକ୍ଷ ମ୍ୟାଚରେ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବ୍ରାଭୋ ଆଉ କେତୋଟି ମ୍ୟାଚ ମିସ୍ କରିବା ସ୍ପଷ୍ଟ ହୋଇଛି। ଅମ୍ବାତି ରାୟୁଡୁ ଓ ଫାଫ୍ ଡୁପ୍ଲେସି ଆକ୍ରମଣାତ୍ମକ ଖେଳି ରନ ଚେଜ୍‌ରେ ସଫଳ ହୋଇଛନ୍ତି। ସ୍ପିନର ପୀୟୁଷ ଚାୱଲା ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଇନିଂସର ଅନ୍ତିମ ଓଭରରେ ବୋଲିଂ ଅବସରରେ ଦୀପକ ଚହର ପାଦରେ ଆଘାତ ପାଇଛନ୍ତି। ସେ ଫିଟ୍ ନ ହେଲେ ଶାର୍ଦ୍ଦୁଳ ଠାକୁର ଖେଳିବେ।

### କନକସନ ଟେଷ୍ଟରେ ସ୍ମିଥ୍ ପାସ୍

ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପୂର୍ବରୁ ମାଞ୍ଚେଷ୍ଟରଠାରେ ଅଭ୍ୟାସ ସେସନରେ ସ୍ମିଥ ମୁଣ୍ଡରେ ଆଘାତ ପାଇଥିଲେ। ଫଳରେ ସେ ସମ୍ପୂର୍ଣ୍ଣ ସିରିଜ ମିସ୍ କରିଥିଲେ। ଏଠାରେ ପହଞ୍ଚିବାପରେ ପ୍ରୋଟୋକଲ ଅନୁସାରେ ସେ ଏକାଧିକଥର କନ୍‌କସନ ଟେଷ୍ଟ ଦେବାପରେ ଆଗାମୀ ମ୍ୟାଚ ପାଇଁ ପ୍ରସ୍ତୁତ ହୋଇଛନ୍ତି। ସ୍ମିଥ୍ ଏଠାରେ ପହଞ୍ଚିବାପରେ ଭଲଭାବେ ବିଶ୍ରାମ ନେଇଛନ୍ତି। ପ୍ରୋଟୋକଲ ଅନୁସାରେ ରନିଂପରେ କୌଣସି ଅସୁବିଧା ଅନୁଭବ ନ କରିବାରୁ ମ୍ୟାଚ ପାଇଁ ଫିଟ୍ ହୋଇଛନ୍ତି ବୋଲି ରାଜସ୍ଥାନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ସୋମବାର ସ୍ମିଥ ନେଟ୍ସରେ ସମୟ କଟାଇବାପରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ ମଧ୍ୟ ସ୍ମିଥ୍‌ଙ୍କ ଉପସ୍ଥିତିରେ ଆଶ୍ୱସ୍ତ ହୋଇଛନ୍ତି। ''ଆମ ପାଇଁ ଏହା ବଡ଼ ଖୁସି ଖବର। ଇଂଲଣ୍ଡରେ ସେ ଆହତ ହେବାପରେ ଆମେ ଆଶଙ୍କାରେ ଥିଲୁ। ପ୍ରଥମ ମ୍ୟାଚରେ ଅଧିନାୟକଙ୍କ ଉପସ୍ଥିତି ନିଶ୍ଚିତ ଦଳର ମନୋବଳ ବଢ଼ାଇବ'' ବୋଲି ମ୍ୟାକ୍‌ଡୋନାଲ୍ଡ କହିଛନ୍ତି। ଜୋସ୍ ବଟଲର ପ୍ରଥମ ମ୍ୟାଚରେ ଖେଳିପାରିବେ ନାହିଁ। ଏହି ଇଂଲଣ୍ଡ ବ୍ୟାଟ୍ସମ୍ୟାନ ପରିବାର ସହିତ ସ୍ୱତନ୍ତ୍ର ଭାବେ ଆସିଥିବାରୁ ଦୁବାଇରେ



ଷ୍ଟିଭ୍ ସ୍ମିଥ୍

**ଆଇପିଏଲ୍**
**(ମଙ୍ଗଳବାର ମ୍ୟାଚ)**
ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ
**ସ୍ଥାନ:** ଶାରଜା, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

ରାଜସ୍ଥାନ ରୟାଲ୍ସ: ଷ୍ଟିଭ୍ ସ୍ମିଥ(ଅଧିନାୟକ), ମହୀପାଲ ଲାମରୋର, ମନନ ଭୋରା, ରିୟାନ ପରାଗ, ରବିନ ଉଥପ୍ପା, ଡେଭିଡ୍ ମିଲର, ଅଙ୍କିତ ରାଜପୁତ, ମୟଙ୍କ ମାର୍କଣ୍ଡେ, ଜୋଫ୍ରା ଆର୍ଚର, ଶ୍ରେୟାସ ଗୋପାଲ, ବରୁଣ ଆରୋନ, ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗୀ, ଆକାଶ ସିଂ, ଓଶାନେ ଥୋମାସ, ଆଣ୍ଡ୍ରୁ ଟାଇ, ବେନ୍ ଷ୍ଟୋକ୍ସ, ରାହୁଲ ଟେୱାଟିଆ, ଶଶାଙ୍କ ସିଂ, ଯଶସ୍ୱୀ ଜୟସ୍ୱାଲ, ଅନିରୁଦ୍ଧ ଜୋଷୀ, ଟମ୍ କୁରାନ, ଜୋସ୍ ବଟଲର, ସଞ୍ଜୁ ସାମସନ, ଅନୁଜ ରାୱତ।

ଚେନ୍ନାଇ ସୁପରକିଙ୍ଗ୍ସ: ମହେନ୍ଦ୍ର ସିଂ ଧୋନୀ(ଅଧିନାୟକ), ଏନ. ଜଗଦୀଶନ, ଋତୁରାଜ ଗାଏକ୍‌ୱାଡ, କେ. ଏମ. ଅସିଫ, ରବୀନ୍ଦ୍ର ଜାଡେଜା, ମୁରଲୀ ବିଜୟ, ଜୋଶ ହାଜେଲଉଡ୍, କେଦାର ଯାଦବ, କର୍ନ ଶର୍ମା, ପୀୟୁଷ ଚାୱଲା, ଅମ୍ବାତି ରାୟୁଡୁ, ଇମ୍ରାନ ତାହିର, ଦୀପକ ଚହର, ଫାଫ୍ ଡୁ ପ୍ଲେସି, ଶାର୍ଦ୍ଦୁଳ ଠାକୁର, ମିଚେଲ ସାଣ୍ଟନର, ଡ୍ୱେନ ବ୍ରାଭୋ, ଲୁଙ୍ଗି ଏନ୍‌ଗିଡି, ସାମ୍ କୁରାନ, ମୋନୁ କୁମାର, ଶେନ ୱାଟସନ, ସାଇ କିଶୋର।

# କିମ୍ବଦନ୍ତୀ ପର୍ବତାରୋହୀଙ୍କ ପରଲୋକ



**କାଠମାଣ୍ଡୁ, ୨୧ା୯ (ପି.ଟି.)**–କିମ୍ବଦନ୍ତୀ ନେପାଳୀ ପର୍ବତାରୋହୀ ଅଙ୍ଗ୍‌ରିଟା ଶେର୍ପାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ଅକ୍ସିଜେନ୍ ସିଲିଣ୍ଡରର ସହାୟତା ନ ନେଇ ୧୯୮୩ରୁ ୧୯୯୬ ମଧ୍ୟରେ ସେ ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟକୁ ୧୦ ଥର ଆରୋହଣ କରିଥିଲେ। ଏଥିପାଇଁ ତାଙ୍କ ନାମ ଗିନିଜ ୱାର୍ଲ୍ଡ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛି। ସେ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମସ୍ତିଷ୍କ ଓ ଯକୃତ ଭଲରୂପେ କାମ କରୁ ନ ଥିଲା। ସୋମବାର କାଠମାଣ୍ଡୁସ୍ଥିତ ନିଜସ୍ୱ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି। ଅଙ୍ଗ୍‌ରିଟା 'ସ୍ନୋ ଲିଓପାର୍ଡ' ଭାବେ ପରିଚିତ ଥିଲେ। ସେ ଏକ ମଧ୍ୟବିତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବିଷ୍ଣୁ ଚରଣ ଶତପଥୀ**
ପୂର୍ବତନ ପ୍ରଧାନ ଶିକ୍ଷକ, ଖାନ୍‌ନଗର ଏମ୍.ଇ. ସ୍କୁଲ
ଖାନ୍‌ନଗର ବ୍ରାହ୍ମଣ ସାହି, କଟକ
ଆବିର୍ଭାବ : ୧୮.୦୧.୧୯୪୦
ତିରୋଧାନ : ୧୨.୦୯.୨୦୨୦
ଆପଣ ହଠାତ୍ ଏପରି ଆମକୁ ଶୋକସାଗରରେ ଭସାଇ ଚାଲିଯିବେ ବୋଲି ଆମେ ଜାଣି ନଥିଲୁ। ଆମେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ :
ପତ୍ନୀ - ଉର୍ମିଳା ଶତପଥୀ
ପୁତ୍ର- ଦୁର୍ଗାମାଧବ, ପୁତ୍ରବଧୂ- ହରପ୍ରିୟା ଏବଂ ଝିଅ, ଜ୍ୱାଇଁ, ଭଉଣୀ, ଝିଆରୀ, ପୁତୁରା, ଭଣଜା, ଭାଣିଜୀ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଏବଂ ଜ୍ଞାତିକୁଟୁମ୍ବ
ଧ-୧୮୩୨୯

**ଶ୍ରଦ୍ଧାଞ୍ଜଳି**
**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବର୍ଣ୍ଣିକା ପଟ୍ଟନାୟକ**
ଆବିର୍ଭାବ- ୧୯।୧୧।୧୯୬୯
ତିରୋଧାନ- ୨୨।୦୯।୨୦୧୩
୪୪, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର
ଚାହୁଁ ଚାହୁଁ ଆସି ଆଠ ବର୍ଷ ହୋଇଗଲା। ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅକାଳରେ ଚାଲିଗଲ ଏକ ଅଜଣା ରାଇଜକୁ। ତୁମର ସ୍ନେହ, ଶ୍ରଦ୍ଧା ଓ ମଧୁମୟ ସ୍ମୃତି ଆମ ପାଇଁ ଆଜି ବି ଜୀବନ୍ତ ଏବଂ ସଦାସର୍ବଦା ରହିବ ମଧ୍ୟ। ତୁମର ତ୍ୟାଗ, ନିଷ୍ପାପର ସେବା, ପରକୁ ଆପଣାର କରିବାର ଗୁଣ ପାଇଁ ଆଜି ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ ସମସ୍ତେ ତୁମକୁ ମନେ ପକାଉଛନ୍ତି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। -ଶୋକସନ୍ତପ୍ତ ସ୍ୱାମୀ, ଝିଅ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୯୧୭୩



# ଫ୍ଲୋରାଲ୍ ପ୍ରିଣ୍ଟ ଫ୍ୟାଶନ୍

ଲକ୍‌ଡାଉନ୍ ପାଇଁ ଫିକା ପଡ଼ିଥିବା ଫ୍ୟାଶନ ଟ୍ରେଣ୍ଡ ଏବେ ପୁଣି ଥରେ ନୂଆ ରୂପ ନେଇଛି । ଫ୍ୟାଶନ୍ ଦୁନିଆରେ ଏବେ ଫ୍ଲୋରାଲ୍ ପ୍ରିଣ୍ଟର ଚାହିଦା ଖୁବ୍ ବଢ଼ିବାରେ ଲାଗିଛି। ଫ୍ଲୋରାଲ୍ ପ୍ରିଣ୍ଟରେ ବିଶେଷକରି ସୂର୍ଯ୍ୟମୁଖୀ ପ୍ରିଣ୍ଟ ସବୁଠୁ ଅଧିକ ଲୋକପ୍ରିୟ ହେବାରେ ଲାଗିଛି ।

ଫ୍ୟାଶନ ଡିଜାଇନରଙ୍କ ମତରେ ଫ୍ଲୋରାଲ ପ୍ରିଣ୍ଟର ଚାହିଦା ପ୍ରାୟତଃ ସବୁବେଳେ ରହିଥାଏ। କିନ୍ତୁ ଆଗରୁ ଲୋକଙ୍କର ଛୋଟ ଫୁଲର ପ୍ରିଣ୍ଟ ପସନ୍ଦ ଥିବାବେଳେ ଏବେ ବଡ଼ ଫୁଲଥିବା ପ୍ରିଣ୍ଟ ଅଧିକ ପସନ୍ଦ ହୋଇଛି। ବିଶେଷକରି ମାର୍କେଟରେ ସୂର୍ଯ୍ୟମୁଖୀ ଫୁଲ ପ୍ରିଣ୍ଟର ଡ୍ରେସର ଚାହିଦା ବହୁତ ଅଧିକ ରହିଛି। ଅନ୍‌ଲାଇନ୍‌ରେ ମଧ୍ୟ ଏହି ପ୍ରିଣ୍ଟର ଡ୍ରେସ ଓ ଶାଢ଼ୀ ବହୁତ ବିକ୍ରି ହେଉଛି।

**କିପରି ପିନ୍ଧିବେ**

- ସୂର୍ଯ୍ୟମୁଖୀ ପ୍ରିଣ୍ଟ ହିଁ ଏକ ଷ୍ଟାଇଲ୍ ଷ୍ଟେଟମେଣ୍ଟ। ଆପଣ ଏହି ପ୍ରିଣ୍ଟର ୱେଷ୍ଟର୍ଣ୍ଣ ଡ୍ରେସ ପିନ୍ଧୁଥିଲେ ଆସେସରିଜ୍ ସିମ୍ପଲ ରଖନ୍ତୁ। ଏହି ପ୍ରିଣ୍ଟ ବୋଲ୍ଡ ହୋଇଥିବାରୁ ହେଭି ଗହଣା ଲଗାନ୍ତୁ ନାହିଁ।
- ଏହି ପ୍ରିଣ୍ଟ ଯେକୌଣସି ରଙ୍ଗରେ ଭଲ ଲାଗିଥାଏ, କିନ୍ତୁ କଳା ଓ ହଳଦିଆ ରଙ୍ଗରେ ଏହା ଅଧିକ ସୁନ୍ଦର ଲାଗେ। ତେଣୁ ଡ୍ରେସ, ସ୍କର୍ଟ, ଗାଉନ୍ କିଣୁଥିଲେ ଏହି ରଙ୍ଗର କିଣନ୍ତୁ।
- ସୂର୍ଯ୍ୟମୁଖୀ ପ୍ରିଣ୍ଟର ଆସେସରିଜ୍ ଯେପରି କି ଇୟର ରିଙ୍ଗ୍, ହେୟାର ବ୍ୟାଣ୍ଡ, ଜୋତା, ସକ୍ସ, ଟାଇ, ବଟମ୍ ରିଙ୍ଗ୍‌ସ ଆଦି ଏବେ ବଜାରରେ ମିଳୁଛି।
- ଆପଣ ଚାହିଁଲେ ନିଜ କଳା କିମ୍ବା ଧଳା ରଙ୍ଗର ଶାର୍ଟ ଉପରେ ସୂର୍ଯ୍ୟମୁଖୀ ପ୍ରିଣ୍ଟ କରି ଏଥେନିକ୍ ଲୁକ୍ ଦେଇପାରିବେ।
- ଫ୍ୟାଶନ୍ ଡିଜାଇନରଙ୍କ ମତରେ ଏହି ପ୍ରିଣ୍ଟର ଶାଢ଼ି ବିଶେଷ କରି ଲାଇଲନ୍ ଶାଢି ଖୁବ୍ ପସନ୍ଦ ହେଉଛି। ତେଣୁ ଆପଣ ବି ଫ୍ୟାଶନ ଟ୍ରେଣ୍ଡକୁ ଲକ୍ଷ୍ୟ କରି ପୋଷାକ କିଣନ୍ତୁ।
- ସବୁ ବୟସର ମହିଳାଙ୍କୁ ଏହି ପ୍ରିଣ୍ଟ ଭଲ ଲାଗିବ। ତେଣୁ ସମସ୍ତଙ୍କୁ ଏହା ବୋଲ୍ଡ ଲାଗିବ ମାତ୍ର ଓଭର ଡିଜାଇନ୍ ଲାଗିବ ନାହିଁ।
- କର୍ଟନ, ଲାଇଲନ୍, ଶିଫନ୍ ଆଦି ସବୁ ପ୍ରକାରର ମ୍ୟାଟେରିଆଲରେ ଏହି ପ୍ରିଣ୍ଟ ବହୁତ ଭଲ ଲାଗିବ। ତେଣୁ ନିଜ ତ୍ୱଚାର ରଙ୍ଗ ଅନୁସାରେ କିଣନ୍ତୁ।



# ଶୃଙ୍ଗାର ବଦଳିଛି ପରିଭାଷା

ଶୃଙ୍ଗାର ପ୍ରିୟ ନାରୀ। ଏମିତି କୌଣସି ନାରୀ ହିଁ ନ ଥିବେ ଯାହାଙ୍କୁ ଶୃଙ୍ଗାର କରିବା ବା ସଜେଇ ହେବାକୁ ଭଲ ନ ଲାଗେ। ହେଲେ ଏବେ କରୋନା ଯୋଗୁଁ ସେମାନଙ୍କ ପାଇଁ ବଦଳି ଯାଇଛି ଶୃଙ୍ଗାରର ପରିଭାଷା...

ନାରୀମାନେ ଶୃଙ୍ଗାର ନିମନ୍ତେ କେବେ ପ୍ରାକୃତିକ ଉପାୟ ଅବଲମ୍ବନ କରନ୍ତି ତ କେବେ ରାସାୟନିକ ସାମଗ୍ରୀରେ ମେକ୍‌ଅପ୍ ନିଅନ୍ତି। ଆଧୁନିକ ସମୟରେ ଏଥିପାଇଁ ଖୋଲିଛି ବ୍ୟୁଟି ପାର୍ଲର। କିନ୍ତୁ ପ୍ରଥମ ଥର ପାଇଁ କରୋନା ଯୋଗୁ ନାରୀମାନଙ୍କର ଶୃଙ୍ଗାର ପରିଭାଷା ବି ବଦଳିଛି। କାହିଁକିନା ଗୋଟିଏ ପଟେ ସଂକ୍ରମଣ ଭୟରେ ଏବେ ପ୍ରାୟତଃ କେହି ପାର୍ଲର ଯାଉ ନ ଥିବାବେଳେ ଅନ୍ୟପଟେ ଫେସ୍ ମାସ୍କ, ଫେସ୍ ସିଲ୍ଡ ଯୋଗୁଁ



ଶୃଙ୍ଗାରର ଗୁରୁତ୍ୱ କମିଯାଇଛି।

**ଯାଉ ନାହାନ୍ତି ପାର୍ଲର:** ଫ୍ୟାଶନ୍ ଟ୍ରେଣ୍ଡରେ ଅପଡେଟ୍ ରହିବା ପାଇଁ ମହିଳାମାନେ ନିୟମିତ ପାର୍ଲର ଯିବା ଆଜିକାଲିର ଲାଇଫ୍‌ଷ୍ଟାଇଲରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କିନ୍ତୁ କରୋନା କଟକଣା ଆରମ୍ଭ ହେବା ଦିନଠାରୁ ପାର୍ଲର ଯିବାକୁ ଭୟ କରୁଛନ୍ତି ମହିଳାମାନେ। ପାର୍ଲର ଗଲେ ସଂକ୍ରମଣ ଭୟ ଅଧିକ ରହୁଥିବାରୁ ଏବେ ଆଉ କେହି ପ୍ରାୟତଃ ପାର୍ଲର ଯାଉନାହାନ୍ତି। ସେଥିପାଇଁ ଅଧିକାଂଶ ପାର୍ଲର ଏବେ ବନ୍ଦ ପ୍ରାୟ। ଯେଉଁ କେତୋଟି ପାର୍ଲର ଖୋଲୁଛି ସେଠାକୁ କେବଳ ଚିହ୍ନାଜଣା ମହିଳା ହିଁ ଯାଉଛନ୍ତି।

## ଏମାନେ ଯାହା କରନ୍ତି

**ପରିସ୍ଥିତି ଏମିତି ରହିଲେ ପାର୍ଲର ବନ୍ଦ କରିଦେବି:** ପାର୍ଲର ଏବେ ବନ୍ଦ ପ୍ରାୟ। କେହି କଷ୍ଟୋମର ଆସୁ ନାହାନ୍ତି। ସେଥିପାଇଁ ମୁଁ ପାର୍ଲର ଛାଡ଼ି



ଗାଁକୁ ଚାଲି ଆସିଛି। ଏବେ ଜଣେ ପିଲାକୁ ପାର୍ଲର ପାଖରେ ଛାଡ଼ି ଆସିଛି ଯଦି କେହି କେବେ ପାର୍ଲର ଆସିବା ପାଇଁ କହୁଛନ୍ତି ସେ ଖୋଲୁଛି। ପାର୍ଲରରେ ଆମେ ସାନିଟାଇଜର ଠାରୁ ଆରମ୍ଭ କରି ଯାହା ଅନ୍ୟ ସବୁ ବ୍ୟବସ୍ଥା କରିଛୁ। ଏସବୁ ସତ୍ତ୍ୱେ ଆଗଭଳି କେହି ପାର୍ଲର ଆସିବାକୁ ଇଚ୍ଛା କରୁନାହାନ୍ତି। ସେଥିପାଇଁ ଏବେ ସମୟ ଏମିତି ହୋଇଛି ଯେ ପାର୍ଲର ପାଇଁ ଭଡ଼ା ଦେବାକୁ ବି ପଇସା ହେଉନି। ସେଥିପାଇଁ ଘର ମାଲିକଙ୍କୁ କହି କିଛି କମ୍ ପଇସା ଦେଉଛି। ହେଲେ ପରିସ୍ଥିତି ଯଦି ବଦଳିବନି ତା'ହେଲେ ପାର୍ଲର ପୂରା ବନ୍ଦ କରିଦେବି ଭାବୁଛି। ଯେବେ ପରିସ୍ଥିତି ବଦଳିବ ସେତେବେଳେ ପୁଣି ପାର୍ଲର ଖୋଲିବି। ଏବେ ମୁଁ ଗାଁରେ ପାଖ ପଡ଼ୋଶୀ ଆଉ ବନ୍ଧୁମାନଙ୍କର ଘରେ ବ୍ୟୁଟି ଟ୍ରିଟମେଣ୍ଟ କରୁଛି।

*—ମୀନା ମହାରଣା, କୁଇନ୍ସ ସଲୋନ୍ ଆଣ୍ଡ ସ୍ପା ମାଲିକ ଶହୀଦନଗର, ଭୁବନେଶ୍ୱର*

**ଘରେ ସବୁ କରିଦେଉଛି:** ଆଗରୁ ସବୁ ମାସରେ ଥରେ ଫେସିଆଲ୍ କରୁଥିଲି, ଆଇବ୍ରୋ ଶେପ୍ ପାଇଁ



ପ୍ରତି ୧୫ ଦିନରେ ଥରେ ପାର୍ଲ ଯାଉଥିଲି। କିନ୍ତୁ ଏବେ ୬ମାସ ହେଲାଣି ମୁଁ ଥରେ ବି ପାର୍ଲରକୁ ଯାଇନି। ପାର୍ଲରକୁ ହିଁ ବହୁତ ଲୋକ ଆସନ୍ତି, ତେଣୁ ସେଠି ସଂକ୍ରମଣର ଭୟ ଅଧିକ। ସେଥିପାଇଁ ମୁଁ ଏବେ ମୋର ଗୋଟେ ସାଙ୍ଗ ପାଖରେ ଆଇବ୍ରୋ ଶେପ୍ କରାଇ ନେଉଛି। ତାଙ୍କରି ପରାମର୍ଶ ନେଇ ଯାହା କିଛି ଘରେ କରୁଛି। ଆଉ ଘରେ ବିଭିନ୍ନ ପ୍ରକାରର ଫ୍ରୁଟ ଫେସିଆଲ୍ ନିଜେ ନିଜେ କରି ନେଉଛି। ଏହା ସହିତ ପାଖରେ ଥିବା ଫେସ୍ ପ୍ୟାକ ଲଗାଇ ଦେଉଛି। ଏବେ ସବୁଦିନ ଅଫିସ୍ ଯିବାକୁ ପଡୁଛି ସତ ହେଲେ ମେକ୍‌ଅପ୍ ପ୍ରତି ମୁଁ ଏତେ ଚିନ୍ତିତ ନୁହେଁ। କାରଣ କେବଳ ଆଖିକୁ ଛାଡ଼ି ପୂରା ମୁହଁକୁ ଢାଙ୍କି ରଖିବାକୁ ପଡୁଛି। ସେଥିପାଇଁ ସ୍କିନ୍ ଭଲ ରହିବା ପାଇଁ ଯାହା ଘରୋଇଭାବେ କରୁଛି।

*—ସୁଭଦ୍ରା ଦାସ, ଶିକ୍ଷୟିତ୍ରୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୋଲ୍ଲସରା, ଗଞ୍ଜାମ*

**ମେକ୍‌ଅପ୍ ଆବଶ୍ୟକ ନାହିଁ:** ଏବେ ତ ମୁଁ ମେକ୍‌ଅପ୍ କଥା ପୂରା ଭୁଲିଯାଇଛି କହିଲେ ଚଳେ। ନା ଆଇବ୍ରୋ ଶେପ୍ କରୁଛି ନା କେଶ କାଟିବା ଉପରେ ଗୁରୁତ୍ୱ ଦେଉଛି।



ଏପ୍ରିଲ ମାସରୁ ଆଜିଯାଏ ମୁଁ ଥରେ ହେଲେ ପାର୍ଲର ଯାଇନି କି କୌଣସି ମେକ୍‌ଅପ୍ ନେଉନି। ଖାଲି ଯାହା ଘରେ ସଫାସୁତୁରା ଉପରେ ଗୁରୁତ୍ୱ ଦେଉଛି। ସବୁଦିନ ଷ୍ଟିମ୍ ନେଉଛି ଆଉ କ୍ରିମ୍, ମଶ୍ଚରାଇଜର ଲଗାଉଛି। ଅନ୍ୟ କିଛି ନ କରି ବାହାରକୁ ବାହାରିଲେ କେଶ ସହିତ ପୂରା ମୁହଁକୁ କଭର କରି ବାହାରୁଛି। ତେଣୁ ମେକ୍‌ଅପ୍‌ର ଆବଶ୍ୟକ ପଡୁନି।

*—ନିର୍ମଳା ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ପଣ୍ଡୁ ଜୁନିଅର ବେସିକ୍ ସ୍କୁଲ, ରାମ୍ପୋ, ମାର୍କୋଣା, ବାଲେଶ୍ୱର*

**ନିଜେ ନେଉଛି ମେକ୍‌ଅପ୍:** ପାର୍ଲରକୁ ଏବେ ଆଉ ଯାଉନି, କିନ୍ତୁ ଯାହା ମେକ୍‌ଅପ୍ ନେବା କଥା ସବୁ ଘରେ ନିଜେ ନେଉଛି। ଏମିତିକି ମୁଁ ନିଜେ ବି ମୋର ଆଇବ୍ରୋ ଶେପ୍



କରିଦେଉଛି। ଫେସିଆଲ୍ ଆଉ କ୍ଲିନ୍‌ଅପ୍ ତ ବେଶ୍ ସହଜରେ ଘରେ କରୁଛି। ସବୁ ପ୍ରକାରର ଫେସିଆଲ କିଟ୍ ଆଉ ସ୍କ୍ରବ ମୋ ପାଖରେ ଅଛି। ତେଣୁ ପାର୍ଲର ନ ଗଲେ ବି ମୋର କିଛି ଅସୁବିଧା ହେଉନି। ଏବେ ତ କୌଣସି ପାର୍ଟିକୁ ଯିବାକୁ ପଡୁନି। ତେଣୁ ହେଭି ମେକ୍‌ଅପ୍ ଦରକାର ହୋଇନି। ସେମିତି ଦରକାର ହେଲେ ମୁଁ ଜଣେ ବ୍ୟୁଟିସିଆନ୍‌କୁ ଘରକୁ ଫୋନ୍ କରି ଡକାଇ ଦେବି। କିନ୍ତୁ ଆଗ କରୋନା ପାଇଁ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ଦୂର ହୋଇଯାଉ। ତା'ପରେ ମେକ୍‌ଅପ୍ କଥା ଭାବିବି।

*—ଚିନ୍ମୟୀ ସାହୁ, ଅଧ୍ୟାପିକା, ଝାରପଡ଼ା, ଭୁବନେଶ୍ୱର*

**ମାସ୍କ ଆଉ ଫେସ୍ ସିଲ୍ଡର ଗୁରୁତ୍ୱ ବଢ଼ିଛି:** ମହିଳାମାନେ ମେକ୍‌ଅପ୍ ନ ନେବାର ଆଉ ଏକ କାରଣ ହେଉଛି ଫେସ୍ ମାସ୍କ ଆଉ ଫେସ୍ ସିଲ୍ଡ। କରୋନା ପାଇଁ ଫେସ୍ ମାସ୍କ ଆଉ ଫେସ୍ ସିଲ୍ଡ ଲଗାଇବା ଫଳରେ ପୂରା ମୁହଁ ତ କଭର ହୋଇଯାଉଛି। ତେଣୁ ମେକ୍‌ଅପ୍ ନେଲେ ବି ତାହା କାହାକୁ ଦେଖା ଯାଉନାହିଁ। ଏହି କାରଣରୁ ମେକ୍‌ଅପ୍ ଏବେ ଗୁରୁତ୍ୱହୀନ ହୋଇଯାଇଛି। ସେଥିପାଇଁ କେହି ପାର୍ଲର ଯାଇ ମେକ୍‌ଅପ୍ ନେଉନାହାନ୍ତି।

**ଘରୋଇ ପ୍ୟାକ୍ ଉପରେ ଅଧିକ ଗୁରୁତ୍ୱ:** କରୋନା ସଂକ୍ରମଣ ଭୟରେ ମହିଳାମାନେ ଏବେ ପାର୍ଲର ଯାଉ ନାହାନ୍ତି ସତ କିନ୍ତୁ ବିଭିନ୍ନ ପ୍ରକାରର ବ୍ୟୁଟି ଉପଚାର



ନିମନ୍ତେ ଏବେ ଘରୋଇ ପ୍ୟାକ ଉପରେ ନିର୍ଭର କରୁଛନ୍ତି। କିଛି ମହିଳା ନିଜେ ନିଜେ ଘରୋଇ ପ୍ୟାକ୍ କିଣି ଘରେ ଲଗାଉଛନ୍ତି ତ କେତେଜଣ ବ୍ୟୁଟିସିଆନ୍‌ଙ୍କ ପରାମର୍ଶ ନେଇ ବିଭିନ୍ନ ସାମଗ୍ରୀ ଲଗାଉଛନ୍ତି। ଅନେକ ଘରୋଇ ଉପାୟରେ ଫେସିଆଲ୍ କିମ୍ବା ଅନ୍ୟ ଉପଚାର ସବୁ କରୁଛନ୍ତି। ଏମିତି କି ଘରେ ୟୁଟ୍ୟୁବ ଦେଖି କେତେଜଣ କେଶ କାଟିବା ସହିତ ଆଇବ୍ରୋ ଶେପ୍ ମଧ୍ୟ କରୁଛନ୍ତି।

**ଷ୍ଟାଇଲ୍ ଷ୍ଟେଟମେଣ୍ଟ:** କରୋନା ପାଇଁ ମହିଳାଙ୍କର ଷ୍ଟାଇଲ୍ ଷ୍ଟେଟମେଣ୍ଟ ପୂରା ବଦଳି ଯାଇଛି। ସବୁ ସମୟରେ ଏବେ ମାସ୍କ ପିନ୍ଧିବାକୁ ପଡୁଥିବାରୁ ସେମାନେ ପୋଷାକ ଅନୁସାରେ ମ୍ୟାଚିଂ ମାସ୍କ ଚୟନ କରୁଛନ୍ତି। ମାସ୍କ ଏବଂ ଫେସ୍ ସିଲ୍ଡ ପିନ୍ଧିବା ପରେ କେବଳ ଆଖି ଦେଖାଯାଉଥିବାରୁ ଆଖି ମେକ୍‌ଅପ୍ ଉପରେ ଅଧିକ ଧ୍ୟାନ ଦେଉଛନ୍ତି।

ସୌନ୍ଦର୍ଯ୍ୟ



# ଗର୍ଭାବସ୍ଥାରେ କେଶର ଯତ୍ନ

ଗର୍ଭାବସ୍ଥା ସମୟରେ ଅଧିକାଂଶ ମହିଳାଙ୍କର କେଶ ଝଡ଼ିବା ଭଳି ସମସ୍ୟା ଦେଖା ଦେଇଥାଏ। ତେଣୁ ଏ ସମୟରେ କିପରି ଭାବରେ କେଶର ଉପଯୁକ୍ତ ଯତ୍ନ ନେବେ ସେ ସମ୍ପର୍କରେ ଜାଣି ରଖନ୍ତୁ।

- ଗର୍ଭାବସ୍ଥା ସମୟରେ କେଶରେ କୌଣସି ପ୍ରକାରର ରାସାୟନିକ ଜିନିଷ ଲଗାନ୍ତୁ ନାହିଁ ଅର୍ଥାତ କୌଣସି ପ୍ରକାରର କେମିକାଲ୍ ଟ୍ରିଟମେଣ୍ଟ କରନ୍ତୁ ନାହିଁ। ପ୍ରାକୃତିକ ଉପାୟ ଆପଣାଇବାକୁ ଚେଷ୍ଟା କରନ୍ତୁ।
- ଏହି ସମୟରେ ହେୟାର ଷ୍ଟାଇଲିଂ କରନ୍ତୁ ନାହିଁ। ତେଣୁ କେଶରେ ପ୍ରର୍ମିଂ ଆଦି କରନ୍ତୁ ନାହିଁ। କେଶ ଯେପରି ଅଛି ସେହିପରି ରହିବାକୁ ଦିଅନ୍ତୁ।
- କେଶ କିମ୍ବା ତ୍ୱଚାରେ କୌଣସି ପ୍ରକାରର କେମିକାଲ୍ ଲଗାନ୍ତୁ ନାହିଁ। ଡେଲିଭରି ପରେ ମଧ୍ୟ କିଛି ଦିନ ପାଇଁ ଏହି ନିୟମ ପାଳନ କରନ୍ତୁ।
- ଯଦି ହେୟାର ଟ୍ରିଟମେଣ୍ଟ ନେବା ନିହାତି ଜରୁରୀ ମନେକରନ୍ତି ତେବେ ପ୍ରାକୃତିକ ଉପାୟରେ ଡ୍ରାଏ କରିବା ସହିତ ହାଇଲାଇଟିଂ କରନ୍ତୁ।
- ନିୟମିତ ବ୍ୟବଧାନରେ ଶାମ୍ପୁ ଓ କଣ୍ଡିସନିଂ କରନ୍ତୁ। ଡାକ୍ତରଙ୍କଠାରୁ ଶାମ୍ପୁ ବ୍ୟବହାର କରିବା ନେଇ ପରାମର୍ଶ ନିଅନ୍ତୁ।
- ଓଦା କେଶକୁ ଆଦୌ କୁଣ୍ଡାନ୍ତୁ ନାହିଁ।
- କୌଣସି ପ୍ରକାରର ଟାଇଟ୍ ହେୟାର ଷ୍ଟାଇଲ୍ କରନ୍ତୁ ନାହିଁ। କେଶକୁ ଢିଲାରେ ବାନ୍ଧନ୍ତୁ।
- କେଶକୁ ପ୍ରାକୃତିକ ଉପାୟରେ ବୃଦ୍ଧି କରିବା ପାଇଁ ଏବଂ ମୁଣ୍ଡ ଥଣ୍ଡା ରଖିବା ନିମନ୍ତେ ରାତିରେ ମେଥିକୁ ଭିଜାଇ ସକାଳେ ବାଟି ଏହାର ପେଷ୍ଟକୁ କେଶରେ ଲଗାନ୍ତୁ। କିଛି ସମୟ ପରେ କେଶ ଧୋଇ ଦିଅନ୍ତୁ।
- ଭୃସୁଙ୍ଗପତ୍ରକୁ ନଡିଆ ତେଲରେ ପକାଇ ଗରମ କରନ୍ତୁ। ଶାମ୍ପୁ କରିବାର ୩-୪ ଘଣ୍ଟା ପୂର୍ବରୁ ଏହାକୁ ଲଗାନ୍ତୁ। କେଶ ସୁନ୍ଦର ରହିବ।



ଖାଦ୍ୟ ରୁଚି

# କାଞ୍ଚିବରମ୍ ଇଡ୍‌ଲି

**ଆବଶ୍ୟକ ସାମଗ୍ରୀ–** ୩ କପ୍ ବିରି ଡାଲି, ୫ କପ୍ ଇଡ୍‌ଲି ଚାଉଳ, ଭୃସୁଙ୍ଗପତ୍ର, ହେଙ୍ଗୁ, ଜିରା, କଟା ଅଦା ଓ ଗୋଲମରିଚ ଗୁଣ୍ଡ ଆବଶ୍ୟକ ଅନୁସାରେ।

**ପ୍ରଣାଳୀ–**

ପ୍ରଥମେ ବିରି ଓ ଚାଉଳକୁ ଅଲଗା ଅଲଗା ଭିଜାଇ ଦିଅନ୍ତୁ। ପ୍ରାୟ ୭ ଘଣ୍ଟା ଭିଜିବା ପରେ ବିରି, ଚାଉଳକୁ ଭଲଭାବେ ଧୋଇ ଅଲଗା ଅଲଗା ବାଟି ରଖନ୍ତୁ। ଏହାପରେ ବିରି, ଚାଉଳ ପେଷ୍ଟକୁ ଏକାଠି କରି ସେଥିରେ କଟା ଅଦା, ହେଙ୍ଗୁ, ଜିରା, ଗୋଲମରିଚ ଗୁଣ୍ଡ ଓ ଲୁଣ ମିଶାଇ ୪-୫ ଘଣ୍ଟା ରଖି ଦିଅନ୍ତୁ। ଏହାପରେ କଡେଇରେ ଭୃସୁଙ୍ଗପତ୍ରକୁ ଅଳ୍ପ ଗରମ କରି ତାକୁ ଇଡ୍‌ଲି ମିଶ୍ରଣରେ ମିଶାନ୍ତୁ। ଏହାପରେ ଇଡ୍‌ଲି ମିଶ୍ରଣକୁ ଇଡ୍‌ଲି ଛାଞ୍ଚରେ ରଖି ଘୋଡ଼ାଇ ଦିଅନ୍ତୁ। ସବୁଆଡ଼େ ବାମ୍ଫ ଆସିଗଲା ପରେ ଇଡ୍‌ଲି ହୋଇଛି କି ନାହିଁ ଦେଖି ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କାଞ୍ଚିବରମ୍ ଇଡ୍‌ଲି। ସମ୍ବର କିମ୍ବା ଚଟଣୀ ସହିତ ଏହାକୁ ଖାଇଲେ ବହୁତ ଭଲ ଲାଗିବ।



# ଘରକୁ ଦିଅନ୍ତୁ ନୂଆ ଲୁକ୍

ଘରକୁ ସୁନ୍ଦର ଭାବରେ ସଜାଇ ରଖିଲେ ଘରେ ସକାରାତ୍ମକ ଶକ୍ତି ସୃଷ୍ଟି ହେବା ସହିତ ମନ ମଧ୍ୟ ପ୍ରଫୁଲ୍ଲ ରହିଥାଏ । ଏ ଦୃଷ୍ଟିରୁ ଘର ପରିବେଶକୁ କିପରି ସୁନ୍ଦର କରିବେ ଜାଣି ରଖନ୍ତୁ କିଛି ଟିପ୍ସ...



- ଦୁଇ ତିନି ମାସ ଅନ୍ତରରେ ଘରର ସାଜସଜ୍ଜାକୁ ବଦଳାଇ ନୂଆ ରୂପ ଦିଅନ୍ତୁ। ଫଳରେ ମୁଡ୍ ଭଲ ରହିଥାଏ।
- ଘରକୁ କୌଣସି ଥିମ୍ ଅନୁସାରେ ବି ସଜାଇ ପାରିବେ। କୌଣସି ନିର୍ଦ୍ଦିଷ୍ଟ ରଙ୍ଗ କିମ୍ବା ନିର୍ଦ୍ଦିଷ୍ଟ ରାଜ୍ୟର କିଛି ଡିଜାଇନ୍‌କୁ ଫଲୋ କରିପାରିବେ।
- ନିଜ ପସନ୍ଦର ପୋଷ୍ଟର କିମ୍ବା ଷ୍ଟିକର ମଧ୍ୟ ଲଗାଇ ପାରିବେ।
- ହୋମ୍ ଡେକରରେ ପରିବର୍ତ୍ତନ କରିବା ଫଳରେ ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ।
- ଘର ସଜା ସମୟରେ ଘରର ସବୁଜିମା ଉପରେ ମଧ୍ୟ ଧ୍ୟାନ ଦିଅନ୍ତୁ। ଘର ବାହାରେ ଓ ଭିତରେ ସଜାଇବା ପାଇଁ ଆଜିକାଲି ସୁନ୍ଦର ସୁନ୍ଦର ଫୁଲକୁଣ୍ଡ ମିଳୁଛି। ସେସବୁକୁ ଘରେ ରଖି ଭିନ୍ନ ରୂପ ଦେଇପାରିବେ।
- ଇନ୍‌ଡୋର ପ୍ଲାଣ୍ଟ ଲଗାଇ ଘରର ଲୁକ୍ ପରିବର୍ତ୍ତନ କରିବା ସହିତ ପ୍ରଦୂଷଣକୁ ବି କମ୍ କରିପାରିବେ। ସିଲଭର ପ୍ଲାଣ୍ଟର ରଖିବାର କ୍ରେଜ୍ ବଢ଼ିବାରେ ଲାଗିଛି। ପ୍ଲାଣ୍ଟ ଲାଇବା ଫଳରେ ଏହା ଘରକୁ ରୟାଲ ଲୁକ୍ ବି ଦେଇଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ସେପ୍ଟେମ୍ବର ୨୨/୨୦୨୦ Tuesday, September 22/2020

# ପୋଗାକାର ଜିତିଲେ ଟୁର୍ ଡି' ଫ୍ରାନ୍ସ

**ପ୍ୟାରିସ୍, ୨୧।୯**

ସ୍ଲୋଭେନିଆର ଟାଡେଜ୍ ପୋଗାକାର୍ ଟୁର୍ ଡି' ଫ୍ରାନ୍ସ ୨୦୨୦ ସାଇକେଲ ରେସ୍ ଜିତିଛନ୍ତି। ଇଭେଣ୍ଟର ଇତିହାସରେ ଦ୍ୱିତୀୟ ସର୍ବକନିଷ୍ଠ ସାଇକ୍ଲିଷ୍ଟ ଭାବେ ସେ ଏହି ସଫଳତା ହାସଲ କରିବା ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ସାମ୍ ବେନେଟ୍ ପ୍ୟାରିସ୍‌ରେ ଫାଇନାଲ ସ୍ପ୍ରିଣ୍ଟ ଜିତିଛନ୍ତି। ଟୁର୍ ଡି' ଫ୍ରାନ୍ସରେ ପ୍ରଥମଥର ଭାଗ ନେଇଥିବା ୨୧ବର୍ଷୀୟ ପୋଗାକାର ଶନିବାର ଟାଇମ୍ ଟ୍ରାଏଲ୍‌ରେ ଦୀର୍ଘ ସମୟ ଧରି ରେସ୍ ଲିଡର ରହିଆସିଥିବା ପ୍ରିମୋଜ ରଗ୍‌ଲିକ୍‌ଙ୍କୁ ଅତିକ୍ରମ କରି ୟଲୋ ଜର୍ସି ହାସଲ କରିନେଇଥିଲେ। ରେସ୍ ଲିଡର ଫାଇନାଲ ଷ୍ଟେଜ୍‌ରେ ଚ୍ୟାଲେଞ୍ଜ ଦେଇପାରି ନ ଥିଲେ। ଫଳରେ ପୋଗାକାର ତାଙ୍କ ପେଲୋଟନ୍‌ରେ ସହଜରେ ରେସ୍ ଫିନିଶ କରିଥିଲେ। ଅନ୍ୟପକ୍ଷରେ ଖୁସିରେ ଆତ୍ମହରା ବେନେଟ୍ ବିଶ୍ୱ ଚାମ୍ପିୟନ ମ୍ୟାଡ୍ସ ପେଡରସନଙ୍କ ଆଗରେ ଲାଇନ୍ ଅତିକ୍ରମ କରିଥିଲେ। ବେନେଟ ପଏଣ୍ଟ କ୍ଲାସିଫିକେଶନରେ ବିଜୟ ହାସଲ କରିଥିଲେ। ଆୟର୍ଲାଣ୍ଡର ଦ୍ୱିତୀୟ ବ୍ୟକ୍ତି ଭାବେ ସେ ଗ୍ରୀନ୍ ଜର୍ସି ହାସଲ କରିଥିଲେ।

ପୂର୍ବରୁ ସିନ୍ କେଲି ୧୯୮୨ରୁ ୧୯୮୯ ମଧ୍ୟରେ ୪ଥର ଗ୍ରୀନ୍ ଜର୍ସି ଲାଭ କରିଥିଲେ। ୧୩ ଦିନ ଧରି ୟଲୋ ଜର୍ସିକୁ କବ୍‌ଜାରେ ରଖି ଆସିଥିବା ୩୦ ବର୍ଷୀୟ ରଗଲିକ୍ ୫୯ ସେକେଣ୍ଡ ପଛରେ ଦ୍ୱିତୀୟ ହୋଇଥିଲେ। ଅଷ୍ଟ୍ରେଲିଆର ୩୫ ବର୍ଷୀୟ ରିଚି ପୋର୍ଟ ୩ ମିନିଟ୍ ୩୦ ସେକେଣ୍ଡ ପଛରେ ତୃତୀୟ ହୋଇଥିଲେ। ଏହାଥିଲା ତାଙ୍କର ପ୍ରଥମ ଗ୍ରାଣ୍ଡ ଟୁର୍ ପୋଡିୟମ ଫିନିଶ। ରଗଲିକ୍ ଷ୍ଟେଜ୍ ୯ରେ ୟଲୋ ଜର୍ସି ଅକ୍ତିଆର କରିବା ପୂର୍ବରୁ ବ୍ରିଟେନର ଆଡାମ ୟେଟ୍ସ ୪ ଦିନ ପାଇଁ ୟଲୋ ଜର୍ସି ପାଇଥିଲେ। ଫାଇନାଲ ଷ୍ଟେଜ୍‌ରେ ସେ ୯ ମିନିଟ୍ ୨୫ ସେକେଣ୍ଡ ପଛରେ ଓଭରାଲ ୯ମ ସ୍ଥାନରେ ରହିଥିଲେ। ପୁରସ୍କାର ଗ୍ରହଣ ପାଇଁ ପୋଗାକାର ସ୍ଲୋଭେନିଆ ଜାତୀୟ ପତାକା ସହ ପୋଡିୟମକୁ ଉଠିଥିଲେ। ପୁରସ୍କାର ବିତରଣ ଉତ୍ସବରେ ତାଙ୍କ ପିତାମାତା ଉପସ୍ଥିତ ଥିଲେ। ସେ କହିଛନ୍ତି, ଏଠାରେ ଟାଇଟଲ ଜିତିବା ମୋ କଳ୍ପନା ବାହାରେ ଥିଲା। ୩ ସପ୍ତାହ ଧରି ଅନୁଷ୍ଠିତ ଏହି ଦୁଃସାହସିକ ସାଇକେଲ ରେସ୍ ବେଶ୍ ରୋମାଞ୍ଚକ ଥିଲା।



ଟୁର୍ ଡି' ଫ୍ରାନ୍ସ ୨୦୨୦ ସାଇକେଲ ରେସ୍ ଶେଷରେ ପୋଡିୟମରେ ପୁରସ୍କାର ସହ ଟାଡେଜ ପୋଗାକାର (ମଝି), ପ୍ରିକୋଜ ରଗ୍‌ଲିକ୍ (ବାମ) ଓ ରିଚି ପୋର୍ଟ (ଡାହାଣ)।

# ହାଲେପ୍‌ଙ୍କୁ ପ୍ରଥମ ଇଟାଲିଆନ ଓପନ ଟାଇଟଲ


ସିମୋନା ହାଲେପ୍

**ରୋମ୍, ୨୧।୯ (ଏପି)–** ଫାଇନାଲ ମ୍ୟାଚ୍ ଅଧାରୁ ଓହରିବା ଫଳରେ ଟପ୍ ସିଡ୍ ସିମୋନା ହାଲେପ୍ ସୋମବାର ପ୍ରଥମ ଥର ଇଟାଲିଆ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ହାଲେପ୍ ୬-୦, ୨-୧ରେ ଅଗ୍ରଣୀ ରହିଥିବାବେଳେ ଇଞ୍ଜୁରି ଯୋଗୁ ପ୍ଲିସ୍‌କୋଭା ଖେଳିବା ବନ୍ଦ କରିଦେଇଥିଲେ। ପ୍ରଥମ ସେଟ୍ ଖେଳ ବେଳେ ହାଲେପ୍ ପିଠିର ନିମ୍ନ ଭାଗରେ ଯନ୍ତ୍ରଣା ଅନୁଭବ କରିଥିଲେ। ଟ୍ରେନର ତାଙ୍କର ଚିକିତ୍ସା କରାଇଥିଲେ।

ସୂଚନାଯୋଗ୍ୟ, ହାଲେପ୍ ୨୦୧୭ ଓ ୨୦୧୮ ରୋମ୍ ଫାଇନାଲରେ ଏଲିନା ସ୍ୱିତୋଲିନାଙ୍କଠାରୁ ହାରି ଯାଇଥିଲେ। ହାଲେପ୍ ଫେବୃୟାରୀରେ ଦୁବାଇରେ ଏକ ଟାଇଟଲ ଜିତିଥିଲେ। କରୋନା ମହାମାରୀ ଯୋଗୁ ୫ ମାସ ଧରି ଟୁର୍ ସ୍ଥଗିତ ରହିଥିଲା। ରୋମାନିଆର ଏହି ଖେଳାଳି ଗତମାସରେ ପ୍ରେଗ୍‌ରେ ଆଉ ଏକ ଟ୍ରଫି ଜିତିଥିଲେ। ତେବେ କରୋନା ଭାଇରସ୍ ପାଇଁ ନିଜ ସ୍ୱାସ୍ଥ୍ୟଗତ ସୁରକ୍ଷା ଲାଗି ସେ ୟୁଏସ୍ ଓପନ୍‌ରୁ ଓହରି ଯାଇଥିଲେ।

# ପ୍ରଜନେଶ ଦ୍ୱିତୀୟ ରାଉଣ୍ଡରେ

**ପ୍ୟାରିସ୍, ୨୧।୯ (ପି.ଟି.)–** ଭାରତୀୟ ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ କ୍ୱାଲିଫାଇଂ ଇଭେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି, କିନ୍ତୁ ଦେଶର ଶୀର୍ଷ ଖେଳାଳି ସୁମିତ୍ ନାଗାଲ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ୟୁଏସ୍ ଓପନ୍‌ରେ ୭ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ଭାବେ ଏକ ଗ୍ରାଣ୍ଡସ୍ଲାମରେ ଓପନିଂ ରାଉଣ୍ଡରେ ବିଜୟ ହାସଲ କରିଥିବା ନାଗାଲ କିନ୍ତୁ ମ୍ୟାଚ ହାରିଯିବା ପୂର୍ବରୁ କଡ଼ା ଟକ୍କର ଦେଇଥିଲେ। ଜର୍ମାନୀର ଡଷ୍ଟିନ୍ ବ୍ରାଉନ୍‌ଙ୍କଠାରୁ ସେ ୬-୭ (୪), ୫-୭ ସେଟ୍‌ରେ ହାରିଯାଇଥିଲେ। ଏହି ମ୍ୟାଚ୍ ୧ ଘଣ୍ଟା ଓ ୪୭ ମିନିଟ୍ ଦରି ଚାଲିଥିଲା। କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମର ଓପନିଂ କ୍ୱାଲିଫାୟରରେ ଭାରତର ଦ୍ୱିତୀୟ ସର୍ବୋଚ୍ଚ ର୍‍ୟାଙ୍କିଂପ୍ରାପ୍ତ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ୬-୩, ୬-୧ ସେଟ୍‌ରେ ତୁର୍କୀର କେମ୍ ଇଲ୍‌କେଲଙ୍କୁ ପରାସ୍ତ କରିଦେଇଥିଲେ। କ୍ୱାଲିଫାଇଂ ଡ୍ର'ରେ ସ୍ଥାନ ପାଇଥିବା ଅନ୍ୟଜଣେ ଭାରତୀୟ ରାମକୁମାର ରମାନାଥନ ସ୍ଥାନୀୟ ୱାଇଲ୍ଡକାର୍ଡ ଟ୍ରିଷ୍ଟାନ୍ ଲାମାସିନ୍‌ଙ୍କୁ ଭେଟିବେ।






E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009.

**ORBIT MOTORS**
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

**LEGEND CARS**
JEYPORE: 7894442901.
BHAWANIPATNA: 7894442907.

**SKY AUTOMOBILES**
BERHAMPUR: 7381261000.

*Offer includes consumer offer, exchange offer and institutional/rural offer (wherever applicable) on Vitara Brezza (all variants). #Every customer who books Maruti Suzuki Car from 2nd Sep'2020 to 30th Sep'2020 (also applicable to existing pending bookings as per DMS as on 02.09.2020) and takes delivery on/before 30th Sep'2020 shall be entitled for 1 gm Gold Coin (22K) or MSGA or Gift Cheque worth upto ₹5 000 over and above consumer offers as applicable. Gold coin offer is valid till 30th Sep'2020 and is applicable on all models. Cost of 1gm Gold Coin has been calculated at current applicable rate of ₹50 000/10gm ( 22K gold ). In case of any fluctuations in pricing, offer cannot exceed the amount of ₹5 000 per gm. ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. Terms & Conditions apply. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th September, 2020.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ